ସ୍ୱାଗତଂ ଓଡ଼ିଶା

# ଡୁମାଣୀ ଖବର

Dumani Khabar (Odia Daily)

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Visit us: www.dumanikhabar.in • e-paper.dumanikhabar.in

DUMANI TV — Follow us: f YouTube

ବର୍ଷ-୬ | ସଂଖ୍ୟା-୬୭ | ଶୁକ୍ରବାର | ୩୦ ମଇ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-67 | Friday | 30 May 2025 | Bhubaneswar | Pages-8 | Rs. 2.00

### ସାକ୍ଷୀଗୋପାଳରୁ ଆରମ୍ଭ ହେଲା ଜାତୀୟ କାର୍ଯ୍ୟକ୍ରମ 'ବିକଶିତ କୃଷି ସଂକଳ୍ପ ଅଭିଯାନ'

## 'ବିକଶିତ କୃଷି ସଂକଳ୍ପ ଅଭିଯାନ' ଏକ ଯୁଗାନ୍ତକାରୀ ପଦକ୍ଷେପ: ମୁଖ୍ୟମନ୍ତ୍ରୀ

ପୁରୀ, ୨୯।୫ (ଡିକେ ନ୍ୟୁଜ): ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରାଳୟ ପକ୍ଷରୁ ଗୁରୁବାର ପୁରୀର ସାକ୍ଷୀଗୋପାଳ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଠାରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂଚୌହାନ୍ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର କୃଷିମନ୍ତ୍ରୀ ଶ୍ରୀ ଚୌହାନ୍ ଏହି ଜାତୀୟ କାର୍ଯ୍ୟକ୍ରମକୁ ଏକ ପେଡ ମା' କେ ନାମ ଅଭିଯାନ ଆଧାରରେ ଗଛ ଲଗାଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆଗାମୀ ୧୫ ଦିନ ଧରି ଚାଲୁ ରହିବାକୁ ଥିବା ଏହି ଅଭିଯାନରେ ପ୍ରାୟ ୧.୫ କୋଟି ଚାଷୀଙ୍କ ସହିତ ସରକାର ସିଧାସଳଖ ସାକ୍ଷାତକାର କରି ସେମାନଙ୍କୁ ନୂତନ କୃଷି ଜ୍ଞାନ କୌଶଳ ଓ ପ୍ରଯୁକ୍ତିବିଦ୍ୟା ବିଷୟରେ ଅବଗତ କରାଇବେ। ଆଜିଠାରୁ ୧୨ ଜୁନ ପର୍ଯ୍ୟନ୍ତ ଦେଶବ୍ୟାପୀ ଚାଲିବାକୁ ଥିବା 'ବିକଶିତ କୃଷି ସଂକଳ୍ପ ଅଭିଯାନ' ଭାରତ ସରକାରଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ କହିଥିଲେ କୃଷକମାନଙ୍କ ମଧ୍ୟରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ନୂତନ ବିହନ କିସମ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଏହି ଅଭିଯାନ ମାଧ୍ୟମରେ ଦେଶର ୭୦୦ ଜିଲ୍ଲାର ପ୍ରାୟ ୧ କୋଟି ୫୦ ଲକ୍ଷ ଚାଷୀଙ୍କ ନିକଟରେ ସରକାର ପହଞ୍ଚି ନୂତନ କୃଷି ପ୍ରଯୁକ୍ତିବିଦ୍ୟା ପ୍ରୟୋଗ ବିଷୟରେ ଅବଗତ କରାଇବେ। ପ୍ରତ୍ୟେକ ଜିଲ୍ଲା ସ୍ତରରେ ତିନୋଟି ଦଳ ଗଠନ କରାଯାଇ କୃଷି, ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ ସମ୍ବନ୍ଧୀୟ ବିଷୟ ବସ୍ତୁ ଗୁଡ଼ିକୁ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଓ ବିଭାଗୀୟ ଅଧିକାରୀମାନେ ମିଳିତ ଭାବରେ ଗ୍ରାମୀଣ କୃଷକମାନଙ୍କୁ ଏ ବିଷୟରେ ବୁଝାଇବେ। ପ୍ରତ୍ୟେକ ଦଳ, ଦୈନିକ ଦୁଇଟି ଗାଁ ଗସ୍ତ କରି ପ୍ରତ୍ୟେକ ଗାଁ'ରେ ୨୫୦ ଜଣ ଚାଷୀଙ୍କୁ ଭେଟି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର କୃଷକ କଲ୍ୟାଣ ଯୋଜନା ଗୁଡ଼ିକୁ ବୁଝାଇବା ସହ ନୂତନ ଜ୍ଞାନ କୌଶଳର ପ୍ରୟୋଗାତ୍ମକ ଦିଗ ଉପରେ ସେମାନଙ୍କ ସହ ଆଲୋଚନା କରିବେ। ଗବେଷଣାଲବ୍ଧ କୃଷି ସୂଚନା କିପରି ଚାଷୀମାନଙ୍କ ନିକଟରେ ପହଞ୍ଚିବ ସେ ବିଷୟରେ ପଦକ୍ଷେପ ନିଆଯିବ। ବିଶେଷ କରି ମୃତ୍ତିକାର ସ୍ୱାସ୍ଥ୍ୟ ପରୀକ୍ଷା, ମୃତ୍ତିକା ସ୍ୱାସ୍ଥ୍ୟକାର୍ଡର ବ୍ୟବହାରିତା, ସାର ପରିଚାଳନା ଓ ଜଳବାୟୁ ପ୍ରତିରୋଧ କୃଷି ବିଷୟରେ ଚାଷୀଙ୍କୁ ଅବଗତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର, ରାଜ୍ୟର ଧାନଚାଷୀ ଭାଇ ଭଉଣୀମାନଙ୍କୁ ଉତ୍ତମ ମୂଲ୍ୟ ପ୍ରଦାନ କରିବା ସହିତ ସେମାନଙ୍କୁ ସମାଜର ଆର୍ଥିକ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ବିଭିନ୍ନ ଐତିହାସିକ ପଦକ୍ଷେପ ନେଇଛନ୍ତି। ସରକାରର କୃଷକମାନଙ୍କ ପାଇଁ ନୂଆ ନୂଆ ଯୋଜନା ଏବଂ ଚାଷୀଙ୍କ କଲ୍ୟାଣ ପାଇଁ ପ୍ରତିବଦ୍ଧତା ଯୋଗୁଁ ଏହା ସମ୍ଭବ ହୋଇପାରିଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ର କୃଷିମନ୍ତ୍ରୀ ଚୌହାନ କହିଥିଲେ ଯେ, ଓଡ଼ିଶା ରାଜ୍ୟ, ଆଜି ସାରା ଭାରତ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି। ସମୃଦ୍ଧ କୃଷକ ଯୋଜନା ମାଧ୍ୟମରେ ସରକାର ଚାଷୀଙ୍କଠାରୁ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ କ୍ରୟ କରୁଛନ୍ତି। ଯାହାକି ଧାନର ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ୮୦୦ ଟଙ୍କା ଅଧିକ। ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଚାଷୀର ଆୟ ବଢିଲେ ଦେଶର ଆୟ ବଢେ ବୋଲି ସେ କହିଥିଲେ। କେବଳ ଚାଷ କ୍ଷେତ୍ର ନୁହେଁ, ସୁଭଦ୍ରା ଭଳି ଯୋଜନା ଯୋଗୁଁ ଆଜି ରାଜ୍ୟର ଅନେକ ମହିଳା ଲାଭାନ୍ୱିତ ମହିଳାଙ୍କର ସଶକ୍ତିକରଣ • ପୃଷ୍ଠା ୭ ଦେଖନ୍ତୁ...



## ସିକ୍କିମରେ ବହୁବିଧ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ, ଉଦଘାଟନ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୨୯।୫ (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଭିଡିଓ କନଫରେନ୍ସିଂ ମାଧ୍ୟମରେ ଗ୍ୟାଙ୍ଗଟକରେ 'ସିକ୍କିମ୫୦' କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଛନ୍ତି। ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ଥିଲା 'ଯେଉଁଠାରେ ପ୍ରଗତି ଉଦ୍ଦେଶ୍ୟ ସହିତ ମିଳିତ ହୁଏ ଏବଂ ପ୍ରକୃତି ବିକାଶକୁ ପ୍ରତିପାଳନ କରେ'। ଏହି ଅବସରରେ ସେ ସିକ୍କିମ୍ ରାଜ୍ୟ ଗଠନର ୫୦ତମ ବାର୍ଷିକୀ ପାଳନ ଅବସରରେ ଏହି ବିଶେଷ ଦିବସରେ ସିକ୍କିମର ଲୋକମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେ କହିଥିଲେ ଯେ, ସେ ବ୍ୟକ୍ତିଗତ ଭାବରେ ଲୋକଙ୍କ ଉତ୍ସାହ, ଶକ୍ତି ଏବଂ ଆଗ୍ରହକୁ ଦେଖିବାକୁ ଚାହୁଁଥିଲେ, କିନ୍ତୁ ପ୍ରତିକୂଳ ପାଗ ଯୋଗୁଁ ସେ ଉପସ୍ଥିତ ରହିପାରିଲେ ନାହିଁ। ସେ ନିକଟ ଭବିଷ୍ୟତରେ ସିକ୍କିମ୍ ଗସ୍ତ କରି ସେମାନଙ୍କ ସଫଳତା ଏବଂ ଉତ୍ସବର ଅଂଶ ହେବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଆଜି ବିଗତ ୫୦ ବର୍ଷର ସେମାନଙ୍କର ସଫଳତାକୁ ପାଳନ କରିବାର ଦିନ ଓ ଏହି ମହାନ କାର୍ଯ୍ୟକ୍ରମକୁ ସ୍ମରଣୀୟ କରିବାରେ ସେ ସିକ୍କିମ୍ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ଦଳର କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିଥିଲେ। ସେ ପୁଣି ଥରେ ସିକ୍କିମର ଲୋକମାନଙ୍କୁ ସେମାନଙ୍କ ରାଜ୍ୟ ଗଠନର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଶୁଭେଚ୍ଛା ଜଣାଇଥିଲେ। ୫୦ ବର୍ଷ ପୂର୍ବେ, ସିକ୍କିମ୍ ନିଜ ପାଇଁ ଏକ ଗଣତାନ୍ତ୍ରିକ ଭବିଷ୍ୟତ ନିର୍ମାଣ କରିଥିଲା। ସିକ୍କିମ୍‌ର ଲୋକମାନେ କେବଳ ଭାରତର ଭୂଗୋଳ ସହିତ ନୁହେଁ, ବରଂ ଏହାର ଆତ୍ମା ସହିତ ମଧ୍ୟ ଜଡିତ ଥିଲେ ବୋଲି ଶ୍ରୀ ମୋଦି କହିଛନ୍ତି, ଏକ ବିଶ୍ୱାସ ଥିଲା ଯେ, ଯେତେବେଳେ ପ୍ରତ୍ୟେକଙ୍କ ସ୍ୱର ଶୁଣାଯାଏ ଏବଂ ଅଧିକାର ସୁରକ୍ଷିତ ହୁଏ, ସେତେବେଳେ ବିକାଶ ପାଇଁ ସମାନ ସୁଯୋଗ ସୃଷ୍ଟି ହେବ। ସେ କହିଥିଲେ ଯେ ଆଜି ସିକ୍କିମର ପ୍ରତ୍ୟେକ ପରିବାରର ବିଶ୍ୱାସ ଆହୁରି ଦୃଢ଼ ହୋଇଛି। ଶ୍ରୀ ମୋଦି ଗୁରୁତ୍ୱାରୋପ କରିଥିଲେ ଯେ ଦେଶ ସିକ୍କିମର ଉଲ୍ଲେଖନୀୟ ପ୍ରଗତିରେ ଏହି ବିଶ୍ୱାସର ଫଳାଫଳ ଦେଖିଛି। ସିକ୍କିମ୍ ହେଉଛି ଜାତିର ଗର୍ବ, ବୋଲି ସେ ଘୋଷଣା କରି କହିଥିଲେ ଯେ, ଗତ ୫୦ ବର୍ଷ ମଧ୍ୟରେ, ସିକ୍କିମ୍ ପ୍ରକୃତି ସହିତ ପ୍ରଗତିର ଏକ ମଡେଲ୍ ପାଲଟିଛି। ଏହା ଜୈବ ବିବିଧତାର ଏକ ବିଶାଳ ଅଭୟାରଣ୍ୟରେ ପରିଣତ ହୋଇଛି, ୧୦୦% ଜୈବିକ ରାଜ୍ୟର ମାନ୍ୟତା ହାସଲ କରିଛି ଏବଂ ସାଂସ୍କୃତିକ ଏବଂ ଐତିହ୍ୟ ସମୃଦ୍ଧିର ପ୍ରତୀକ ଭାବରେ ଉଭା ହୋଇଛି। ଶ୍ରୀ ମୋଦି ଆଲୋକପାତ କରିଥିଲେ ଯେ, ଆଜି ସିକ୍କିମ୍ ଦେଶର ସର୍ବାଧିକ ମୁଣ୍ଡପିଛା ଆୟ ଥିବା ରାଜ୍ୟଗୁଡ଼ିକ ମଧ୍ୟରେ ଅନ୍ୟତମ। ସେ ଦୃଢ଼ ଭାବରେ କହିଥିଲେ, ଏହି ସଫଳତାଗୁଡ଼ିକ ସିକ୍କିମ୍ ଲୋକଙ୍କ ଦକ୍ଷତାର ପ୍ରମାଣ। ଶ୍ରୀ ମୋଦୀ ଗତ ପାଞ୍ଚ ଦଶନ୍ଧି ଧରି ସିକ୍କିମରୁ ସୃଷ୍ଟି ହୋଇଥିବା ଅନେକ ତାରକାଙ୍କୁ ଜାଣିଛନ୍ତି, ଯେଉଁମାନେ ଭାରତର ଦିଗନ୍ତକୁ ଆଲୋକିତ କରୁଛନ୍ତି। ସେ ସିକ୍କିମର ସମୃଦ୍ଧ ସଂସ୍କୃତି ଏବଂ ସମୃଦ୍ଧି ପ୍ରତି ପ୍ରତ୍ୟେକ ସମ୍ପ୍ରଦାୟର ଅବଦାନକୁ ସ୍ୱୀକାର କରିଥିଲେ। ୨୦୧୪ ମସିହାରୁ ତାଙ୍କ ସରକାର ସବକା ସାଥ, ସବକା ବିକାଶ - ସମସ୍ତଙ୍କ ସମର୍ଥନରେ ସମସ୍ତଙ୍କ ପାଇଁ ବିକାଶ - ନୀତି ଅନୁସରଣ କରିଆସିଛି ବୋଲି ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ ଯେ, ଏକ ବିକଶିତ ଭାରତ ପାଇଁ ସନ୍ତୁଳିତ ବିକାଶ ଆବଶ୍ୟକ, ଏହା ସୁନିଶ୍ଚିତ କରେ ଯେପରି କୌଣସି ଅଞ୍ଚଳ ପଛରେ ନପଡ଼ି ଅନ୍ୟ ଏକ କ୍ଷେତ୍ର ପ୍ରଗତିଶୀଳ ହୁଏ। ଭାରତର ପ୍ରତ୍ୟେକ ରାଜ୍ୟ ଏବଂ ଅଞ୍ଚଳର ନିଜସ୍ୱ ଅନନ୍ୟ ଶକ୍ତି ଅଛି, ଏହି ଦୃଷ୍ଟିକୋଣକୁ ଆଖି ଆଗରେ ରଖି ସରକାର ଗତ ଦଶନ୍ଧିରେ ଉତ୍ତର-ପୂର୍ବକୁ ବିକାଶର କେନ୍ଦ୍ରରେ ରଖିଛନ୍ତି ବୋଲି ଉଲ୍ଲେଖ କରିବା ସହିତ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ସରକାର 'ଆକ୍ଟ ଫାଷ୍ଟ' ମନୋଭାବ ସହିତ 'ଆକ୍ଟ ଇଷ୍ଟ' ନୀତିକୁ ଆଗକୁ ବଢ଼ାଉଛନ୍ତି। ଦିଲ୍ଲୀରେ ଅନୁଷ୍ଠିତ • ପୃଷ୍ଠା ୭ ଦେଖନ୍ତୁ...

## ଟିଏମସି ଶାସନ ସମୟରେ ହଜାର ହଜାର ଶିକ୍ଷକଙ୍କ ଭବିଷ୍ୟତ ନଷ୍ଟ ହୋଇଥିଲା: ମୋଦି



କୋଲକାତା, ୨୯।୫ (ହି.ସ): ପଶ୍ଚିମବଙ୍ଗ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ମମତା ବାନାର୍ଜୀ ସରକାରଙ୍କୁ କଡ଼ା ଟାର୍ଗେଟ କରିଥିଲେ। ଆଲିପୁରଦ୍ୱାରରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦି ମୁର୍ଶିଦାବାଦ ଏବଂ ମାଲଦାର କଥା ଉଠାଇ କହିଥିଲେ ଯେ ପଶ୍ଚିମବଙ୍ଗରେ ଗୁଣ୍ଡାଗିରିକୁ ସମର୍ଥନ କରାଯାଉଛି। ସେ କହିଥିଲେ ଯେ ଏଠାରେ ଯାହା ଘଟିଲା ତାହା ରାଜ୍ୟର ଟିଏମସି ସରକାରଙ୍କ ନିଷ୍ଠୁରତାର ଏକ ଉଦାହରଣ। ପ୍ରଧାନମନ୍ତ୍ରୀ ମୋଦି କହିଥିଲେ, ପଶ୍ଚିମବଙ୍ଗର ଲୋକମାନେ ଆଉ ଟିଏମସି ସରକାରଙ୍କ ବ୍ୟବସ୍ଥା ଉପରେ ବିଶ୍ୱାସ କରନ୍ତି ନାହିଁ। ଏଠାକାର ଲୋକଙ୍କ ପାଖରେ ଏବେ କେବଳ କୋର୍ଟ ଉପରେ ନିର୍ଭର କରିବା ପାଇଁ ଅଛି, ତେଣୁ ସମଗ୍ର ପଶ୍ଚିମବଙ୍ଗ କହୁଛି - ଆମେ ଏକ ନିଷ୍ଠୁର ସରକାର ଚାହୁଁନାହୁଁ। ମମତା ସରକାରଙ୍କୁ ଟାର୍ଗେଟ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଆଜି ପଶ୍ଚିମବଙ୍ଗ ଏକକାଳୀନ ଅନେକ ସଙ୍କଟରେ ଘେରି ରହିଛି। ପ୍ରଥମ ସଙ୍କଟ ହେଉଛି ସମାଜରେ ହିଂସା ଏବଂ ଅରାଜକତା ବ୍ୟାପିବାର, ଦ୍ୱିତୀୟ ସଙ୍କଟ ହେଉଛି ମା' ଏବଂ ଭଉଣୀମାନଙ୍କ ପାଇଁ ସୁରକ୍ଷାର ଅଭାବ, ସେମାନଙ୍କ ବିରୁଦ୍ଧରେ ଘଟୁଥିବା ଜଘନ୍ୟ ଅପରାଧ। ତୃତୀୟ ସଙ୍କଟ ହେଉଛି ଯୁବପିଢ଼ିଙ୍କ ମଧ୍ୟରେ ବ୍ୟାପକ ବେକାରୀ। ଚତୁର୍ଥ ସଙ୍କଟ ହେଉଛି ବ୍ୟାପକ ଦୁର୍ନୀତି, ଏଠାରେ ବ୍ୟବସ୍ଥା ଉପରେ କ୍ରମାଗତ ଭାବରେ ହ୍ରାସ ପାଉଥିବା ଜନସାଧାରଣଙ୍କ ବିଶ୍ୱାସ। ପଞ୍ଚମ ସଙ୍କଟ ହେଉଛି ଶାସକ ଦଳର ସ୍ୱାର୍ଥପର ରାଜନୀତି ଯାହା ଗରିବଙ୍କ ଅଧିକାରକୁ ଛଡ଼ାଇ ନେଉଛି। ଆୟୁଷ୍ମାନ ଯୋଜନା ବିଷୟରେ ଉଲ୍ଲେଖ କରି • ପୃଷ୍ଠା ୭ ଦେଖନ୍ତୁ...

## ନୟାଗଡ ଜିଲ୍ଲା ରାଜ୍ୟରେ ପ୍ରଥମ: ସୃଷ୍ଟି କରିଛି ସର୍ବାଧିକ ୯୮ ପ୍ରତିଶତ ଲକ୍ଷପତି ଦିଦି

ଭୁବନେଶ୍ୱର, ୨୯।୫ (ଡିକେ ନ୍ୟୁଜ୍): ଆମ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଦୂରଦର୍ଶୀ ମାର୍ଗଦର୍ଶନରେ ଲକ୍ଷପତି ଦିଦି ଯୋଜନା ମହିଳାମାନଙ୍କୁ ବାର୍ଷିକ ୧ ଲକ୍ଷ ଟଙ୍କାରୁ ଅଧିକ ରୋଜଗାର କରିବାର ମାର୍ଗ ପ୍ରସ୍ତୁତ କରିଛି। ଏହା କେବଳ ରୋଜଗାରର କଥା ନୁହେଁ। ପରନ୍ତୁ, ଏହାର ମୂଳ ଉଦ୍ଦେଶ୍ୟ ହେଉଛି ମହିଳାମାନଙ୍କୁ ଆର୍ଥିକ ସ୍ୱାଧୀନତା ଦେବା ଏବଂ ଗ୍ରାମାଞ୍ଚଳ ମହିଳାଙ୍କ ମଧ୍ୟରେ ନେତୃତ୍ୱ ଭାବନା ଜାଗ୍ରତ କରିବା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ରାଷ୍ଟ୍ରୀୟ ଲକ୍ଷପତି ଦିଦି ସମ୍ମିଳନୀ-୨୦୨୫ ଅବସରରେ କହିଛନ୍ତି। ସୂଚନାଯୋଗ୍ୟ ଯେ ଲୋକସେବା ଭବନ କନଭେନସନ ସେଣ୍ଟର ଠାରେ ମିଶନ ଶକ୍ତି ବିଭାଗ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଦେଶର ୨୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ଲକ୍ଷପତି ଦିଦି ଓ ସରକାରୀ ଅଧିକାରୀମାନେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ଆଜିର ଏହି ସମ୍ମିଳନୀ କେବଳ ଆମ ପାଇଁ ଉପଲବ୍ଧିର ଉତ୍ସବ ନୁହେଁ ବରଂ ଏହା ହେଉଛି ଆମର ମହିଳା ନେତୃତ୍ୱ ପ୍ରତି ସଂକଳ୍ପ।



ମହିଳାମାନଙ୍କ ଶକ୍ତି ଓ ଉଦ୍ୟମ ପରିବାର ଓ ଦେଶର ଭବିଷ୍ୟତକୁ ସୁଦୃଢ କରିଥାଏ। ଲକ୍ଷପତି ଦିଦି ଯୋଜନା କେବଳ ଏକ କଲ୍ୟାଣକାରୀ ଯୋଜନା ନୁହେଁ, ଏହା ହେଉଛି ଏକ ସମାବେଶୀ ଓ ସ୍ଥାୟୀ ବିକାଶର ରଣନୀତି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ମହିଳାଙ୍କର ରାଜନୈତିକ, ସାମାଜିକ ଏବଂ ଅର୍ଥନୈତିକ ସ୍ୱତନ୍ତ୍ରତା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜନୀତିକ କ୍ଷେତ୍ରରେ ମହିଳାମାନଙ୍କ ପ୍ରତିନିଧିତ୍ୱ ପାଇଁ ନାରୀଶକ୍ତି ବନ୍ଦନ ଅଧିନିୟମ ସଂସଦରେ ପାରିତ ହୋଇଛି। ଏହା ମାଧ୍ୟମରେ ଆଗାମୀ ନିର୍ବାଚନରେ ଅତି କମରେ ୩୩ ପ୍ରତିଶତ ମହିଳା ଲୋକସଭା ଓ ବିଧାନସଭାକୁ ନିର୍ବାଚିତ ହୋଇ ଆସିବେ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଓଡିଶା ଲକ୍ଷପତି ଦିଦି ମିଶନକୁ ପ୍ରତିବଦ୍ଧତାର ସହ କାର୍ଯ୍ୟକାରୀ କରିଛି। ପ୍ରାୟ ୧୭ ଲକ୍ଷ ମହିଳାଙ୍କୁ ଲକ୍ଷପତି ଦିଦି ଭାବେ ଗଢି ଆଜି ଓଡିଶା ଭାରତ ବର୍ଷରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହି ସଫଳତା ଆମ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ନିଷ୍ଠା, ମିଶନ ଶକ୍ତି ଏବଂ ଓଡିଶା ଜୀବିକା ମିଶନର ଆନ୍ତରିକତା ଓ ତୃଣମୂଳ ସ୍ତରରେ ଦକ୍ଷତାପୂର୍ଣ୍ଣ କାର୍ଯ୍ୟର ଫଳସ୍ୱରୂପ ଆମକୁ ମିଳିଛି। ସେ ଆହୁରି କହିଥିଲେ, ଓଡିଶାର ସମସ୍ତ • ପୃଷ୍ଠା ୭ ଦେଖନ୍ତୁ...

## 'ପାକିସ୍ତାନ ଅଧିକୃତ କଶ୍ମୀର ଦିନେ ଭାରତର ହେବ'

ନୂଆଦିଲ୍ଲୀ, ୨୯।୫ (ହି.ସ): ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ପୁଣିଥରେ ଦେଶକୁ ଏହି ଭରସା ଦେଇଛନ୍ତି ଯେ, ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ଦିନେ ଭାରତର ହେବା ନିଶ୍ଚିତ। ପିଓକେର ଭାରତ ସହିତ ଏକତ୍ରିକରଣ ଏହି ଦେଶର ସାଂସ୍କୃତିକ, ସାମାଜିକ ଓ ଆର୍ଥିକ ସମୃଦ୍ଧିରେ ନିର୍ଭର କରେ। ପିଓକେରେ ରହୁଥିବା ଅଧିକାଂଶ ଲୋକ ଭାରତ ସହିତ ଗଭୀର ସମ୍ପର୍କ ଅନୁଭବ କରନ୍ତି। କେବଳ କିଛି ଲୋକଙ୍କୁ ଭ୍ରମିତ କରାଯାଇଛି।ପିଓକେରେ ରହୁଥିବା ଆମ ଭାଇମାନଙ୍କର ସ୍ଥିତି ହେଉଛି ବୀର ଯୋଦ୍ଧା ମହାରାଣା ପ୍ରତାପଙ୍କର ଛୋଟ ଭାଇ ଶକ୍ତି ସିଂହଙ୍କ ପରି। ସେ କହିଛନ୍ତି ଯେ, ଭାରତ ସଦା ସର୍ବଦା ହୃଦୟକୁ ଯୋଡିବା ଦିଗରେ ଚିନ୍ତା କରିଛି ଏବଂ ଆମର ବିଶ୍ୱାସ ଯେ, ପ୍ରେମ, ଏକତା ଓ ସତ୍ୟର ପଥରେ ଚାଲି ସେହି ଦିନ ଆଉ ଦୂର ନୁହେଁ ଯେଉଁଠି ଆମର ନିଜର ଅଂଶ, ପିଓକେ, ପୁଣି ଥରେ ଭାରତ ପାଖକୁ ଫେରିବ। ପ୍ରତିରକ୍ଷାମନ୍ତ୍ରୀ ଗୁରୁବାର ଭାରତୀୟ ଉଦ୍ୟୋଗ ପରିଷଦର ବାର୍ଷିକ ବ୍ୟବସାୟ ଶିଖର ସମ୍ମିଳନୀ–୨୦୨୫ର • ପୃଷ୍ଠା ୭ ଦେଖନ୍ତୁ...

## ବଙ୍ଗୋପସାଗରରେ ସୃଷ୍ଟି ହେଲା ଅବପାତ



ଭୁବନେଶ୍ୱର, ୨୯।୫ (ଡିକେ ନ୍ୟୁଜ୍): ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ଗୁରୁବାର ସୃଷ୍ଟି ହୋଇଛି ଗଭୀର ଅବପାତ। ଏହି ଅବପାତ ୨୦ କିମି ବେଗରେ ଉତ୍ତର ଦିଗକୁ ଗତିକରି ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି। ଦୀଘାଠାରୁ ୧୧୦ କିମି ପୂର୍ବ ଦକ୍ଷିଣପୂର୍ବ ଦିଗରେ ଏହା କେନ୍ଦ୍ରୀଭୂତ ହୋଇ ଉତ୍ତର ଦିଗରେ ଗତି କରି ଅପରାହ୍ନରେ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଥିବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ସାଗର ଦୀପ ଓ ଖେପୁପରା ମଧ୍ୟରେ ଏହା ଅତିକ୍ରମ କରିବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ସୂଚନାରୁ ପ୍ରକାଶ। ଅନ୍ୟପକ୍ଷରେ ବୁଧବାର ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଛୁଇଁଛି। ନିର୍ଦ୍ଧାରିତ ସମୟ ପୂର୍ବରୁ ମୌସୁମୀ ବାୟୁ ଓଡ଼ିଶାରେ ପ୍ରବେଶ କରିଛି। ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ମୌସୁମୀ ବାୟୁ ଅଗ୍ରସର ହେବା ସହ କିଛି ସ୍ଥାନରେ ବର୍ଷା ମଧ୍ୟ ହୋଇଛି। ଏହା ପୂର୍ବରୁ ୧୯୯୯ ମେ' ୨୮ରେ ଓ ୨୦୦୯ ମେ' ୨୫ରେ ମୌସୁମୀ ଓଡ଼ିଶା ଛୁଇଁଥିଲା। ଭାରତୀୟ ପାଣିପାଗ ବିଭାଗ ସୂଚନାନୁସାରେ, ଦୀର୍ଘ ୧୬ ବର୍ଷ ପରେ ମେ' ମାସରେ ମୌସୁମୀ ଓଡ଼ିଶାରେ ପ୍ରବେଶ କରିଛି। ଚଳିତ ବର୍ଷ ନିର୍ଦ୍ଧାରିତ ସମୟଠାରୁ ୧୨ଦିନ ପୂର୍ବରୁ ମୌସୁମୀ ବାୟୁ କେରଳ ଛୁଇଁଥିଲା। ସେହି ଅନୁସାରେ ଚଳିତ ବର୍ଷ ମୌସୁମୀ ସଅଳ ଓଡ଼ିଶା ଛୁଇଁବ ବୋଲି ପୂର୍ବାନୁମାନ କରାଯାଇଥିବା ବେଳେ ତାହା ହିଁ ହୋଇଛି। ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ କେରଳ ଛୁଇଁବାର ମାତ୍ର କିଛିଦିନ ମଧ୍ୟରେ ମୌସୁମୀ ଓଡ଼ିଶା ଛୁଇଁଛି। ଅନ୍ୟପଟେ ଉତ୍ତର-ପଶ୍ଚିମ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସକ୍ରିୟ ଘୂର୍ଣ୍ଣିବଳୟ ମଙ୍ଗଳବାର ଲଘୁଚାପ ରୂପ ନେଇଛି। ଏହା ଉତ୍ତରରେ ଗତି କରି ଗୁରୁବାର ଅବପାତର ରୂପ ନେଇପାରେ। ଲଘୁଚାପ ପ୍ରଭାବରେ ଆସନ୍ତା ୨ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ପରବର୍ତ୍ତୀ ଦୁଇଦିନ ବଜ୍ରପାତ ସହ ପ୍ରବଳ ବର୍ଷା ହୋଇପାରେ। ଶୁକ୍ରବାର ଅନୁଗୋଳ, ବାଲେଶ୍ୱର, ଭଦ୍ରକ, ବୌଦ୍ଧ, ଗଞ୍ଜାମ, ଜଗତ୍‌ସିଂହପୁର, କେନ୍ଦ୍ରପଡ଼ା, ମୟୂରଭଞ୍ଜ, ନୟାଗଡ଼, ପୁରୀ, ସୁବର୍ଣ୍ଣପୁର ଆଦି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ମାଲକାନଗିରି, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ବାଲେଶ୍ୱର, ପୁରୀ, ନୟାଗଡ଼, ଖୋର୍ଦ୍ଧା, କଟକ ଓ ଯାଜପୁର ଆଦି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟରେ ଘଡ଼ଘଡ଼ି ସହିତ ବର୍ଷା ସାଙ୍ଗକୁ ଘଣ୍ଟାପ୍ରତି ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିପାରେ। ଏଥିପାଇଁ ସତର୍କ ରହିବାକୁ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଜାରି କରାଯାଇଛି। ଏସ୍‌ଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମତ୍ସ୍ୟଜୀବୀମାନେ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ଫସଲ କ୍ଷୟ ସମ୍ଭାବନା ରହିଥିବାରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି।



# ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ଗିନିଜ୍ ବିଶ୍ୱ ରେକର୍ଡ

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି) ୨୪ ଘଣ୍ଟାରେ ସର୍ବାଧିକ ଜୀବନ ବୀମା ପଲିସି ବିକ୍ରୟ ପାଇଁ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ ଗୌରବ ଅର୍ଜନ କରିଛି। ଏହି ଐତିହାସିକ ଉପଲବ୍ଧିକୁ ଜିଡବ୍ଲୁଆର ଦ୍ୱାରା ଯାଞ୍ଚ କରାଯାଇଛି। ୨୦.୦୧.୨୦୨୫ରେ ନିଗମର ସମର୍ପିତ ଏଜେନ୍ସି ନେଟୱାର୍କର ଅସାଧାରଣ ପ୍ରଦର୍ଶନକୁ ଏହା ସ୍ୱୀକାର କରୁଛି। ୨୦.୦୧.୨୦୨୫ରେ ଭାରତୀୟ ଜୀବନ ବୀମା ନିଗମର ସମୁଦାୟ ୪,୫୨,୮୩୯ ଏଜେଣ୍ଟ ଭାରତ ବ୍ୟାପୀ ୫,୮୮, ୧୦୭ ଜୀବନ ବୀମା ପଲିସି ସଫଳତାର ସହିତ ପୂରଣ ଏବଂ ଜାରି କରିଥିଲେ। ଏହି ମହତ୍ୱପୂର୍ଣ୍ଣ ପ୍ରୟାସ ଜୀବନ ବୀମା ଉଦ୍ୟୋଗରେ ଏଜେଣ୍ଟ ଉତ୍ପାଦକତାରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଟିମ୍ ଏଲଆଇସି ଏହି ପ୍ରତିଷ୍ଠିତ ଗିନିଜ୍ ୱାର୍ଲଡ ରେକର୍ଡ୍ ଗୌରବ ଅର୍ଜନ ପାଇଁ ଅତ୍ୟନ୍ତ ଉତ୍ସାହିତ। ଏହା ଆମର ଏଜେଣ୍ଟମାନଙ୍କର ଅବିଶ୍ରାନ୍ତ ସମର୍ପଣ, ଦକ୍ଷତା ଏବଂ ପରିଶ୍ରମ ନୀତିର ଏକ ଶକ୍ତିଶାଳୀ ପ୍ରମାଣ। ଏହି ଉପଲବ୍ଧି ଆମ ଗ୍ରାହକ ଏବଂ ସେମାନଙ୍କ ପରିବାରଙ୍କୁ ଜରୁରୀ ଆର୍ଥିକ ସୁରକ୍ଷା ପ୍ରଦାନ କରିବା ଉଦ୍ଦେଶ୍ୟ ପ୍ରତି ଆମର ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ରେକର୍ଡ୍ ପ୍ରୟାସ ଏଲଆଇସିର ସିଇଓ ଓ ଏମଡି ଶ୍ରୀ ସିଦ୍ଧାର୍ଥ ମହାନ୍ତିଙ୍କ ଏକ ଚିନ୍ତାପୂର୍ଣ୍ଣ ପଦକ୍ଷେପର ପରିଣାମ ଥିଲା, ଯେଉଁଥିରେ ମ୍ୟାଡ୍ ମିଲିୟନ ଡେ' ଅର୍ଥାତ ୨୦ ଜାନୁଆରୀ ୨୦୨୫ରେ ପ୍ରତ୍ୟେକ ଏଜେଣ୍ଟଙ୍କୁ ଅତିକମରେ ଗୋଟିଏ ପଲିସି ପୂରଣ ପାଇଁ ଅନୁରୋଧ କରାଯାଇଥିଲା। ଏହି ଅବସରରେ ଶ୍ରୀ ମହାନ୍ତି ସମସ୍ତ ମାନ୍ୟବର ଗ୍ରାହକ, ଏଜେଂଟ ଏବଂ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ଯେଉଁମାନେ ମ୍ୟାଡ୍ ମିଲିୟନ ଡେ'କୁ ଐତିହାସିକ କରିଥିଲେ। କାରଣ ସେମାନଙ୍କର ଅସାଧାରଣ ପ୍ରଦର୍ଶନ ଯାହା ଗୋଟିଏ ଦିନରେ ସର୍ବାଧିକ ପଲିସି ଅର୍ଜନ କରିଥିଲା ତାହା ବର୍ତ୍ତମାନ ଗିନିଜ୍ ୱାର୍ଲ୍ଡ ରେକର୍ଡ଼ସ ଦ୍ୱାରା ସ୍ୱୀକୃତ ପାଇଛି ଏବଂ ସେଥିରେ ସ୍ଥାନ ପାଇଛି।



# ନୂଆ ରେକର୍ଡ କରିବ ଭାରତ : ଖୁବଶୀଘ୍ର ୧ ଟ୍ରିଲିୟନ ଡଲାର ଛୁଇଁବ ରପ୍ତାନୀ

**ନୂଆଦିଲ୍ଲୀ,(ହି.ସ):** ଭାରତର ମୋଟ ପଣ୍ୟ ଏବଂ ସେବା ରପ୍ତାନି ଆର୍ଥିକ ବର୍ଷ ୨୬ରେ ଗତ ଆର୍ଥିକ ବର୍ଷର ୮୨୫ ବିଲିୟନ ଡଲାରରୁ ୨୧ ପ୍ରତିଶତରୁ ଅଧିକ ବୃଦ୍ଧି ପାଇ ୧ ଟ୍ରିଲିୟନ ଡଲାର ହେବ ବୋଲି ଆଶା କରାଯାଉଛି। ଏହାର ମୁଖ୍ୟ କାରଣ ଆମେରିକା ଆଡ଼କୁ ରପ୍ତାନୀରେ ଉଲ୍ଲେଖନୀୟ ବୃଦ୍ଧି ବୋଲି ଫେଡେରେସନ ଅଫ ଇଣ୍ଡିଆନ ଏକ୍ସପୋର୍ଟ ଅର୍ଗାନାଇଜେସନର ଅଧ୍ୟକ୍ଷ ଏସ.ସି ରାଲହାନ କହିଛନ୍ତି। ରାଲହାନ କହିଛନ୍ତି ଯେ ବିଶ୍ୱ ଅର୍ଥନୈତିକ ଅନିଶ୍ଚିତତା ମଧ୍ୟରେ ଆନ୍ତର୍ଜାତୀୟ କ୍ରେତାମାନେ ସେମାନଙ୍କର ସୋର୍ସିଂକୁ ବିବିଧତା ଆଣିବାକୁ ଚାହୁଁଥିବା ଏବଂ ଭାରତ ଚୂଡ଼ାନ୍ତ କରୁଥିବା ମୁକ୍ତ ବାଣିଜ୍ୟ ଚୁକ୍ତି ଦ୍ୱାରା ସହାୟତା ମିଳୁଥିବା ଯୋଗୁଁ ଏହି ସୁସ୍ଥ ବୃଦ୍ଧି ହାସଲ ହୋଇପାରେ। ତଥାପି, ସେ ଯୋଗ କରିଛନ୍ତି ଯେ ସୁସ୍ଥ ଆକଳନ ସତ୍ତ୍ୱେ, ଟେକ୍ନିକାଲ ଏବଂ ଅ-ଶୁଳ୍କ ପ୍ରତିବନ୍ଧକ ହେତୁ କିଛି ପ୍ରତିକୂଳତା ଆଶା କରାଯାଉଛି। ଶିଳ୍ପ ସମ୍ମୁଖୀନ ହେଉଥିବା ନୂତନ ଚ୍ୟାଲେଞ୍ଜ ହେଉଛି ଡିଜିଟାଲ ପ୍ରୋଡକ୍ଟ ପାସପୋର୍ଟର କାର୍ଯ୍ୟକାରିତା, ଯାହା ୧ ଜାନୁଆରୀ ୨୦୨୬ରୁ (ୟୁରୋପୀୟ ସଂଘ) ଦ୍ୱାରା ଲାଗୁ ହେବ। ଏହା ଇଲେକ୍ଟ୍ରୋନିକ୍ସ, ବ୍ୟାଟେରୀ, ଟେକ୍ସଟାଇଲ ଏବଂ ନିର୍ମାଣ ସାମଗ୍ରୀ ଭଳି ବିଭାଗରୁ ଆରମ୍ଭ କରି ବିସ୍ତୃତ ଶ୍ରେଣୀର ଉତ୍ପାଦ ପାଇଁ ବାଧ୍ୟତାମୂଳକ ହେବ, ଏବଂ ୨୦୩୦ ସୁଦ୍ଧା ଏହାର ବିସ୍ତୃତ ରୋଲଆଉଟ ଆଶା କରାଯାଉଛି। ଡ଼ିପିପିର ଲକ୍ଷ୍ୟ ହେଉଛି ଏକ ଉତ୍ପାଦର ସମ୍ପୂର୍ଣ୍ଣ ଜୀବନଚକ୍ର-କଞ୍ଚା ସାମଗ୍ରୀରୁ ନିର୍ମାଣ, ବ୍ୟବହାର, ପୁନଃଚକ୍ରଣ, ଏବଂ ନିଷ୍କାସନ ପର୍ଯ୍ୟନ୍ତ-ସୂଚନାକୁ ଡିଜିଟାଲ ଭାବେ ରେକର୍ଡ, ସଂରକ୍ଷଣ, ଏବଂ ଅଂଶୀଦାର କରିବା। ଆର୍ଥିକ ବର୍ଷ ୨୬ରେ, ପଣ୍ୟ ରପ୍ତାନୀ ୨୦୨୪-୨୫ରେ ୪୩୭ ବିଲିୟନ ଡଲାରରୁ ୧୨ ପ୍ରତିଶତ ବୃଦ୍ଧି ପାଇ ୫୨୫-୫୩୫ ବିଲିୟନ ଡଲାର ହେବ ବୋଲି ଆଶା କରାଯାଉଛି। ଯେତେବେଳେ ସେବା ରପ୍ତାନୀ ଗତ ଆର୍ଥିକ ବର୍ଷର ୩୮୭ ବିଲିୟନ ଡଲାରରୁ ପ୍ରାୟ ୨୦ ପ୍ରତିଶତ ବୃଦ୍ଧି ପାଇ ୪୬୫-୪୭୫ ବିଲିୟନ ଡଲାର ହେବ ବୋଲି ରାଲହାନ କହିଛନ୍ତି। ସମସ୍ତ ପ୍ରମୁଖ କ୍ଷେତ୍ରରେ ଏହି ଆର୍ଥିକ ବର୍ଷରେ ପ୍ରମୁଖ ଚାଲାଣରେ ଉଲ୍ଲେଖନୀୟ ବୃଦ୍ଧି ଦେଖାଯିବ ବୋଲି ସେ କହିଛନ୍ତି, ଯୋଗ କରିଛନ୍ତି ଯେ ଇଲେକ୍ଟ୍ରୋନିକ୍ସ, ଇଞ୍ଜିନିୟରିଂ, ରାସାୟନିକ, ଟେକ୍ସଟାଇଲ ଏବଂ ପୋଷାକ, ଔଷଧ, ଏବଂ ଏପରିକି କୃଷି କ୍ଷେତ୍ରରେ ସୁସ୍ଥ ବୃଦ୍ଧି ଆଶା କରାଯାଉଛି। ପେଟ୍ରୋଲିୟମ ଏବଂ ରତ୍ନ ଓ ଆଭୂଷଣ ରପ୍ତାନୀ ମଧ୍ୟ ଆଗାମୀ ବର୍ଷରେ ଇତିବାଚକ ଅଞ୍ଚଳରେ ରହିବ। ଡ଼ିପିପି ଅନୁପାଳନର ବୋଝକୁ ବୃଦ୍ଧି କରିପାରେ, ବିଶେଷ କରି ମାଇକ୍ରୋ, ଛୋଟ ଏବଂ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) କ୍ଷେତ୍ରର ରପ୍ତାନୀକାରୀମାନଙ୍କ ପାଇଁ ଏହା ସ୍ୱଷ୍ଟ ଭାବେ ସୁରକ୍ଷାବାଦୀ ପଦକ୍ଷେପ, ସାହାଇ କହିଛନ୍ତି। ଡିପିପି ଆବଶ୍ୟକତାର ଅନୁପାଳନ ନକଲେ ଚାଲାଣ ପ୍ରତ୍ୟାଖ୍ୟାନ ହେବା କିମ୍ବା ଇୟୁ ବଜାରରେ, ଯାହା ଦିନକୁ ଦିନ ଅଧିକ ସ୍ଥାୟୀତ୍ୱ-କେନ୍ଦ୍ରିତ ହେଉଛି, ପ୍ରତିଯୋଗୀତାରେ ହାନି ହେବାର ଆଶଙ୍କା ରହିଛି, ସାହାଇ କହିଛନ୍ତି। ଏହି ଡିପିପି ଇୟୁର କାର୍ବନ ଟ୍ୟାକ୍ସ, ଜଙ୍ଗଲ ନିଷ୍କାସନ ନିୟମାବଳୀ, ଏବଂ ଇକୋ ଡିଜାଇନ ସଷ୍ଟେନେବଲ ପ୍ରୋଡକ୍ଟ ରେଗୁଲେସନର ପରେ ଆସୁଛି-ଯେଉଁଗୁଡ଼ିକ ୧ ଜାନୁଆରୀ ୨୦୨୬ରୁ ଲାଗୁ ହେବ। ସେ ଆହୁରି କହିଛନ୍ତି ଯେ ଲୋହିତ ସାଗର ସମ୍ବନ୍ଧୀୟ ସମସ୍ୟା ଏବଂ ରୁଷିଆ-ୟୁକ୍ରେନ ଏବଂ ଇସ୍ରାଏଲ-ହାମାସ ମଧ୍ୟରେ ଚାଲିଥିବା ଯୁଦ୍ଧର ସମସ୍ୟାଗୁଡ଼ିକ କମିଛି ଏବଂ ପ୍ରକୃତରେ ଜାହାଜଗୁଡ଼ିକ ଲୋହିତ ସାଗର ମାଧ୍ୟମରେ ଚଳାଚଳ ଆରମ୍ଭ କରିଛନ୍ତି।



# ବେଦାନ୍ତ ଆଲୁମିନିୟମ ଝାରସୁଗୁଡା ପକ୍ଷରୁ ମାଗଣା ଚକ୍ଷୁ ସ୍କ୍ରିନିଂ

**ଝାରସୁଗୁଡା,(ଡିକେ ନ୍ୟୁଜ୍):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଝାରସୁଗୁଡା କାର୍ଯ୍ୟରେ ବାଣିଜ୍ୟିକ ଏବଂ ବୈଷୟିକ ଯାନବାହାନ ଚାଳକମାନଙ୍କ ପାଇଁ ଏକ ମାଗଣା ଚକ୍ଷୁ ସ୍କ୍ରିନିଂ ଶିବିର ଆୟୋଜନ କରିଥିଲା। ତ୍ରିଲୋଚନ ନେତ୍ରାଳୟର ସହଯୋଗରେ ଆୟୋଜିତ ଏହି ବ୍ୟାପକ ପଦକ୍ଷେପ କମ୍ପାନୀର କର୍ମଚାରୀ, ବ୍ୟବସାୟିକ ଅଂଶୀଦାର ଏବଂ ସମ୍ପ୍ରଦାୟ ସଦସ୍ୟଙ୍କ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପ୍ରତି ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଥିଲା। ଏହି ପଦକ୍ଷେପ ମାଧ୍ୟମରେ, ପ୍ଲାଣ୍ଟ ଅଞ୍ଚଳର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଥିବା ୧,୫୦୦ରୁ ଅଧିକ ଡ୍ରାଇଭରଙ୍କୁ ସମ୍ଭାବ୍ୟ ଦୃଷ୍ଟି-ସମ୍ବନ୍ଧୀୟ ସମସ୍ୟା ଚିହ୍ନଟ ପାଇଁ ସ୍କ୍ରିନିଂ କରାଯାଇଛି। ଦୃଷ୍ଟି ବାଧା ଥିବା ବ୍ୟକ୍ତିମାନଙ୍କୁ ମାଗଣାରେ ବିଶେଷଜ୍ଞ ଡାକ୍ତରୀ ପରାମର୍ଶ ଏବଂ ସଂଶୋଧନାତ୍ମକ ଚଷମା ପ୍ରଦାନ କରାଯାଇଥିଲା, ଯାହା ଦୃଷ୍ଟି-ସମ୍ବନ୍ଧୀୟ ସମସ୍ୟାଗୁଡ଼ିକର ସମାଧାନ କରିବାରେ ଏବଂ ସର୍ବାଧିକ ସୁରକ୍ଷା ଏବଂ ଆତ୍ମବିଶ୍ୱାସ ସହିତ କାମ କରିବାର କ୍ଷମତା ବୃଦ୍ଧି କରିବାରେ ସାହାଯ୍ୟ କରିଥିଲା। ଏହି ପଦକ୍ଷେପର ଲକ୍ଷ୍ୟ ଥିଲା ଦୀର୍ଘକାଳୀନ ଚକ୍ଷୁ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା, ରାସ୍ତା ସୁରକ୍ଷା ବୃଦ୍ଧି କରିବା ଏବଂ ପ୍ଲାଣ୍ଟରେ ବିଭିନ୍ନ ଭୂମିକାରେ ନିଯୁକ୍ତ ଡ୍ରାଇଭରମାନଙ୍କ ସାମଗ୍ରିକ ସୁସ୍ଥତାକୁ ସମର୍ଥନ କରିବା, ଯେଉଁମାନେ ବେଦାନ୍ତର ଲଜିଷ୍ଟିକ୍ସ ଏବଂ ଯୋଗାଣ ଶୃଙ୍ଖଳା କାର୍ଯ୍ୟର ସୁଗମ କାର୍ଯ୍ୟକାରିତା ପାଇଁ ଏକ ଅବିଚ୍ଛେଦ୍ୟ ଅଂଶୀଦାର ଅଟନ୍ତି। ଏହି ଅଞ୍ଚଳରେ ମୌସୁମୀ ଋତୁ ଆରମ୍ଭ ହେବା ସହିତ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଆୟୋଜିତ ହୋଇଥିଲା। ପ୍ରବଳ ବର୍ଷା ଏବଂ ପବନ, ଗାଡ଼ି ଚଲାଇବା ସମୟରେ ଅନିଶ୍ଚିତ ପରିସ୍ଥିତିର ସମ୍ଭାବନାକୁ ବୃଦ୍ଧି କରୁଥିବାରୁ, ଚକ୍ଷୁ ଶିବିର ଡ୍ରାଇଭରମାନଙ୍କୁ ସୁରକ୍ଷିତ ଭାବରେ ସେମାନଙ୍କର କର୍ତ୍ତବ୍ୟ ଗ୍ରହଣ କରିବାରେ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି। ଏହି ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, "ବେଦାନ୍ତରେ, ଆମେ ଆମର କର୍ମଚାରୀ ଏବଂ ବ୍ୟବସାୟିକ ଅଂଶୀଦାରମାନଙ୍କୁ ଆମର କାର୍ଯ୍ୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ବୋଲି ବିବେଚନା କରୁ। ଆମର ସାରଥି - ଆମ ଯୋଗାଣ ଶୃଙ୍ଖଳାକୁ ସୁଗମ ଏବଂ ନିର୍ବିଘ୍ନ ରଖିବାରେ ସାହାଯ୍ୟ କରୁଥିବା ଉତ୍ସର୍ଗୀକୃତ ଡ୍ରାଇଭରମାନେ - ଆମର ପ୍ରଗତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏହି ପଦକ୍ଷେପ ସେମାନଙ୍କର ସମ୍ପୂର୍ଣ୍ଣ ସୁସ୍ଥତାକୁ ସୁନିଶ୍ଚିତ କରିବା ତଥା ସଂସ୍କୃତି ପ୍ରତି ଆମର ଗଭୀର ପ୍ରତିବଦ୍ଧତାକୁ ପୂରଣ କରୁଛି। କମ୍ପାନୀର କାର୍ଯ୍ୟରେ ଡ୍ରାଇଭର ଶ୍ରୀଯୁକ୍ତ ଗଙ୍ଗାଧର ଲୁହାର ତାଙ୍କ କୃତଜ୍ଞତା ପ୍ରକାଶ କରି କହିଛନ୍ତି, ଦୀର୍ଘ ଘଣ୍ଟା ଧରି ଗାଡ଼ି ଚଲାଇବା ପରେ ମୁଁ ଦୃଷ୍ଟି ସମସ୍ୟା ସହିତ ସଂଘର୍ଷ କରୁଥିଲି। ଶିବିରରେ ସମ୍ପୂର୍ଣ୍ଣ ଚକ୍ଷୁ ପରୀକ୍ଷା ଏକ ଛୋଟ ଦୃଷ୍ଟି ସମସ୍ୟା ନିର୍ଣ୍ଣୟ କରିବାରେ ସାହାଯ୍ୟ କରିଥିଲା, ଏବଂ ମୁଁ ପାଇଥିବା ସଂଶୋଧନ ଚଷମା ଏକ ବଡ଼ ପରିବର୍ତ୍ତନ ଆଣିଛି। ଏବେ, ମୁଁ ସ୍ୱଷ୍ଟ ଦୃଷ୍ଟି ଏବଂ ହ୍ରାସିତ ଆଖି ଚାପ ସହିତ ଆତ୍ମବିଶ୍ୱାସର ସହିତ ଗାଡ଼ି ଚଲାଇପାରୁଛି। ଏହାର କର୍ମଚାରୀ ଏବଂ ବ୍ୟବସାୟିକ ଅଂଶୀଦାରମାନଙ୍କୁ ସମର୍ଥନ କରିବା ପାଇଁ ଚାଲିଥିବା ପ୍ରୟାସର ଏକ ଅଂଶ ଭାବରେ, ବେଦାନ୍ତ ଝାରସୁଗୁଡ଼ା ସ୍ୱାସ୍ଥ୍ୟ ଶିବିର, ସଚେତନତା କାର୍ଯ୍ୟକ୍ରମ ଏବଂ ସେମାନଙ୍କର ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ଆବଶ୍ୟକତା ଅନୁଯାୟୀ ସୁରକ୍ଷା ପଦକ୍ଷେପଗୁଡ଼ିକୁ ସକ୍ରିୟ ଭାବରେ ଆୟୋଜନ କରୁଛି। ଏଥିମଧ୍ୟରୁ ଏକ ପ୍ରମୁଖ ପଦକ୍ଷେପ ହେଉଛି ସୁରକ୍ଷା ସାରଥି, ବେଦାନ୍ତର କାର୍ଯ୍ୟରେ ଏବଂ ଏହାର ଆଖପାଖରେ କାର୍ଯ୍ୟ କରୁଥିବା ଡ୍ରାଇଭରମାନଙ୍କ ପାଇଁ ଏକ ଉତ୍ସର୍ଗୀକୃତ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ଯାହାର ଲକ୍ଷ୍ୟ ରାସ୍ତା ଏବଂ ବୃତିଗତ ସୁରକ୍ଷାରେ ସର୍ବୋତ୍ତମ ଅଭ୍ୟାସଗୁଡ଼ିକୁ ସୁଦୃଢ଼ କରିବା। ପୂର୍ବରୁ, କମ୍ପାନୀ ଏହାର ମେଗା ଆଲୁମିନିୟମ ପ୍ଲାଣ୍ଟରେ କାର୍ଯ୍ୟରତ ଡ୍ରାଇଭରମାନଙ୍କ ମଧ୍ୟରେ ସଡ଼କ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ହାଲୁକା ମୋଟର ଯାନ (ଏଲଏମଭି) ଏବଂ ଭାରୀ ମୋଟର ଯାନ (ଏଚଏମଭି) ସିମୁଲେସନ୍ ତାଲିମ କେନ୍ଦ୍ର ଆରମ୍ଭ କରିଛି। ଏହି ପଦକ୍ଷେପଗୁଡ଼ିକ ଏହାର କାର୍ଯ୍ୟକୁ ସୁଗମ ଭାବରେ ଚଳାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଡ୍ରାଇଭରମାନଙ୍କ ପାଇଁ ଏକ ସୁରକ୍ଷିତ ଏବଂ ସହାୟକ ପରିବେଶ ସୃଷ୍ଟି କରିବା ଉପରେ ବେଦାନ୍ତର ଧ୍ୟାନକୁ ପ୍ରତିଫଳିତ କରେ। ବେଦାନ୍ତ ଲିମିଟେଡର ଏକ ବ୍ୟବସାୟ, ବେଦାନ୍ତ ଆଲୁମିନିୟମ୍, ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ, ଯାହା ଆର୍ଥିକ ବର୍ଷ ୨୫ ମସିହାରେ ଭାରତର ଅଧାରୁ ଅଧିକ ଅର୍ଥାତ୍ ୨.୪୨ ନିୟୁତ ଟନ୍ ଆଲୁମିନିୟମ୍ ଉତ୍ପାଦନ କରିଛି। ଏହା ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦରେ ଅଗ୍ରଣୀ ଭାବରେ ଉଭା ହୋଇଛି ଯାହାକି ମୁଖ୍ୟ ଶିଳ୍ପଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ ବ୍ୟବହାର କରିଥାଏ। ଆଲୁମିନିୟମ୍ ଶିଳ୍ପ ପାଇଁ ଏସଏଣ୍ଡପି ଗ୍ଲୋବାଲ୍ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଣ୍ଟ ୨୦୨୪ ବିଶ୍ୱ ରାଙ୍କିଂରେ ବେଦାନ୍ତ ଆଲୁମିନିୟମ୍ ଦ୍ୱିତୀୟ ସ୍ଥାନରେ ଅଛି, ଯାହା ଏହାର ପ୍ରମୁଖ ସ୍ଥାୟୀ ବିକାଶ ଅଭ୍ୟାସର ପ୍ରତିଫଳନ। ଭାରତରେ ଏହାର ବିଶ୍ୱସ୍ତରୀୟ ଆଲୁମିନିୟମ୍ ସ୍ମେଲ୍ଟର, ଆଲୁମିନା ରିଫାଇନାରୀ ଏବଂ ପାୱାର ପ୍ଲାଣ୍ଟ ସହିତ, କମ୍ପାନୀ ଏକ ସବୁଜ ଆସନ୍ତାକାଲି ପାଇଁ ଭବିଷ୍ୟତର ଧାତୁ ଭାବରେ ଆଲୁମିନିୟମ୍ ଉଦୀୟମାନ ପ୍ରୟୋଗଗୁଡ଼ିକୁ ପ୍ରୋତ୍ସାହିତ କରିବାର ଏହାର ଲକ୍ଷ୍ୟ ପୂରଣ କରୁଛି।



# ରାଜ୍ୟରେ ହେବ କ୍ରୁଜ୍ ଟର୍ମିନାଲ୍

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ରାଜ୍ୟର ସୁଦୀର୍ଘ ବେଳାଭୂମିକୁ ଅର୍ଥନେତିକ ବିକାଶ ସହ ଯୋଡ଼ିବା ଲାଗି ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି। ବେଳାଭୂମି ପାର୍ଶ୍ୱରେ ବୃହତ୍ ବନ୍ଦରଠାରୁ ଆରମ୍ଭ କରି କ୍ରୁଜ୍ ଟର୍ମିନାଲ୍ ପର୍ଯ୍ୟନ୍ତ ଅନେକ ଅତ୍ୟାଧୁନିକ ଭିତ୍ତିଭୂମି ବିକାଶ କରିବାକୁ ସରକାର ଚାହୁଁଛନ୍ତି। ସେଥିପାଇଁ ବିଶ୍ୱସ୍ତରୀୟ ପୁଞ୍ଜିନିବେଶକମାନଙ୍କ ପାଖରେ ପହଞ୍ଚିବା ଲାଗି ଉଦ୍ୟମ ଆରମ୍ଭ ହୋଇଛି। ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ସାମୁଦ୍ରିକ ଭିତ୍ତିଭୂମିରେ ନିବେଶ କରିବା ଲାଗି ବିଶ୍ୱସ୍ତରୀୟ ଡେଭେଲପର ଓ ନିବେଶକଙ୍କଠାରୁ ଏକ୍ସପ୍ରେସନ୍ ଅଫ୍ ଇଣ୍ଟ୍ରେଷ୍ଟ (ଇଓଆଇ) ଆହ୍ୱାନ କରାଯାଇଛି। ଇଓଆଇ ଦାଖଲ କରିବାର ଶେଷ ତାରିଖ ଜୁନ୍ ୨୩ ଧାର୍ଯ୍ୟ କରାଯାଇଛି। ରାଜ୍ୟରେ ବାଲେଶ୍ୱରରୁ ଗଞ୍ଜାମ ପର୍ଯ୍ୟନ୍ତ ଥିବା ୫୭୪ କିଲୋମିଟର ସୁଦୀର୍ଘ ବେଳାଭୂମିରେ ବନ୍ଦର ସ୍ଥାପନ ପାଇଁ ୮ଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସୂଚନା ଅନୁସାରେ ରାଜ୍ୟରେ ସବୁଦିନିଆ ଗଭୀର ଜଳ ବନ୍ଦର, କ୍ରୁଜ୍ ଟର୍ମିନାଲ୍ ଓ ମାରିନା, ବହୁମୁଖୀ ବନ୍ଦର, ଜାହାଜ ନିର୍ମାଣ ଓ ମରାମତି ସୁବିଧା ଏବଂ କଣ୍ଟେନର୍ ଟର୍ମିନାଲ୍‌ରେ ନିବେଶ କରିବା ପାଇଁ ନିବେଶକମାନଙ୍କୁ ଆହ୍ୱାନ ଦିଆଯାଇଛି। ଆସନ୍ତା ଜୁନ୍ ୫ରେ ଏନେଇ ଭୁବନେଶ୍ୱରରେ ଏକ ନିବେଶକ ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। କିଛି ମାସ ପୂର୍ବେ ପୁରୀର ବାଲିହରଚଣ୍ଡି ନିକଟରେ ଏକ କ୍ରୁଜ୍ ଟର୍ମିନାଲ୍ ନିର୍ମାଣ କରିବାକୁ କୋଲକାତାର ଶ୍ୟାମ ଗ୍ରୁପ୍ ଓ ସେଞ୍ଚୁରି ପ୍ଲାଏବୋର୍ଡ ଇଣ୍ଡିଆ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ଇଞ୍ଚୁଡ଼ି ଓ ବାହୁଦାରେ ଦୁଇଟି ନୂଆ ବନ୍ଦର ସ୍ଥାପନ କରାଯିବ ବୋଲି କିଛି ଦିନ ତଳେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ନିର୍ଦ୍ଦେଶ ଦେଇଥିଲେ। ପାରାଦୀପ ବନ୍ଦର ସହଯୋଗିତାରେ ପାରାଦୀପରେ ୪୦୦୦ କୋଟି ଟଙ୍କା ନିବେଶ କରି ଏକ ଜାହାଜ ରିସାଇକ୍ଲିଂ ହବ୍ ସ୍ଥାପନ କରିବାକୁ ରାଜ୍ୟ ସରକାର ଯୋଜନା ରଖିଛନ୍ତି। ଜଗତସିଂହପୁରରେ ୫୫୦ କୋଟି ଟଙ୍କାରେ ଚେଗୁଲେ ଲାଭଗାନ୍ ସିପ୍ରିପେୟାର ପ୍ରାଇଭେଟ୍ ଲିମିଟେଡ୍ର ପ୍ରସ୍ତାବକୁ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କର୍ତ୍ତୃପକ୍ଷ ଅନୁମୋଦନ ପ୍ରଦାନ କରିଛନ୍ତି।

ଡୁମାଣୀ ଖବର

## ରାଷ୍ଟ୍ରୀୟ/ଅନ୍ତଃରାଷ୍ଟ୍ରୀୟ

# ବିକଶିତ କୃଷି ସଂକଳ୍ପ ଅଭିଯାନକୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

**ନୂଆଦିଲ୍ଲୀ,(ହି.ସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କନଫରେନ୍ସିଂ ଜରିଆରେ ବିକଶିତ କୃଷି ସଂକଳ୍ପ ଅଭିଯାନକୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ନିଜର ବକ୍ତବ୍ୟ ପ୍ରଦାନ କରି ସେ କହିଥିଲେ ଯେ କୃଷକମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ କୃଷି ବିକାଶକୁ ସହାୟତା କରିବା ଲାଗି ଏକ ଅନନ୍ୟ ପ୍ରୟାସ ଭାବେ ବିକଶିତ କୃଷି ସଂକଳ୍ପ ଅଭିଯାନର ଶୁଭାରମ୍ଭ କରାଯାଇଛି। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ମୌସୁମୀ ଋତୁ ପାଖେଇ ଆସୁଥିବା ବେଳେ ଏବଂ ଖରିଫ ଋତୁ ପାଇଁ ପ୍ରସ୍ତୁତି ଆରମ୍ଭ ହେବା ସହିତ ଆଗାମୀ ୧୨ ରୁ ୧୫ ଦିନ ମଧ୍ୟରେ ବୈଜ୍ଞାନିକ, ବିଶେଷଜ୍ଞ, ଅଧିକାରୀ ଏବଂ ପ୍ରଗତିଶୀଳ କୃଷକମାନଙ୍କୁ ନେଇ ଗଠିତ ୨୦୦୦ ଦଳ ୭୦୦ରୁ ଅଧିକ ଜିଲ୍ଲାରେ ଯାତ୍ରା କରିବେ ଏବଂ ଗ୍ରାମାଞ୍ଚଳର ଲକ୍ଷ ଲକ୍ଷ କୃଷକଙ୍କ ନିକଟରେ ପହଞ୍ଚିବେ। ଭାରତର କୃଷି କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ସେମାନଙ୍କର ଉତ୍ସର୍ଗୀକୃତତାକୁ ସ୍ୱୀକାର କରି ସେହି ସମସ୍ତ କୃଷକ ଏବଂ ଏହି ଦଳର ଅଂଶଗ୍ରହଣକାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। କୃଷି ପାରମ୍ପରିକ ଭାବେ ରାଜ୍ୟର ଏକ ବିଷୟ ହୋଇ ରହିଛି ଏବଂ ପ୍ରତ୍ୟେକ ରାଜ୍ୟ କୃଷକ କଲ୍ୟାଣ ପାଇଁ ନୀତି ପ୍ରସ୍ତୁତ କରିବା ଏବଂ ପଦକ୍ଷେପ ନେବା ଆବଶ୍ୟକ ବୋଲି ଉଲ୍ଲେଖ କରି ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ ଯେ ଦ୍ରୁତ ଗତିରେ ବଦଳୁଥିବା ସମୟ ସହିତ ଭାରତର କୃଷି କ୍ଷେତ୍ରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନର ଆବଶ୍ୟକତା ରହିଛି। ସେ ମନ୍ତବ୍ୟ ଦେଇଛନ୍ତି ଯେ ଭାରତୀୟ କୃଷକମାନେ ରେକର୍ଡ ଉତ୍ପାଦନ ହାସଲ କରିଛନ୍ତି, ଶସ୍ୟ ଭଣ୍ଡାର ପୂରଣ କରିଛନ୍ତି, କିନ୍ତୁ ବଜାର ଗତିଶୀଳତା ଏବଂ ଉପଭୋକ୍ତା ପସନ୍ଦ ବିକଶିତ ହେଉଛି। ସେ ଜୋର ଦେଇ କହିଥିଲେ ଯେ ରାଜ୍ୟ ଏବଂ କୃଷକମାନଙ୍କ ସହଯୋଗରେ କୃଷି ବ୍ୟବସ୍ଥାରେ ଆଧୁନିକ ସଂସ୍କାର ଆଣିବା ଅପରିହାର୍ଯ୍ୟ। ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ ଯେ ଏହି ଅଭିଯାନ ଅଧୀନରେ ବୈଜ୍ଞାନିକ ଦଳଗୁଡ଼ିକ ପରୀକ୍ଷାଗାରରୁ ଅନ୍ୟ ପରୀକ୍ଷାଗାରକୁ ସ୍ଥାନାନ୍ତରିତ ହେବେ, କୃଷକମାନଙ୍କ ପାଇଁ ବ୍ୟାପକ ତଥ୍ୟ ପ୍ରସ୍ତୁତ କରିବେ ଏବଂ ସେମାନଙ୍କୁ ଉନ୍ନତ କୃଷି ଜ୍ଞାନରେ ସଜ୍ଜିତ କରିବେ। ଖରିଫ ଋତୁ ଆରମ୍ଭ ହେବା ପୂର୍ବରୁ ଏହି ଦଳଗୁଡ଼ିକ କୃଷକମାନଙ୍କୁ ସହାୟତା କରିବା ପାଇଁ ପ୍ରସ୍ତୁତ ରହିବେ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଦଶନ୍ଧି ଦଶନ୍ଧି ଧରି ଭାରତର କୃଷି ବୈଜ୍ଞାନିକମାନଙ୍କ ଦ୍ୱାରା କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ଗବେଷଣା ଅଗ୍ରଗତି ଉପରେ ଆଲୋକପାତ କରି ଯେଉଁମାନେ ନୂତନ କୌଶଳ ସହିତ ସଫଳତାର ସହ ପରୀକ୍ଷା କରିଛନ୍ତି ଏବଂ ଚିତ୍ତାକର୍ଷକ ଉତ୍ପାଦନ ହାସଲ କରିଛନ୍ତି ଏବଂ କୃଷି ଫଳାଫଳ ଉପରେ ସେମାନଙ୍କର ସକାରାତ୍ମକ ପ୍ରଭାବ ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ପ୍ରଗତିଶୀଳ କୃଷକମାନଙ୍କୁ ପ୍ରଶଂସା କରିଥିଲେ। ବୈଜ୍ଞାନିକ ଗବେଷଣା ଏବଂ ସଫଳ କୃଷି ପଦ୍ଧତି ବ୍ୟାପକ କୃଷକ ସମ୍ପ୍ରଦାୟଙ୍କ ନିକଟରେ ପହଞ୍ଚିବା ସୁନିଶ୍ଚିତ ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ପ୍ରୟାସ ଜାରି ରହିଥିବାବେଳେ, ବର୍ତ୍ତମାନ ନୂତନ ଶକ୍ତି ସହିତ ଏହି ପଦକ୍ଷେପଗୁଡ଼ିକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି। ବିକଶିତ କୃଷି ସଂକଳ୍ପ ଅଭିଯାନ ଏହି ଜ୍ଞାନର ବ୍ୟବଧାନକୁ ଦୂର କରିବା ପାଇଁ ଏକ ମୂଲ୍ୟବାନ ସୁଯୋଗ ପ୍ରଦାନ କରିଥାଏ, ଯାହା କୃଷକମାନଙ୍କୁ ଅତ୍ୟାଧୁନିକ କୃଷି ଅନ୍ତର୍ଦୃଷ୍ଟିରୁ ଉପକୃତ କରିବାରେ ସକ୍ଷମ କରିଥାଏ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ ଯେ ଏକ ବିକଶିତ ଭାରତ ପାଇଁ ଭାରତର କୃଷି ମଧ୍ୟ ବିକଶିତ ହେବା ଆବଶ୍ୟକ, ଯେଉଁଥିରେ କୃଷି କ୍ଷେତ୍ରରେ ପରିବର୍ତ୍ତନ ଆଣିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଉପରେ ଆଲୋକପାତ କରାଯାଇଥିଲା। ସେ କୃଷକମାନଙ୍କ ଉତ୍ପାଦ ପାଇଁ ଉଚିତ ମୂଲ୍ୟ ସୁନିଶ୍ଚିତ କରିବା, କୃଷି ଅର୍ଥବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଜାତୀୟ ଆବଶ୍ୟକତା ସହିତ ଫସଲ ଉତ୍ପାଦନକୁ ଯୋଡ଼ିବା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଜଳବାୟୁ ପରିବର୍ତ୍ତନ ଆହ୍ୱାନର ମୁକାବିଲା କରିବା, ସର୍ବନିମ୍ନ ଜଳ ବ୍ୟବହାର ସହିତ ଶସ୍ୟ ଉତ୍ପାଦନ ବୃଦ୍ଧି କରିବା, କ୍ଷତିକାରକ ରାସାୟନିକ ପଦାର୍ଥରୁ ମୃତ୍ତିକା ସ୍ୱାସ୍ଥ୍ୟକୁ ରକ୍ଷା କରିବା, କୃଷି କୌଶଳର ଆଧୁନିକୀକରଣ ଏବଂ ବିଜ୍ଞାନ ଏବଂ ପ୍ରଯୁକ୍ତିକୁ କ୍ଷେତକୁ ନେବା ଆବଶ୍ୟକ ବୋଲି ଉଲ୍ଲେଖକରି ଶ୍ରୀ ମୋଦୀ କହିଛନ୍ତି ଯେ ଭାରତ କେବଳ ନିଜର ଆବଶ୍ୟକତା ପୂରଣ କରିବା ଉଚିତ ନୁହେଁ ବରଂ ଏକ ବିଶ୍ୱ ଖାଦ୍ୟ ଯୋଗାଣକାରୀ ଭାବରେ ମଧ୍ୟ ଉଭା ହେବା ଉଚିତ୍। ସେ ଗୁରୁତ୍ୱାରୋପ କରିଥିଲେ ଯେ ଗତ ୧୦-୧୧ ବର୍ଷ ଧରି ସରକାର ଏହି କ୍ଷେତ୍ରରେ ବ୍ୟାପକ ପ୍ରୟାସ କରିଛନ୍ତିୟ ସେ ଏହି ଅଭିଯାନରେ ଅଂଶଗ୍ରହଣ କରୁଥିବା ସମସ୍ତ ଅଂଶଗ୍ରହଣକାରୀଙ୍କୁ କୃଷକମାନଙ୍କ ମଧ୍ୟରେ ଅଧିକରୁ ଅଧିକ ସଚେତନତା ସୃଷ୍ଟି କରିବା ଏବଂ କୃଷି କ୍ଷେତ୍ରରେ ହେଉଥିବା ଆଧୁନିକ ପ୍ରଗତି ସମ୍ପର୍କରେ ସେମାନେ ଭଲ ଭାବେ ଅବଗତ ହେବା ସୁନିଶ୍ଚିତ କରିବା ଲାଗି ଅନୁରୋଧ କରିଥିଲେ। ପାରମ୍ପରିକ କୃଷି ବ୍ୟତୀତ କୃଷକମାନଙ୍କୁ ଅତିରିକ୍ତ ଆୟର ଉତ୍ସ ପ୍ରଦାନ ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ କୃଷକମାନଙ୍କ ପାଇଁ ସୁଯୋଗ ସମ୍ପ୍ରସାରଣ ଉଦ୍ଦେଶ୍ୟରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ କ୍ଷେତ ସୀମାରେ ସୌର ପ୍ୟାନେଲ ସ୍ଥାପନ ଅତିରିକ୍ତ ରାଜସ୍ୱ ସୃଷ୍ଟି କରିପାରିବ। ସେ ମିଠା ବିପ୍ଳବର ପ୍ରଭାବ ବିଷୟରେ ଉଲ୍ଲେଖ କରି କହିଥିଲେ ଯେ ମହୁମାଛି ପାଳନ କୃଷକମାନଙ୍କୁ ଲାଭାନ୍ୱିତ କରୁଛି ଏବଂ ଅଧିକ ଅଂଶଗ୍ରହଣକାରୀଙ୍କୁ ସାମିଲ କରିବା ପାଇଁ ଏହାକୁ ବିସ୍ତାର କରାଯିବା ଆବଶ୍ୟକ। କୃଷି ଅବଶିଷ୍ଟାଂଶକୁ ଶକ୍ତିରେ ପରିଣତ କରିବା, ବର୍ଜ୍ୟକୁ ସମ୍ପଦରେ ପରିଣତ କରିବାର ଆବଶ୍ୟକତା ଉପରେ ମଧ୍ୟ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

# ଆଇସିଏଆର-ସିଫା ଠାରେ 'ବିକଶିତ କୃଷି ସଂକଳ୍ପ ଅଭିଯାନ'ର ଶୁଭାରମ୍ଭ କଲେ କୃଷି ମନ୍ତ୍ରୀ




ଭୁବନେଶ୍ୱର, (ପିଆଇବି): ଭାରତୀୟ କୃଷିରେ ପରିବର୍ତ୍ତନ ଆଣିବା ଉଦ୍ଦେଶ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଗୁରୁବାର ଭୁବନେଶ୍ୱର ଉପକଣ୍ଠ କୌଶଲ୍ୟାଗଙ୍ଗଠାରେ ଥିବା ଆଇସିଏଆର-କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ପ୍ରତିଷ୍ଠାନ (ଆଇସିଏଆର-ସିଫା), ଠାରେ 'ବିକଶିତ କୃଷି ସଂକଳ୍ପ ଅଭିଯାନ'ର ଶୁଭାରମ୍ଭ କରିଛନ୍ତି। ଏହି ଅଭିଯାନ ଏକ ଆତ୍ମନିର୍ଭରଶୀଳ ଏବଂ ଦୀର୍ଘସ୍ଥାୟୀ ଭାରତ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣ ଅନୁରୂପ ହୋଇଥିବା ବେଳେ ଏହା ସାରା ଦେଶରେ ଉନ୍ନତ କୃଷି ଏବଂ ମତ୍ସ୍ୟଚାଷ ଜ୍ଞାନକୌଶଳର ବ୍ୟାପକ ଗ୍ରହଣୀୟତାକୁ ପ୍ରୋତ୍ସାହିତ କରିବ। ସମାବେଶକୁ ସମ୍ବୋଧିତ କରି ଶିବରାଜ ସିଂ ଚୌହାନ ପ୍ରଯୁକ୍ତିବିଦ୍ୟା ପ୍ରସାର, କ୍ଷମତା ନିର୍ମାଣ ଏବଂ ତୃଣମୂଳ ଯୋଗଦାନ ମାଧ୍ୟମରେ ସମଗ୍ର ଭାରତରେ ଦେଢ଼ କୋଟିରୁ ଅଧିକ କୃଷକଙ୍କ ନିକଟରେ ପହଞ୍ଚିବା ଲାଗି ଏହି ଅଭିଯାନର ଉଚ୍ଚାଭିଳାଷୀ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ମତ୍ସ୍ୟଚାଷ ଭାରତର ଖାଦ୍ୟ ସୁରକ୍ଷାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଜୀବିକା ବିକାଶ ପାଇଁ ଏକ କାର୍ଯ୍ୟକ୍ଷମ ମାର୍ଗ ବୋଲି ସେ ଗୁରୁତ୍ୱାରୋପ କରି କହିଥିଲେ ସେ କହିଥିଲେ ଯେ ଆଇସିଏଆର-ସିଫା ଦ୍ୱାରା ବିକଶିତ ସମସ୍ତ ଜ୍ଞାନକୌଶଳ କୃଷକମାନଙ୍କ ଆୟ ବୃଦ୍ଧି ଏବଂ ଏକ ବିକଶିତ ତଥା ଦୀର୍ଘସ୍ଥାୟୀ ମତ୍ସ୍ୟଚାଷ କ୍ଷେତ୍ର ନିର୍ମାଣ ପାଇଁ ପ୍ରଭାବଶାଳୀ ଢଙ୍ଗରେ ପହଞ୍ଚିବା ଆବଶ୍ୟକ। ଉଦଘାଟନୀ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ତଥା ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ଓ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଆଇସିଏଆର ମହାନିର୍ଦ୍ଦେଶକ ତଥା ସଚିବ (ଡିଏଆରଇ) ଡକ୍ଟର ଏମଏଲ ଜାଟ୍, ମତ୍ସ୍ୟ ବିଜ୍ଞାନ ଉପମହାନିର୍ଦ୍ଦେଶକ ଡକ୍ଟର ଜେକେ ଜେନା, କୃଷି ସମ୍ପ୍ରସାରଣ ଉପମହାନିର୍ଦ୍ଦେଶକ ଡକ୍ଟର ରାଜବୀର ସିଂ, କୋଲକାତା ଆଇସିଏଆର-ଏଟିଏଆରଆଇ ନିର୍ଦ୍ଦେଶକ ଡକ୍ଟର ପ୍ରଦୀପ ଦେ ପ୍ରମୁଖ ଯୋଗ ଦେଇଥିଲେ। କନକ ବର୍ଦ୍ଧନ ସିଂ ଦେଓ ତାଙ୍କ ବକ୍ତବ୍ୟରେ କହିଥିଲେ, ବିକଶିତ କୃଷି ସଂକଳ୍ପ ଅଭିଯାନ ଅଭିଯାନ ଏକ ସମୟୋଚିତ ହସ୍ତକ୍ଷେପ ଯାହା ଓଡ଼ିଶାର କୃଷି ରୂପାନ୍ତରଣକୁ ତ୍ୱରାନ୍ୱିତ କରିବ ଏବଂ ନବସୃଜନ, ଭିତ୍ତିଭୂମି ଏବଂ ସଂସ୍ଥାଗତ ସହାୟତା ମାଧ୍ୟମରେ କୃଷକମାନଙ୍କୁ ସଶକ୍ତ କରିବ। ଏହି ଅବସରରେ ଗୋକୁଳାନନ୍ଦ ମଲ୍ଲିକ ବକ୍ତବ୍ୟ ରଖି, ଗ୍ରାମାଞ୍ଚଳର ଆର୍ଥିକ ବିକାଶ ଉଦ୍ଦେଶ୍ୟରେ ମାଗଣା ପ୍ରାଣୀ ଚିକିତ୍ସା ସ୍ୱାସ୍ଥ୍ୟ ସେବା ଏବଂ ସକ୍ରିୟ ପ୍ରାଣୀପାଳନ କାର୍ଯ୍ୟକ୍ରମ ମାଧ୍ୟମରେ କୃଷକ ଏବଂ ପ୍ରାଣୀପାଳକ ଚାଷୀମାନଙ୍କୁ ସଶକ୍ତ କରିବା ପାଇଁ ଓଡ଼ିଶା ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଆଇସିଏଆର ଡିଜି ଡକ୍ଟର ଏମଏଲ ଜାଟ୍, ବିକଶିତ କୃଷି ସଂକଳ୍ପ ଅଭିଯାନକୁ ଏକ ଯୁଗାନ୍ତକାରୀ ଖରିଫ୍ ପୂର୍ବ ଅଭିଯାନ ଭାବେ ବର୍ଣ୍ଣନା କରିଥିଲେ ଏବଂ କହିଥିଲେ ଯେ, ଏହା କୃଷକମାନଙ୍କ ଆବଶ୍ୟକତା ସହିତ ଅତ୍ୟାଧୁନିକ ବୈଜ୍ଞାନିକ ଗବେଷଣାକୁ ଯୋଡ଼ିଥାଏ। ସେ ସମସ୍ତ ଅଂଶୀଦାରମାନଙ୍କୁ ଭାରତୀୟ କୃଷିରେ ସମୃଦ୍ଧି ଏବଂ ଦୃଢ଼ତା ସୁନିଶ୍ଚିତ କରି ଏକ ବିକଶିତ ଭାରତ ପାଇଁ ବିକଶିତ କୃଷିର ଦୃଷ୍ଟିକୋଣକୁ ସାକାର କରିବା ପାଇଁ ଏକଜୁଟ ହେବାକୁ ଆହ୍ୱାନ କରିଥିଲେ। ୬୦୦ରୁ ଅଧିକ କୃଷକ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଚାଷୀ ଏହି ବୈଜ୍ଞାନିକ-କୃଷକ ବାର୍ତ୍ତାଳାପ ଅଧିବେଶନରେ ଅଂଶଗ୍ରହଣ କରିଥିଲେ। ସେମାନେ ଦୀର୍ଘସ୍ଥାୟୀ ପଦ୍ଧତି, ଉନ୍ନତ ପ୍ରଯୁକ୍ତିବିଦ୍ୟା ଏବଂ କୃଷି ଓ ଜଳ ଜୀବ ଚାଷ ପାଇଁ ସମନ୍ୱିତ ଆଭିମୁଖ୍ୟ ବିଷୟରେ ଅନ୍ତଃଦୃଷ୍ଟି ହାସଲ କରିଥିଲେ। ଏହି ଦିନର ଏକ ପ୍ରମୁଖ ଆକର୍ଷଣ ଥିଲା କୃଷି ମନ୍ତ୍ରୀଙ୍କ ଦ୍ୱାରା ଏକ ଅଭିନବ ମାଛ ଟିକା-ସିଫା ଆର୍ଗୁ ଭାକ୍ସ-୧ର ଉନ୍ମୋଚନ। ଆଇସିଏଆର୍- ସିଫା ଦ୍ୱାରା ବିକଶିତ, ଏହି ଟିକା ମାଛରେ ପରଜୀବୀ ସଂକ୍ରମଣକୁ ମାରିଥାଏ ଯାହା ମାଛ ସ୍ୱାସ୍ଥ୍ୟ ପରିଚାଳନାରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ପ୍ରଦାନ କରିଥାଏ ଏବଂ ଜଳଜୀବ ଚାଷରେ ଆର୍ଥିକ କ୍ଷତି ହ୍ରାସ କରିଥାଏ। ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି), କେଭିକେ ଖୋର୍ଦ୍ଧା ଏବଂ ଆଇସିଏଆର୍- ସିଫା ଦ୍ୱାରା କରାଯାଇଥିବା ନବସୃଜନ ଏବଂ ଉତ୍ପାଦକୁ ପ୍ରଦର୍ଶିତ କରୁଥିବା ଏକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା, ଯେଉଁଥିରେ ଗୋଷ୍ଠୀଗତ ଯୋଗଦାନ ଏବଂ ତୃଣମୂଳ ସ୍ତରର ନବସୃଜନ ପ୍ରତିଫଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଶେଷରେ ଡିଡିଜି (କୃଷି ସମ୍ପ୍ରସାରଣ) ଡ.ରାଜବୀର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ସେ ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତି, ଅଂଶଗ୍ରହଣକାରୀ ଏବଂ ଅଂଶୀଦାରମାନଙ୍କୁ ଏହି ଉଦଘାଟନୀ ସମାରୋହକୁ ଏକ ଭବ୍ୟ ସଫଳତାରେ ପରିଣତ କରିବାରେ ବିପୁଳ ସମର୍ଥନ ପାଇଁ କୃତଜ୍ଞତା ବ୍ୟକ୍ତ କରିଥିଲେ। ବିକଶିତ କୃଷି ସଂକଳ୍ପ ଅଭିଯାନ ଆଜିଠାରୁ ୧୨ ଜୁନ୍ ପର୍ଯ୍ୟନ୍ତ ଦେଶବ୍ୟାପୀ ଜାରି ରହିବ, ଯେଉଁଥିରେ ସମସ୍ତ ଜିଲ୍ଲାର କୃଷକମାନଙ୍କୁ ଏକ ସୁଦୃଢ଼, ସମାବେଶୀ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ କୃଷି କ୍ଷେତ୍ର ନିର୍ମାଣ ମିଶନରେ ନିୟୋଜିତ କରାଯିବ। ଆଇସିଏଆର୍-ସିଫାର ନିର୍ଦ୍ଦେଶକ ଡକ୍ଟର ପି.କେ ସାହୁଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଭାରତରୁ ଭିଏତନାମକୁ ନିଆଯାଇଥିବା ଭଗବାନ ବୁଦ୍ଧଙ୍କ ପବିତ୍ର ଅବଶେଷ ଆଣିବା ପାଇଁ ପ୍ରତିନିଧିମଣ୍ଡଳୀର ନେତୃତ୍ୱ ନେବେ ଓଡିଶାର ରାଜ୍ୟପାଳ

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଆଗାମୀ ଜୁନ ୨ ତାରିଖରେ ଭାରତରୁ ଭିଏତନାମକୁ ନିଆଯାଇଥିବା ଭଗବାନ ବୁଦ୍ଧଙ୍କର ପବିତ୍ର ଅବଶେଷ ଆଣିବା ପାଇଁ ପ୍ରତିନିଧିମଣ୍ଡଳୀର ନେତୃତ୍ୱ ନେବେ ଓଡିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି। ଏହି ଉଦ୍ଦେଶ୍ୟରେ ରାଜ୍ୟପାଳ ଶୁକ୍ରବାର ନୂଆଦିଲ୍ଲୀରୁ ଭିଏତନାମ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ବିଶ୍ୱବ୍ୟାପୀ ବୌଦ୍ଧ ଧର୍ମାବଲମ୍ବୀଙ୍କ ପାଇଁ ଗଭୀର ଆଧ୍ୟାତ୍ମିକ ଗୁରୁତ୍ୱ ବହନ କରୁଥିବା ପବିତ୍ର ଅବଶେଷଗୁଡ଼ିକୁ ଭାରତରୁ ଭିଏତନାମକୁ ଜାତିସଂଘ ଭେଶକ ଦିବସ ଉତ୍ସବ ଅବସରରେ ପ୍ରଦର୍ଶନ ପାଇଁ ନିଆଯାଇଥିଲା, ଯାହା ପ୍ରତିବର୍ଷ ମେ' ମାସ ପୂର୍ଣ୍ଣିମାରେ ଭଗବାନ ବୁଦ୍ଧଙ୍କ ଜନ୍ମ, ଜ୍ଞାନ ଏବଂ ଇହଲୀଳା ସମ୍ବରଣକୁ ସ୍ମରଣ କରିବା ପାଇଁ ପାଳନ କରାଯାଏ। ଏହି ଅବଶେଷଗୁଡ଼ିକ ୨୦୨୫ ମଇ ୬ ରୁ ୮ ତାରିଖ ପର୍ଯ୍ୟନ୍ତ ଭେଶକ ଉତ୍ସବ ଅବସରରେ ଭିଏତନାମରେ ପ୍ରଦର୍ଶିତ ହୋଇଥିଲା। ବର୍ତ୍ତମାନ ଏହା ସେହି ଦେଶରେ ବିଭିନ୍ନ ସ୍ଥାନରେ ପ୍ରଦର୍ଶିତ ହେଉଛି। ଇଂଟରନ୍ୟାସନାଲ ବୁଦ୍ଧିଷ୍ଟ କନ୍‌ଫେଡେରେସନ ସହଯୋଗରେ ମହାବୋଧି ସୋସାଇଟି ଅଫ ଇଣ୍ଡିଆ ଏବଂ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧିନସ୍ଥ ନ୍ୟାସନାଲ୍ ମ୍ୟୁଜିୟମ୍ ଦ୍ୱାରା ଏହି ଅବଶେଷଗୁଡ଼ିକ ଯୋଗାଇ ଦିଆଯାଇଛି। ଭଗବାନ ବୁଦ୍ଧ ତାଙ୍କର ଧର୍ମ ପ୍ରଚାର କରିଥିବା ପ୍ରଥମ ସ୍ଥାନ ସାରନାଥରୁ ଅବଶେଷକୁ ଭାରତୀୟ ବାୟୁସେନାର ସ୍ୱତନ୍ତ୍ର ବିମାନରେ ଭିଏତନାମକୁ ନିଆଯାଇଥିଲା। କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜଜୁ, ଆନ୍ଧ୍ର ପ୍ରଦେଶର ପର୍ଯ୍ୟଟନ ଏବଂ ସଂସ୍କୃତି ମନ୍ତ୍ରୀ କାଣ୍ଡୁଲା ଦୁର୍ଗେଶ, ପୂଜ୍ୟ ଭିକ୍ଷୁ ଏବଂ ବରିଷ୍ଠ ଭାରତୀୟ ଅଧିକାରୀମାନେ ପବିତ୍ର ଅବଶେଷ ସହ ଯାଇଥିଲେ। ଏତଦ୍‌ବ୍ୟତୀତ ଏକ ଭାରତୀୟ ସାଂସ୍କୃତିକ ଦଳ ଶାକ୍ୟ ମୁନି ବୁଦ୍ଧଙ୍କ ଜୀବନ ଏବଂ ଶିକ୍ଷାକୁ ଚିତ୍ରଣ କରି ନୃତ୍ୟ ନାଟକ 'ଗୌତମ ବୁଦ୍ଧଙ୍କ ଜୀବନ ଯାତ୍ରା' ପରିବେଷଣ ପାଇଁ ଭିଏତନାମ ଯାତ୍ରା କରିଥିଲେ। ଚଳିତ ମଇ ୫ ରୁ ୧୩ ତାରିଖ ପର୍ଯ୍ୟନ୍ତ ହୋ ଚି ମିନ୍ ସିଟି, ତାଏ ନିନ୍, ହାନୋଇ ଏବଂ ଅନ୍ୟାନ୍ୟ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଜୁନ୍ ୨ ତାରିଖ ଦିନ ପ୍ରଦର୍ଶନୀ ଶେଷ ହେବା ପରେ ଡା ନାଙ୍ଗ ସିଟିରୁ ପବିତ୍ର ଅବଶେଷକୁ ସ୍ୱତନ୍ତ୍ର ବିମାନ ଯୋଗେ ଭାରତକୁ ଅଣାଯିବ। ଭଗବାନ ବୁଦ୍ଧଙ୍କ ପବିତ୍ର ଅବଶେଷ ଫେରାଇ ଆଣିବା ପାଇଁ ପ୍ରତିନିଧିମଣ୍ଡଳୀର ଭିଏତନାମ ଯାତ୍ରା ପୂର୍ବରୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି ଯେ, ଭଗବାନ ବୁଦ୍ଧଙ୍କ ପବିତ୍ର ଅବଶେଷ ସହିତ ଭାରତକୁ ଫେରିବା ଏକ ମହାନ ସମ୍ମାନର ବିଷୟ। ଏହି ଆଧ୍ୟାତ୍ମିକ ଯାତ୍ରା ଭିଏତନାମ ସହିତ ଆମର ସହଭାଗୀ ସଭ୍ୟତା ଐତିହ୍ୟକୁ ପ୍ରତିଫଳିତ କରେ । ଭାରତ ଭିଏତନାମ ସହିତ ଥିବା ଏହାର ସମୃଦ୍ଧ ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ସଂପର୍କକୁ ଗଭୀର ଭାବେ ଗୁରୁତ୍ୱ ଦେଇଥାଏ ବୋଲି ରାଜ୍ୟପାଳ କହିବା ସହିତ ତାଙ୍କର ଗସ୍ତ ସମୟରେ ଆୟୋଜିତ କାର୍ଯ୍ୟକ୍ରମ ସହିତ ଭଗବାନ ବୁଦ୍ଧଙ୍କର ପବିତ୍ର ଅବଶେଷ ଭାରତ ଫେରିବା ଦୁଇ ରାଷ୍ଟ୍ର ମଧ୍ୟରେ ଥିବା ସ୍ଥାୟୀ ବନ୍ଧୁତାକୁ ସୁଦୃଢ଼ କରିବ।

## ବିଶ୍ୱ ଋତୁସ୍ରାବ ପରିଚ୍ଛନ୍ନତା ଦିବସ ପାଳିତ

# ଋତୁସ୍ରାବ, ଈଶ୍ୱରଙ୍କ ପ୍ରଦତ୍ତ ଆଶୀର୍ବାଦ: ଉପ-ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, (ଡିକେ ନ୍ୟୁଜ୍): ସମାଜରୁ ଋତୁସ୍ରାବ ଜନିତ ନୀରବତା ଭାଙ୍ଗିବାକୁ ପଡିବ ବୋଲି ଗୁରୁବାର ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନରେ ଆୟୋଜିତ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳନ ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମତବ୍ୟକ୍ତ କରିଛନ୍ତି। ଆଇନା ଏନଜିଓ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ସହଭାଗିତାରେ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଋତୁସ୍ରାବ, ମହିଳାମାନଙ୍କୁ ଈଶ୍ୱରଙ୍କ ପ୍ରଦତ୍ତ ଆଶୀର୍ବାଦ ବୋଲି ଦୃଢ଼ ମତ ରଖିଛନ୍ତି। ସମାଜରେ ଋତୁସ୍ରାବ ଅନୁକୂଳ (ପିରିୟଡ ଫ୍ରେଣ୍ଡଲି) ପରିବେଶ ସୃଷ୍ଟି କରିବା ପାଇଁ ପ୍ରତି ସର୍ବସାଧାରଣ ସ୍ଥାନରେ ଏକ ମହିଳା ଅନୁକୂଳ ଜୋନ ସୃଷ୍ଟି କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଋତୁସ୍ରାବ ଜନିତ ଅନ୍ଧବିଶ୍ୱାସ ସହ ଲଢିବା ପାଇଁ ଆମକୁ ତୃଣମୂଳସ୍ତରରେ ପରିବର୍ତ୍ତନ ଆଣିବା ସହ ଆମର ନିଜର ମାନସିକତାରେ ମଧ୍ୟ ପରିବର୍ତ୍ତନ ଆଣିବାକୁ ପଡିବ। ଘରର ମା'ମାନେ ମଧ୍ୟ ପୁଅ ଅପେକ୍ଷା ଝିଅମାନଙ୍କୁ ଅଧିକ ଯତ୍ନ କରିବା ଦରକାର। ଏହା ସହ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ପାଇଁ ସ୍ୱଚ୍ଛ ଶୌଚାଳୟ ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ଋତୁସ୍ରାବ ଭଳି ସମ୍ବେଦନଶୀଳ ବିଷୟ ଆଗକୁ ଆଣିଥିବାରୁ ଆଇନା ଏନଜିଓ ଓ ମହିଳା ଓ ଶିଶୁ ବିକାଶ ବିଭାଗ ଅଧିକାରୀଙ୍କୁ ଶ୍ରୀମତୀ ପରିଡା ଧନ୍ୟବାଦ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା। ଋତୁସ୍ରାବ ଜନିତ ଅସୁବିଧାଗୁଡିକୁ ବର୍ଣ୍ଣନା କରିବା ସହ ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ପଦକ୍ଷେପଗୁଡିକୁ ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ୱାଟରଏଡ, ପିସିଆଇ ଇଣ୍ଡିଆ, ପିରାମାଲ ଫାଉଣ୍ଡେସନ, ସ୍ୱାସ୍ଥ୍ୟପ୍ଲସ, ଓଡ଼ିଶାଲାଇଭ, ନାଓ୍ୱୋ ପ୍ଲସ, ୟୁନିସେଫ, ସିଓ୍ୱାଇଏସଡି, ଭିୟୁଜ୍ ଇଣ୍ଡିଆ, ୟୁଏନଡିପି, ସିଆଇଏଫଏଆର, ପିଜେଏସ, ୱାଟର ଇନିସିଏଟିଭିସ, ଜିତା ଆଦି ଅନୁଷ୍ଠାନର ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଆଇନା ଦ୍ୱାରା କରାଯାଇଥିବା ଋତୁସ୍ରାବ ପରିଚ୍ଛନ୍ନତା ସର୍ଭେ ରିପୋର୍ଟକୁ ଏହି କାର୍ଯ୍ୟକ୍ରମରେ ଉନ୍ମୋଚନ କରାଯାଇଥିଲା।

# ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର ବୈଠକ

ଭୁବନେଶ୍ୱର, (ଡିକେ ନ୍ୟୁଜ): ୨୦୨୫-୨୬ ଆର୍ଥିକ ବର୍ଷରେ ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି (ଆରଆଇଡିଏଫ)ର ଉଚ୍ଚ କ୍ଷମତା ସଂପନ୍ନ କମିଟିର ପ୍ରଥମ ବୈଠକ ଗୁରୁବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆରଆଇଡିଏଫ ପାଣ୍ଠି ସହାୟତାରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପର କାର୍ଯ୍ୟକାରିତା, ସଫଳତା ଓ କାର୍ଯ୍ୟ ଅଗ୍ରଗତି ଆଦି ସଂପର୍କରେ ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ ସମୀକ୍ଷା କରି ନିର୍ମାଣାଧିନ ପ୍ରକଳ୍ପଗୁଡ଼ିକର ତ୍ୱରାନ୍ୱିତ କରିବାକୁ ସେ ସଂପୃକ୍ତ ସମସ୍ତ ବିଭାଗମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବୈଠକରେ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ରଙ୍କ ସମେତ ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି ଉପଯୋଗ କରୁଥିବା ଜଳ ସଂପଦ ବିଭାଗ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ, ପଂଚାୟତିରାଜ ଓ ପାନୀୟ ଜଳ, କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ଆଦି ବିଭାଗର ବରିଷ୍ଠ ପଦାଧିକାରୀଙ୍କ ସମେତ ନାବାର୍ଡ, ଓଡ଼ିଶାର ମୁଖ୍ୟ ସାଧାରଣ ପରିଚାଳକ (ସିଜିଏମ) ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଯୋଜନା ଓ ସଂଯୋଜନ ବିଭାଗ ତରଫରୁ ଆହୂତ ଏହି ବୈଠକରେ ଆରଆଇଡିଏଫ୍ ପାଣ୍ଠି ଅଧିନରେ ୨୦୨୪-୨୫ ବର୍ଷରେ ଏହି ପାଣ୍ଠି ଉପଯୋଗ କରୁଥିବା ବିଭିନ୍ନ ବିଭାଗର କାର୍ଯ୍ୟ ସଫଳତା ଅନୁଧ୍ୟାନ କରାଯାଇଥିଲା। ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ଓଡ଼ିଶା ନାବାର୍ଡଠାରୁ ୩୮୩୬.୩୪ କୋଟି ଟଙ୍କାର ଆରଆଇଡିଏଫ୍ ଋଣ ହସଲକରି ଦେଶରେ ଏକ ନମ୍ବର ସ୍ଥାନ ଅଧିକାର କରିଛି। କାର୍ଯ୍ୟକାରୀ ହୋଇଥିବା ଉଲ୍ଲେଖନୀୟ ପ୍ରକଳ୍ପ ମଧ୍ୟରୁ ଜଣାଯାଇଛି ଯେ, ଜଳ ସଂପଦ ବିଭାଗ ଜରିଆରେ ଗଞ୍ଜାମ ଜିଲ୍ଲାର ରାମନଦୀରେ ଜକମେରିପଲ୍ଲୀଠାରେ ନିର୍ମିତ ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ୩୪.୯୦ କୋଟି ଟଙ୍କା ବ୍ୟୟରେ ଶେଷ ହୋଇଛି। ଏହି ପ୍ରକଳ୍ପ ଦିଗପହଣ୍ଡି ବ୍ଲକର ୧୧ଟି ଗ୍ରାମର ୧୬,୫୦୦ ଲୋକଙ୍କୁ ପାନୀୟ ଜଳ ସୁବିଧା ଯୋଗାଇଦେବ। ସେହିପରି ଜଳ ସଂପଦ ବିଭାଗ ଅନ୍ତର୍ଗତ ଉଠା ଜଳସେଚନ ପ୍ରକଳ୍ପ, କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ, ସେଟଂଚଳ ଉନ୍ନୟନ ମାଧ୍ୟମରେ ନିର୍ମିତ ଅନ୍ୟ ବହୁ ଉଲ୍ଲେଖନୀୟ ଗ୍ରାମୀଣ ଭିତ୍ତିଭୂମି ପ୍ରକଳ୍ପ ସଂପୂର୍ଣ୍ଣ କରାଯାଇଥିବା ସଂପର୍କରେ ଉପସ୍ଥାପନ କରାଯାଇଥିଲା। ଅନ୍ୟ ବିଭିନ୍ନ ବିଭାଗ ଜରିଆରେ ଶେଷ ହୋଇଥିବା ଉଲ୍ଲେଖନୀୟ ପ୍ରକଳ୍ପ ମଧ୍ୟରେ ପୂର୍ତ୍ତ ବିଭାଗ ତରଫରୁ ଅନୁଗୋଳ ଜିଲ୍ଲାର ହରିପୁର, ଉଦୟପୁର ରାସ୍ତାରେ ୩୯.୮୯ କୋଟି ଟଙ୍କା ବ୍ୟୟରେ ୫୧୧ ମିଟର ବିଶିଷ୍ଟ ହରିପୁର ନାଳା ଉଚ୍ଚସେତୁ ନିର୍ମାଣ, ଗ୍ରାମ୍ୟ ଉନ୍ନୟନ ବିଭାଗ ଜରିଆରେ ୫ କୋଟି ୯୬ ଲକ୍ଷ ଟଙ୍କା ବ୍ୟୟରେ ମାଲକାନଗିରି ଜିଲ୍ଲାରେ ଜାତୀୟ ରାଜପଥ-୩୨୬-ରୁ କୋକିନାଡ଼ାଠାରୁ ପେଟାରୋଡ୍ ପର୍ଯ୍ୟନ୍ତ ୬.୮୦ କିମି. ରାସ୍ତା ନିର୍ମାଣ, ପଞ୍ଚାୟତରାଜ ଓ ପାନୀୟଜଳ ଯୋଗାଣ ବିଭାଗ ଜରିଆରେ ସମ୍ବଲପୁର ଜିଲ୍ଲାର ରେଢ଼ାଖୋଲ ଗ୍ରାମରେ ୧୧୩.୯୮ କୋଟି ଟଙ୍କା ବ୍ୟୟରେ ଏକ ବୃହତ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ସ୍ଥାପନ କରାଯାଇଛି, ଯାହା ଦ୍ୱାରା ୯ ଟି ଗ୍ରାମପଞ୍ଚାୟତର ପ୍ରାୟ ୮୫୦୦ରୁ ଉର୍ଦ୍ଧ୍ୱ ଜନ ସାଧାରଣ ଉପକୃତ ହେବେ।

# ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ବୈଷୟିକ କମିଟିରେ ଇଂ.ଲିଙ୍ଗରାଜ ଗୌଡ଼

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନକୁ ବୈଷୟିକ ପ୍ରସଙ୍ଗରେ ସହାୟତା କରିବା ପାଇଁ ସିଭିଲ, ବୈଦ୍ୟୁତିକ, ଜନସ୍ୱାସ୍ଥ୍ୟ, ଯାନ୍ତ୍ରିକ, ସ୍ଥାପତ୍ୟ, ସଂରକ୍ଷଣ ଏବଂ ଉଦ୍ୟାନ କୃଷି କ୍ଷେତ୍ରରେ ବିଭିନ୍ନ ବିଶେଷଜ୍ଞ ସଦସ୍ୟଙ୍କୁ ନେଇ ଏକ ବୈଷୟିକ କମିଟି ଗଠନ କରାଯାଇଛି। ସି.ବି.ଆର.ଆଇ. ରୁରକିର ପୂର୍ବତନ ନିର୍ଦ୍ଦେଶକ, ଆଇ.ଆଇ.ଟି.ଖଡଗପୁରର ପୂର୍ବତନ ଉପ-ନିର୍ଦ୍ଦେଶକ ତଥା ଚେନ୍ନାଇର ଏସ୍.ଏନ୍. ବିଶ୍ୱବିଦ୍ୟାଳୟର କୁଳପତି ଏସ୍.କେ. ଭଟ୍ଟାଚାର୍ଯ୍ୟ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବେ। ସିଭିଲ୍ ୱିଙ୍ଗରେ ଜଳ ସମ୍ପଦ ବିଭାଗର ଇ.ଆଇ.ସି. (ସିଭିଲ) ଇଂ.ଲିଙ୍ଗରାଜ ଗୌଡ଼ଙ୍କୁ ସଦସ୍ୟ ଭାବେ ନିଆଯାଇଛି। ଡ.ଏନ୍.ସି. ପାଲ୍, ପୂର୍ବତନ ଇ.ଏଲ୍.ସି., ନିର୍ମାଣ ବିଭାଗର ଇ.ଆର୍.ଜେ.କେ. ଦାସ, ପୂର୍ବତନ ଇ.ଆଇ.ସି. ତଥା ଓ.ବି. ଆଣ୍ଡ ସି.ସି. ଲିମିଟେଡର ଏମ୍‌ଡି ପ୍ରମୁଖ ସଦସ୍ୟ ଅଛନ୍ତି। ଏହି କମିଟି ନିୟମିତ ବ୍ୟବଧାନରେ ଶ୍ରୀ ଜଗନ୍ନାଥ ମନ୍ଦିର, ଶ୍ରୀ ଗୁଣ୍ଡିଚା ମନ୍ଦିର ଏବଂ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ସହ ଜଡ଼ିତ ଅନ୍ୟାନ୍ୟ ଐତିହ୍ୟ ସଂରଚନାର ଯାଞ୍ଚ କରିବ। ସେମାନେ ମନ୍ଦିର ପ୍ରଶାସନକୁ ବୈଷୟିକ ପ୍ରସଙ୍ଗରେ ଯାଞ୍ଚ ରିପୋର୍ଟ ଏବଂ ଯେକୌଣସି ଆବଶ୍ୟକୀୟ ସଂଶୋଧନମୂଳକ କାର୍ଯ୍ୟ ପାଇଁ ପରାମର୍ଶ ପ୍ରଦାନ କରିବେ। ଏହାବ୍ୟତୀତ, ଏହି କମିଟି ଏ.ଏସ୍.ଆଇ. ଦ୍ୱାରା ହାତକୁ ନିଆଯାଇଥିବା ପ୍ରକଳ୍ପଗୁଡ଼ିକର ତଦାରଖ ଏବଂ ମାର୍ଗଦର୍ଶନ କରିବ ଏବଂ ସେମାନଙ୍କର ପର୍ଯ୍ୟବେକ୍ଷଣ ରିପୋର୍ଟ ଦେବ। କମିଟିର କାର୍ଯ୍ୟକାଳ ଦୁଇ ବର୍ଷ ପାଇଁ ବୈଧ ରହିବ।

# 'ମହନୀୟ ହେବ ଲୋକ ପରମ୍ପରା, ଗରିମାମୟ ହେବ ଓଡ଼ିଆ ଅସ୍ମିତା'

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବଲପୁରରେ ଆୟୋଜିତ ପ୍ରସିଦ୍ଧ 'ଶୀତଳଷଷ୍ଠୀ ଯାତ୍ରା' ପାଇଁ ୫୦ ଲକ୍ଷ ଟଙ୍କାର ଅନୁଦାନ ଦେଇଛନ୍ତି। ଏହି ଅବସରରେ ସେ କହିଛନ୍ତି, ଆମ ସଂସ୍କୃତି, ପରମ୍ପରାର ଅନନ୍ୟ ବାର୍ତ୍ତାବହୟ ଦେବ ଦେବ ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ଐତିହ୍ୟ ସମ୍ପନ୍ନ 'ଶୀତଳ ଷଷ୍ଠୀ' ଯାତ୍ରାକୁ ଆହୁରି ଭବ୍ୟ କରିବା ସହ ଏହାର ପ୍ରଚାର, ପ୍ରସାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିଜସ୍ୱ ପାଣ୍ଠିରୁ ୫୦ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରିବାକୁ ଘୋଷଣା କରୁଛି। ଲୋକଙ୍କ ସରକାରରେ ମହନୀୟ ହେବ ଲୋକ ପରମ୍ପରା, ଗରିମାମୟ ହେବ ଓଡ଼ିଆ ଅସ୍ମିତା। ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ସହର ଚଳଚଞ୍ଚଳ ହୋଇଉଠିଛି। ସର୍ବପୁରାତନ ନନ୍ଦପଡ଼ା ଯାତ୍ରା କମିଟି ତରଫରୁ ବମ୍ବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ପତରପେଣ୍ଡି ପାରମ୍ପରିକ ରୀତିନୀତି ଅନୁଯାୟୀ ସଂପନ୍ନ ହୋଇଛି। ମଙ୍ଗଳବାର ରାତି ୮ଟାରେ ମନ୍ଦିରରେ ବମ୍ବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ପୂଜାର୍ଚ୍ଚନା ପରେ ବରପିତା ରାମଚରଣ ମିଶ୍ର, ମନ୍ଦିର ପୂଜକ ଲକ୍ଷପତି ମହାପାତ୍ର, ବିବାହ ପୁରୋହିତ ଶଶାଙ୍କ ମିଶ୍ର ଓ ସପ୍ତଋଷି ସୁସଜ୍ଜିତ ରଥରେ ସବାର ହୋଇ ଏକ ଭବ୍ୟ ଶୋଭାଯାତ୍ରାରେ ଦେବଦେବ ମହାଦେବଙ୍କ ପାଇଁ କନ୍ୟା ଅନ୍ୱେଷଣରେ ବାହାରିଥିଲେ। ଶଙ୍ଖ, ଘଣ୍ଟ, ଦୁଲ୍‌ଦୁଲି, ଧମାଲ ବାଦ୍ୟ, ମୟୂର ଝାର ନୃତ୍ୟ, ଯୋଡ଼ି ଶଙ୍ଖ ଆଦିରେ ରାସ୍ତା କମ୍ପିଥିଲା। ଶୋଭାଯାତ୍ରା ହାଟପଡ଼ା, ନନ୍ଦପଡ଼ା, ମହାନ୍ତିପଡ଼ା, କଂସାରିପଡ଼ା, ବୈଦ୍ୟନାଥ ଛକ, ଶକ୍ତି ସଂଘ ଛକ ଦେଇ ମ୍ୟୁନିସିପାଲିଟି ଛକସ୍ଥିତ କନ୍ୟା ପିତାମାତା ପ୍ରତାପ ନନ୍ଦ ଓ ଲିପିକା ନନ୍ଦଙ୍କ ଅସ୍ଥାୟୀ ବାସଭବନ ନାରୀ ସେବା ସଦନରେ ପହଞ୍ଚିଥିଲା। ବିଜୟ ମିଶ୍ର, କାମପାଳ ହୋତା, ଗୋଲକ ବିହାରୀ ମିଶ୍ର, ଅଶୋକ କୁମାର ମିଶ୍ର, ଚକ୍ରଧର ମିଶ୍ର, ପୂର୍ଣ୍ଣାନନ୍ଦ ମିଶ୍ର, ଅମରେନ୍ଦ୍ର ପୂଜାରୀ ସପ୍ତର୍ଷି ଭୂମିକା ନିର୍ବାହ କରିଥିଲେ। ପାରମ୍ପରିକ ରୀତିରେ ବରପକ୍ଷ ଓ କନ୍ୟାପକ୍ଷଙ୍କ ମଧ୍ୟରେ କଥୋପକଥନ ପରେ ବମ୍ବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ସହିତ ମାତା ପାର୍ବତୀଙ୍କ ବିବାହ ସ୍ଥିର ହୋଇଥିଲା। ବୁଧବାର ନୃସିଂହ ନିଉତା ଅନୁଷ୍ଠିତ ହୋଇଥିଲା। ବାଲୁଙ୍କେଶ୍ୱର ବାବା ଓ ଜଗତଜନନୀ ମାତା ପାର୍ବତୀଙ୍କ ବିବାହ ନିମନ୍ତେ ପ୍ରଭୁ ନୃସିଂହ ଶୋଭାଯାତ୍ରାରେ ବିଭିନ୍ନ ଦେବାଳୟକୁ ଯାଇ ଦେବାଦେବୀଙ୍କୁ ଗୁଆନିଉତା ଦେଇ ନିମନ୍ତ୍ରଣ କରିବା କାର୍ଯ୍ୟକ୍ରମ ରହିଛି। ୩୦ ତାରିଖ ଦିନ ବାଲୁଙ୍କେଶ୍ୱର ବାବାଙ୍କ ବିବାହରେ ସାକ୍ଷୀ ରହିବା ନିମନ୍ତେ ପ୍ରଭୁ ସାକ୍ଷୀ ଗୋପୀନାଥଙ୍କୁ ସାକ୍ଷୀପଡ଼ାରୁ ନନ୍ଦପଡ଼ାକୁ ଏକ ଶୋଭାଯାତ୍ରାରେ ନିଆଯିବ। ଆସନ୍ତା ୩୧ ତାରିଖ ମଧ୍ୟରାତ୍ରରେ ଶିବ-ପାର୍ବତୀଙ୍କ ବିବାହ, ଜୁନ୍ ୧ ତାରିଖ ଦିନ ଦେବଦମ୍ପତିଙ୍କ ନଗର ପରିକ୍ରମା ଆରମ୍ଭ ପରେ ୨ ତାରିଖ ଅପରାହ୍ଣରେ ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ରହିଛି।

# ଭାରତୀୟ ନୌସେନା ଓ ଭାରତୀୟ ତଟରକ୍ଷୀ ସହ କିଟ୍‌ର ଦୁଇ ବୁଝାମଣାପତ୍ର ସ୍ୱାକ୍ଷରିତ




ଭୁବନେଶ୍ୱର, (ଡିକେ ନ୍ୟୁଜ): ଶିକ୍ଷାଗତ ସଶକ୍ତିକରଣ ଏବଂ ଅନ୍ତର୍ଭୁକ୍ତିମୂଳକ ରାଷ୍ଟ୍ର ନିର୍ମାଣ ଦିଗରେ ଏକ ପଦକ୍ଷେପ ସ୍ୱରୂପ, କିଟ୍ ବିଶ୍ୱବିଦ୍ୟାଳୟ, ଭାରତୀୟ ନୌସେନା ଓ ଭାରତୀୟ ତଟରକ୍ଷୀ ମଧ୍ୟରେ ଦୁଇଟି ଅଲଗା ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ବୁଝାମଣାପତ୍ରରେ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଶରଣଜିତ ସିଂହ ଏବଂ ନୌସେନା ସ୍ତ୍ରୀ କଲ୍ୟାଣ ସଂଘର ସଭାପତି ଶଶି ତ୍ରିପାଠି ଏବଂ ନୌସେନା ଶିକ୍ଷା ଅଧିକାରୀ କମୋଡୋର ଏସଏମ ଉରୁଜ ଆଥାର ସ୍ୱାକ୍ଷର କରିଛନ୍ତି। ଏହା ବୁଝାମଣାପତ୍ର ଅନୁସାରେ କିଟ୍ ବିଶ୍ୱବିଦ୍ୟାଳୟରେ ନୌସେନା କର୍ମଚାରୀ ଏବଂ ସେମାନଙ୍କ ପରିବାର ପିଲାଙ୍କ ପାଇଁ ଛାତ୍ରବୃତ୍ତି, ଟ୍ୟୁସନ୍ ଫି ଛାଡ ଏବଂ ବିଭିନ୍ନ ପାଠ୍ୟକ୍ରମରେ ସିଟ୍ ସଂରକ୍ଷିତ ରଖାଯିବ। ସେମାନଙ୍କ ପିଲାଙ୍କ ପାଇଁ ଏମବିବିଏସ ପାଠ୍ୟକ୍ରମରେ ଦୁଇଟି ସିଟ୍ ପାଇଁ ୧୦ ପ୍ରତିଶତ ଟ୍ୟୁସନ୍ ଫି ଛାଡ, ବିଡିଏସ ଏବଂ ବିଏସସି ନର୍ସିଂରେ ୫ଟି ସିଟ୍ ସଂରକ୍ଷଣ, ବିଟେକ (କମ୍ପ୍ୟୁଟର ବିଜ୍ଞାନ ଏବଂ ଆନୁସଙ୍ଗିକ ପାଠ୍ୟକ୍ରମ)ରେ ୪ଟି ସିଟ୍ ସଂରକ୍ଷଣ ଏବଂ କାର୍ଯ୍ୟରତ ନୌସେନା ଅଧିକାରୀଙ୍କ ପିଲାମାନଙ୍କ ପାଇଁ ଅନ୍ୟ ସମସ୍ତ ଅଣ-ଡାକ୍ତରୀ ପାଠ୍ୟକ୍ରମରେ ୫୦ ପ୍ରତିଶତ ଇନ୍‌ଷ୍ଟିଟ୍ୟୁସନାଲ୍ ଫି ଛାତ୍ରବୃତ୍ତି ସହ ସେମାନଙ୍କୁ ଆବଶ୍ୟକ ସିଟ୍ ପ୍ରଦାନ କରାଯିବ। ସେହିପରି କିଟ୍ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ତଟରକ୍ଷୀର କୋଷ୍ଟଗାର୍ଡ ୱେଲଫେୟାର ଆଣ୍ଡ ୱେଲନେସ୍ ସଂଘ ମଧ୍ୟରେ ଅନ୍ୟଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏଥିରେ ମଧ୍ୟ ଭାରତୀୟ ତଟରକ୍ଷୀରେ କର୍ମଚାରୀଙ୍କ ପିଲାଙ୍କ ପାଇଁ କିଟ୍ ବିଶ୍ୱବିଦ୍ୟାଳୟରେ ଇନ୍‌ଷ୍ଟିଟ୍ୟୁସନାଲ୍ ଫି ଉପରେ ୧୦ ପ୍ରତିଶତ ବୃତ୍ତି ସହ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ୨ଟି, ବିଡିଏସ୍‌ରେ ୫ଟି, ବିଏସ୍‌ସି ନର୍ସିଂରେ ୫ଟି ସିଟ୍ ସଂରକ୍ଷିତ ରଖାଯିବ। ଏହା ବ୍ୟତୀତ କମ୍ପ୍ୟୁଟର୍ ସାଇନ୍‌ସ ଓ ତତ୍ ସମ୍ପର୍କିତ ଅନ୍ୟାନ୍ୟ ବିଟେକ୍ ପାଠ୍ୟକ୍ରମରେ ୪ଟି ସିଟ୍ ସେମାନଙ୍କ ପାଇଁ ସଂରକ୍ଷିତ ରହିବ। ଅନ୍ୟାନ୍ୟ ସମସ୍ତ ଅଣ-ଡାକ୍ତରୀ ପାଠ୍ୟକ୍ରମରେ ସେମାନଙ୍କ ପିଲାଙ୍କ ପାଇଁ ଇନ୍‌ଷ୍ଟିଟ୍ୟୁସନାଲ୍ ଫି ଉପରେ ୫୦ ପ୍ରତିଶତ ବୃତ୍ତି ପ୍ରଦାନ କରାଯିବ। ଏହି ସହଯୋଗ କିଟ୍ ର ଜାତୀୟ ସେବା ଏବଂ ସାମାଜିକ ଦାୟିତ୍ୱବୋଧ ପ୍ରତି ଦୀର୍ଘସ୍ଥାୟୀ ପ୍ରତିବଦ୍ଧତା ପ୍ରତିପାଦିତ କରୁଛି ବୋଲି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି। ଏହି ବୁଝାମଣା ହେଉଛି ନୌସେନା କର୍ମଚାରୀଙ୍କ ନିଃସ୍ୱାର୍ଥପର ସେବା ପ୍ରତି ସମ୍ମାନ ଓ ଶିକ୍ଷା ମାଧ୍ୟମରେ ଅନ୍ତର୍ଭୁକ୍ତିମୂଳକ ବିକାଶ ଦିଗରେ ଏକ ଦୃଢ଼ ପଦକ୍ଷେପ ବୋଲି ଶ୍ରୀ ସାମନ୍ତ କହିଛନ୍ତି।

# ୨୦ ଲକ୍ଷ ଟଙ୍କା ଲାଞ୍ଚ ନେଇ ଧରାପଡ଼ିଗଲେ 'ଇଡି'ର ଉପନିର୍ଦ୍ଦେଶକ

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଜଣେ ବରିଷ୍ଠ ଅଧିକାରୀ ଗୁରୁବାର ସିବିଆଇ ଫାସରେ ପଡ଼ିଛନ୍ତି। ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ କାର୍ଯ୍ୟରତ 'ଇଡି'ର ଉପନିର୍ଦ୍ଦେଶକ ଚିନ୍ତନ ରଘୁବଂଶୀ ୨୦ ଲକ୍ଷ ଟଙ୍କା ଲାଞ୍ଚ ନେଇ ଧରାପଡ଼ିଛନ୍ତି। ଖଣିଜନିତ ଏକ ମାମଲାର ରଫାଦଫା କରିବା ପାଇଁ ୨୦୧୩ର ଭାରତୀୟ ରାଜସ୍ୱ ସେବା ଅଧିକାରୀ ତଥା ଇଡିର ଉପନିର୍ଦ୍ଦେଶକ ଚିନ୍ତନ ରଘୁବଂଶୀ ୫୦ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଲାଞ୍ଚ ଦେଇଥିବା ବ୍ୟକ୍ତି ଜଣକ ଏନେଇ ସିବିଆଇରେ ଅବଗତ କରିଥିଲେ। ଏନେଇ ଲାଞ୍ଚ ଦେଇଥିବା ବ୍ୟକ୍ତି ଜଣକ ଏନେଇ ସିବିଆଇରେ ଅବଗତ କରିଥିଲେ। ସିବିଆଇ ସୂଚନା ଆଧାରରେ ଲାଞ୍ଚୁଆ ଅଧିକାରୀଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲା। ଗୁରୁବାର ୨୦ ଲକ୍ଷ ଟଙ୍କା ନେଉଥିବା ବେଳେ ଅତର୍କିତ ଚଢ଼ାଉ କରି ଧରିଛି। ଘଟଣାସ୍ଥଳରୁ ସିବିଆଇର ବରିଷ୍ଠ ଅଧିକାରୀମାନେ ରଙ୍ଗବୋଲା ୨୦ ଲକ୍ଷ ଟଙ୍କା ଜବତ କରିଥିଲେ। ଅଭିଯୁକ୍ତ ଚିନ୍ତନ ରଘୁବଂଶୀଙ୍କୁ ସିବିଆଇ ପଚରାଉଚୁରା କରୁଛି।

# ଭୁବନେଶ୍ୱରରେ ମଧ୍ୟବିତ୍ତ ବର୍ଗଙ୍କୁ ସୁଲଭ ଦରରେ ଘର ଯୋଗାଇବେ ସରକାର

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଓଡ଼ିଶା ରାଜ୍ୟ ସରକାର ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କୁ ଭୁବନେଶ୍ୱରରେ ସୁଲଭ ଘର ଯୋଗାଇବାକୁ ଯୋଜନା କରିଛନ୍ତି, ଯେଉଁଠାରେ ୧୫ ଲକ୍ଷରୁ ୫୦ ଲକ୍ଷ ମୂଲ୍ୟ ମଧ୍ୟରେ ବାସସ୍ଥାନ ବିକଳ୍ପ ଉପଲବ୍ଧ। ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅନୁଯାୟୀ, ଆଗାମୀ ଯୋଜନା ଏମଆଇଜି, ଏଲଆଇଜି, ଏଲଆଇଜି-୧, ଏବଂ ଏମଆଇଜି-୨ ସମେତ ବିଭିନ୍ନ ବର୍ଗର ନାଗରିକଙ୍କ ନିଜ ଘରର ସ୍ୱପ୍ନକୁ ପୂରଣ କରିବ। ରାଜଧାନୀ ଜନଗହଳିପୂର୍ଣ୍ଣ ହେବାରେ ଲାଗିଛି। ଲୋକମାନେ ଘର ପାଇଲେ ଭୁବନେଶ୍ୱର ସହର ବୃଦ୍ଧି ପାଇବ ବୋଲି ସେ କହିଛନ୍ତି। ରିପୋର୍ଟ ଅନୁସାରେ, ମନ୍ତ୍ରୀ କହିଛନ୍ତି ଯେ, ସରକାର ଘର ଯୋଗାଇବାକୁ ଯାଉଥିବାରୁ ଏହାଦ୍ୱାରା ସାଧାରଣ ଗରିବ ଏବଂ ମଧ୍ୟବିତ୍ତ ପରିବାରର ରାଜଧାନୀରେ ନିଜର ଘରର ସ୍ୱପ୍ନ ପୂରଣ ହେବ। ଲଟେରୀ ମାଧ୍ୟମରେ ଘର ଯୋଗାଇ ଦିଆଯିବ। କେଉଁ ବର୍ଗର ଲୋକମାନେ ଆବେଦନ କରିପାରିବେ ତାହାର ମାନଦଣ୍ଡ ମଧ୍ୟ ରହିବ। ଏଥିପାଇଁ ଧନୀ ଲୋକମାନେ ଆବେଦନ କରିପାରିବେ ନାହିଁ। ସରକାରଙ୍କ ଲକ୍ଷ୍ୟ ହେଉଛି ଉଚ୍ଚମାନର ଘର ଶସ୍ତାରେ ଯୋଗାଇବା। ସରକାର ପିପିପି ମୋଡ୍ରେ ଘର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଘର ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯିବ। ସରକାର ସମବାୟ ବ୍ୟାଙ୍କଗୁଡ଼ିକ ସହିତ ମଧ୍ୟ ଚୁକ୍ତି କରିବେ। ସମବାୟ ବ୍ୟାଙ୍କଗୁଡ଼ିକ ଘରଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ନେବେ ଏବଂ ଇଏମଆଇ ସଂଗ୍ରହ କରିବେ ବୋଲି ମନ୍ତ୍ରୀ କହିଛନ୍ତି। ସରକାର ଭୁବନେଶ୍ୱରର ଉପକଣ୍ଠ ଅଞ୍ଚଳରେ ଏହି ଘରଗୁଡ଼ିକ ନିର୍ମାଣ କରିବେ। କଟକରେ ମଧ୍ୟ ଲୋକମାନେ ଘର ପାଇବେ। ସରକାର ପ୍ରଥମ ପର୍ଯ୍ୟାୟରେ ମହାନଗର ଅଞ୍ଚଳରେ ସୁଲଭ ଘର ନିର୍ମାଣ କରିବାକୁ ଯୋଜନା କରୁଛନ୍ତି। ଏହା ଦ୍ୱାରା ଭୁବନେଶ୍ୱର ସହରର ବିସ୍ତାର ହେବ। ଲୋକମାନଙ୍କୁ ଯୋଗାଯୋଗର ମଧ୍ୟ ସୁବିଧା ଦିଆଯିବ। ପରବର୍ତ୍ତୀ ପର୍ଯ୍ୟାୟରେ, ସରକାର ରାଜ୍ୟର ଅନ୍ୟାନ୍ୟ ପୌର ଅଞ୍ଚଳରେ ଆବଶ୍ୟକତା ଅନୁସାରେ ସୁଲଭ ଘର ଯୋଗାଇବେ। ସହରକୁ ବସ୍ତିମୁକ୍ତ କରିବା ପାଇଁ ସରକାର ଏକ ଯୋଜନା ପ୍ରସ୍ତୁତ କରିବାକୁ ଯାଉଛନ୍ତି। କାରଣ ଘର ଅଭାବ ହେଉଛି ବସ୍ତି ନିର୍ମାଣର ମୁଖ୍ୟ କାରଣ। ତେଣୁ, ସରକାର ସହର ଭିତରେ ଭଡା ଘର ନିର୍ମାଣ କରିବାକୁ ମଧ୍ୟ ଚିନ୍ତା କରୁଛନ୍ତି। ଏହା ସହିତ, ସରକାର ସହର ଯୋଜନା ଏବଂ ଟିପି ସ୍କିମକୁ ମଧ୍ୟ ଗୁରୁତ୍ୱ ଦେଉଛନ୍ତି। ପୁରୁଣା ଜମି ଥିବା ଲୋକମାନେ ଉଚିତ ମୂଲ୍ୟ ପାଉଛନ୍ତି। ସରକାର ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ସ୍ୱରେଜ୍, ଡ୍ରେନେଜ୍, ରାସ୍ତା ଏବଂ ଲାଇଟ୍ ଭଳି ଆନୁଷଙ୍ଗିକ ସୁବିଧା ମଧ୍ୟ ଯୋଗାଇବେ। ଏହି ପ୍ରକ୍ରିୟା ଭୁବନେଶ୍ୱର ଏବଂ କଟକରେ ଆରମ୍ଭ ହୋଇଥିବାବେଳେ, ସରକାର ଏହାକୁ ଶୀଘ୍ର ପୁରୀରେ କରିବାକୁ ଯୋଜନା କରୁଛନ୍ତି।

## ସମ୍ପାଦକୀୟ

# ପହଲଗାଁଓର ନର ସଂହାର

ଯେ ଧର୍ମ କ'ଣ ? ବୁଝି ନାହାଁନ୍ତି ସେ ମତେ ଯେମିତି ଧର୍ମଗୁରୁ ଭୂମିକା ନିଭାଇବା ପାଇଁ ଅସ୍ତ୍ରଧରି ଧର୍ମର ଆଚରଣ ପଚାରୁଛନ୍ତି। ଆମଜନତୀ କ'ଣ ଧର୍ମର ଧାରାରେ ରହିଲେ ବି କାହାକୁ ଧର୍ମର ଭିତ୍ତିଭୂମି ବୁଝାଇ ପାରିବେନି ? ପହଲ ମାନେ ପ୍ରଥମ ଗାଁଓ ମାନେ ୧ମ ଗ୍ରାମ ଭାରତର ବିଖ୍ୟାତ ପୀଠ ବୈଷ୍ଣୋଦେବୀ ପରି ଉଚ୍ଚ ସ୍ଥାନକୁ ଯିବା ପଥରେ ଏଇ ସ୍ଥାନ ପହିଲ ଗ୍ରାମ ପହଲଗାଁ, ଏହି ଦେବଭୂମି ଡାକେ ମାତାନେ ବୁଲାୟା, ଶ୍ରୀଚଣ୍ଡୀରେ ମହାକାଳୀ ମହାଲକ୍ଷ୍ମୀ ମହା ସରସ୍ୱତୀଙ୍କ ପାଇଁ ତିନି ପ୍ରକାର ଦେବୀଙ୍କର ଚରିତ ଅଛି। ଏଇ ପୀଠ ହିଁ ଏପରି ପୀଠ ଯେଉଁଠି ଲୋକେ ଦର୍ଶନରେ ସମ୍ପୂର୍ଣ୍ଣ ପାଠ ନକରି ଫଳ ପାଇପାରନ୍ତି। ପୂଜା ପାଇଁ ଧାରା ନିତ୍ୟ ନୈମିତ୍ତିକ କାମ୍ୟର ଧାରା ଅଛି। କାମ୍ୟ ହେଉଛି କାମନା ରଖି ଯେଉଁ ହାସଲ ଚିନ୍ତା। ତାହା ପାଇବାକୁ ଲୋକର ଅନେକ ଚେଷ୍ଟା। ଏହି ଦେବୀ ଏ ପରିଶକ୍ତି ଯେ ଲୋକର କୁଚ୍ଛଅତିବୁଚ୍ଛ ଶରୀର କଷ୍ଟ କରି ଏ ସ୍ଥାନକୁ ଦର୍ଶନକୁ ଆସିବା ଦ୍ୱାରା କାମନା ଅନେକ ପୂରଣ ହୋଇଯାଏ।

ସେ ମା ସେରାବାଲି, ସେର ତ ବାଘ ସିଂହା ବିଶେଷ କରି ସିଂହ। ମାଆ ସିଂହବାହିନୀ ପୂର୍ବେ ହିମାଳୟ ପାଦ ଦେଶରେ ବହୁ ସିଂହ ଥିଲେ। ଏଥିରେ ଦଳପତି ସିଂହ ହିଁ ଦେବୀ ବାହାନ ରୂପେ ହିମାଳୟ ତାଙ୍କର କନ୍ୟାକୁ ବାହାନ ପାଇଁ ଦେଇଥିଲେ। ସିଂହ ପଞ୍ଝାରେ ବଜ୍ରଶକ୍ତ ନଖରେ ସେ ତଳୁ ଉପରକୁ ଉଠି ପାରନ୍ତି। ପର୍ବତ ବାସିନ୍ଦା ଏପରି ତଳ ଉପର ହୋଇ ଶିଖରରୁ ନିମ୍ନ ଅବତରଣ କରିଥାନ୍ତି। ପର୍ବତଙ୍କ କନ୍ୟା ପାର୍ବତୀ। ତାଙ୍କ ବାହାନ ସିଂହ। ସିଂହ ଏପରି ଜୀବ ସେ କାହାକୁ ଭୟ କରେନାହିଁ। ସେ ସ୍ୱୟଂ ଯୁଦ୍ଧ ଅସ୍ତ୍ର ସହିତ ଜନ୍ମ ବଜ୍ର ନଖ ଓ ଦାନ୍ତ ନେଇ ଜନ୍ମ। ସିଂହାର ଗର୍ଜନ ଅନେକ ଦୂର ଯାଏ ଶୁଭେ। ସିଂହର ଗର୍ଜନେ ଏକ ଦମ ସିମିତ, ସିଂହ ଅଧିକ ସନ୍ତାନ ଜନ୍ମ କରିବା କେବେ ପ୍ରକୃତି ମାଆ କରାଇ ଦିଅନ୍ତି ନାହିଁ। କାରଣ ତାର ଭୋଜନ ମାଂସ ଯେ ତୃଣ ଘାସ ଭୋଜୀ ଏଇମାନେ ଅଧିକ ଜନ୍ମ ହୋଇଥାନ୍ତି। ସେ ପଶୁରାଜ ସର୍ବୋଚ୍ଚ ଶକ୍ତି ସମ୍ପନ୍ନ ପଶୁ ହେଲେ 'ରାଜ' ଲାଗିବାରୁ ସେ 'ପ୍ରଶାସନ'ରେ ହିଁ ରହନ୍ତି। ଭାରତରେ ସିଂହ ବା ସିଂ ସଜ୍ଞା ଶିଖଙ୍କର ଓ ରାଜପୁତ ମାନଙ୍କର। ଏମାନେ ବର୍ତ୍ତମାନ ପଞ୍ଜାବ ହରିୟାନା ଓ ରାଜସ୍ଥାନର ସିମିତ ବାସିନ୍ଦା ହେଲେ ବି ଏଇମାନେ ପ୍ରକୃତରେ ଭାରତର ଆଦି ଶାସନରେ ରହି ଆସିଛନ୍ତି। ଯୁଦ୍ଧକୁ ସମ୍ପୂର୍ଣ୍ଣ ନିର୍ଭୀକ ମୋଗଲ ପ୍ରଶାସନରେ ଦେଖନ୍ତୁତ ରାଜପୁତ ବୀର ରାଣାପ୍ରତାପ, ପଞ୍ଜାବର ରଣଜିତ ସିଂହ ଯେ ବ୍ରିଟିଶ ଜାତିକୁ ଛାଡ଼ି ନାହାଁନ୍ତି। କାଶ୍ମୀର ରଣବୀର ସିଂହ, ହରି ସିଂ, ଏସବୁ ମହାକ୍ଷତ୍ରୀୟ ମୋଗଲ ବାଦଶା ମାଛ ତେଲରେ ମାଛ ଭାଜୁଥିଲେ। ରାଜପୁତ୍ର କନ୍ୟାକୁ ବିବାହ କରି ଶ୍ୱଶୁର ଘର ସମ୍ବନ୍ଧ ଶାଳକ ସମ୍ବନ୍ଧ କରି ଆକବର ବଡ଼ରାଟ ସମ୍ରାଟ ପଣକୁ ଆସିଥିଲେ। କଲ୍ୟାଣମଲ୍ଲ ମାନସିଂହ ଏପରି ମହାକ୍ଷତ୍ରୀୟ ମାନସିଂହଙ୍କୁ ପାଖ ଲୋକ କରାଇ ଦିଲ୍ଲୀରେ ବସି ଏହି ଓଡ଼ିଆ ବଙ୍ଗ ବିହାର ଅଞ୍ଚଳକୁ ଶାସନ କରୁଥିଲେ।

ସିଂହ ଶକ୍ତିରେ ସିଂହମାନେ ପରିଚିତ ହେବାକୁ ଶିଖ ମାନଙ୍କର ଗୁରୁମାନେ ପ୍ରବର୍ତ୍ତାଇଛନ୍ତି । ଏହି ଓଡ଼ିଶା ରାଜ୍ୟର ପାରାଦ୍ୱୀପ ବନ୍ଦର ନିର୍ମାଣ ବେଳେ ରେଲ ରାସ୍ତାର ଉନ୍ନତି ବନ୍ଦର ପର୍ଯ୍ୟନ୍ତ ହୋଇ ନଥିଲା। ବିଜୁ ବାବୁଙ୍କ ତତ୍କାଳିନ ପ୍ରଶାସନରେ ପଞ୍ଜାବୀ ଡ୍ରାଇଭରଗଣଙ୍କୁ ଡ୍ରାଇଭର ରୂପେ ପଥର ବୋହିବା ଟ୍ରକ ଚାଳକ ରୂପେ ପ୍ରଶୟ ଦେଇଥିଲେ। ଦିନକୁ ଶହ ଶହ ଟ୍ରକ ପାରାଦ୍ୱୀପକୁ ଚାଲୁଥିଲା ଯେଉଁ ମାନଙ୍କର ଡ୍ରାଇଭର ପଞ୍ଜାବୀ ସିଂହ ମାନେ ଥିଲେ ଟମକାରୁ ପାରାଦ୍ୱୀପ ଯେଉଁ ହାଇଓ୍ୱେ ହୋଇଛି ଏଠାରେ ଖଣିରୁ ବନ୍ଦର ଯାଏ ଟ୍ରକରେ ହିଁ ପ୍ରଥମ ପ୍ରଥମ ଲୁହାପଥର ଏହି ସିଂହମାନେ ହିଁ ବହନ କରି ଆଣୁଥିଲେ। ଯାହା ଅତି ସାହାସ ଓ ଧୈର୍ଯ୍ୟର କାର୍ଯ୍ୟ। ପ୍ରଜା ହିନ୍ଦୁ ରାଜା ମୁସଲମାନ ସୁଲତାନ ଶାସନ ମୋଗଲ ଶାସନରେ ଭାରତରେ ଚାଲୁଥିଲା ଏମିତି ଜମିଦାରୀ କିଣାବିକା ପୂର୍ବେ ଚାଲିଥିଲା କାଶ୍ମୀର ଜମିଦାରୀକୁ ପଞ୍ଜାବର ଜଣେ ସିଂହ କିଣିଥିଲେ। ତାପରେ ସେଠାରେ ହିନ୍ଦୁରାଜ ହୋଇ ଆସୁଛି ମାତ୍ର ସେଠାର ଆରବରୁ ଆସିବା ଇସଲାମ ପୁରୁଷମାନେ ଆକ୍ରମଣକାରୀ ଭାବରେ ହୁଅନ୍ତୁ ବଣିକ ଭାବରେ ହୁଅନ୍ତୁ ଆସି ପରେ କାମନା ଚରିତ୍ର ପାଇଁ ପତ୍ନୀ ଗ୍ରହଣ କରି ଇସଲାମ ଧର୍ମର ସନ୍ତାନ ସୃଷ୍ଟି କଲେ। ଆମ ଦେଶର ପିତୃକେନ୍ଦ୍ରିକ ଜାତିଧର୍ମର ସନ୍ତାନ, ଏହି ନିୟମରେ ମାତୃ କେନ୍ଦ୍ରିକ ନାହିଁ। ଫଳରେ ଏକାଧିକ ପତ୍ନୀ ଗ୍ରହଣ ଓ ଅଧିକ ସନ୍ତାନ ସୃଷ୍ଟରେ ଜନସଂଖ୍ୟା ବେଳକୁ ବେଳ ବିସ୍ଫୋରଣ ହୋଇ ବାସଭୂମି ବାଣିଜ୍ୟଭୂମି, ବୃତ୍ତି ବାଧା ଅଭାବ ବୋଧ ହେଲା। କାଳକ୍ରମେ କାଶ୍ମୀର ପଣ୍ଡିତଙ୍କ ଉପରେ ହେଲା ଆକ୍ରମଣ ସେମାନେ ଡରଭୟରେ ଉଦବସ୍ତୁ ହୋଇ ଭିଟାମାଟି ଛାଡ଼ି ପ୍ରାଣଭୟରେ ଭାରତର ବିଭିନ୍ନ ଦିଗକୁ ଆସିଗଲେ। ଜନସଂଖ୍ୟା ବୃଦ୍ଧି ଏପରି ସମସ୍ୟା ସର୍ବଦା ଉପୁଜେ। ଏ ପାଇଁ ଜନଗଣନା କରାଯାଇ ଲୋକଙ୍କ ଥଇଥାନ କିପରି କରାଯିବ ଶାସନ ବିଭାଗୀୟ ଚିନ୍ତା ହୁଏ।

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**
**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ,**
**କଟକ, ଦୂରଭାଷ : ୯୪୩୭୦୩୧୨୫୩**

## ଆପଣଙ୍କ ମତାମତ

**ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ଯେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ ।**

**Mob/ whatsapp : 9090962011**
**Ph. No. : 0674-2975387**
**E-mail : dumanikhabar2020@gmail.com**

# ଆର୍ଥିକ ସମ୍ପନ୍ନଙ୍କୁ ମିଳିବନି ସଂରକ୍ଷଣ !


ଗୋପାଳ ମହାପାତ୍ର

ଭାରତର ପ୍ରଧାନ ବିଚାରପତି ବି ଆର ଗବଇଙ୍କ ମତରେ ସମ୍ପନ୍ନ ଲୋକଙ୍କୁ ସଂରକ୍ଷଣର ସୁବିଧା ଦିଆଯିବା ଉଚିତ୍ ନୁହେଁ। ଭାରତର ପ୍ରଦାନ ବିଚାରପତି ଗବଇଙ୍କ ଏହି ମତ ବା ବିଚାର ସାମାଜିକ ନ୍ୟାୟ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇପାରେ। ଏହି ବିଚାର ସଂରକ୍ଷଣ ନୀତିକୁ ଅଧିକ ସମାବେଶୀ ଏବଂ ପ୍ରଭାବୀ କରିବା ଦିଗରେ ଏପରିକି ସାମାଜିକ ଏବଂ ଆର୍ଥୀକରପେ ବଞ୍ଚିତ ଲୋକଙ୍କୁ ସମାନ ଅବସର ପ୍ରଦାନ କରିବା ଦିଗରେ ଏକ ସକରାତ୍ମକ ପଦକ୍ଷେପ ହୋଇପାରେ। କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ଅନେକ ଅସୁବିଧା ମଧ ରହିଛି। ଏହି ସବୁ ଅସୁବିଧା ବା ଅବ୍ୟବସ୍ଥା ମଧ୍ୟରେ ରହିଛି ସାମାଜିକ ଭେଦଭାବର ନିରନ୍ତରତା, ସାମ୍ବିଧାନିକ ପ୍ରାବଧାନର ପାଳନ ଏବଂ ପ୍ରଶାସନିକ ଜଟିଳତା। ଭାରତରେ ସଂରକ୍ଷଣ ନିୟମ ସାମାଜିକ ଏବଂ ଆର୍ଥୀକ ଭାବେ ପଛୁଆ ସମୁଦାୟକୁ ସମାନ ଅବସର/ସୁବିଧା ସୁଯୋଗ ପ୍ରଦାନ କରିବାର ଏକ ଗୁରୁତ୍ୱପୁର୍ଣ୍ଣ ସାଧନ ଅଟେ। ଏହି ନିୟମ ସମ୍ବିଧାନର ବ୍ୟବସ୍ଥା ଅନୁସାରେ ଅନୁସୂଚୀତ ଜାତି(ଏସ୍‌ସି), ଅନୁସୂଚୀତ ଜନଜାତି (ଏସଟି) ଏବଂ ଅନ୍ୟ ପଛୁଆ ବର୍ଗ (ଓବିସି)ଙ୍କ ପାଇଁ ଲାଗୁକରାଯାଉଛି। କିନ୍ତୁ ସମୟ ସହ ତାଳ ମିଳାଇ ସଂରକ୍ଷଣର ଦୁରୁପଯୋଗ, ଏହାର ଲାଭର ଅସମାନ ବିତରଣ ଏବଂ ସାମାଜିକ ଆର୍ଥୀକ ପରିବର୍ତ୍ତନ କାରଣରୁ ଏହି ନୀତିର ପ୍ରାସଙ୍ଗିକତାକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ଏ ପ୍ରସଙ୍ଗରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ପ୍ରଧାନ ବିଚାରପତି ଭୂଷଣ ରାମକୃଷ୍ଣ ଗବଇଙ୍କ ମତ ବା ବିଚାର ସମ୍ପନ୍ନ ଲୋକଙ୍କୁ ସଂରକ୍ଷଣ ରୁ ବାହାର କରିଦେବା ଉଚିତ୍ ଏକ ଗୁରୁତ୍ୱପୁର୍ଣ୍ଣ କିନ୍ତୁ ବିବାଦୀୟ ପ୍ରସଙ୍ଗ ଭାବେ ଉଭା ହୋଇଛି।

ବିଚାରପତି ଭୂଷଣ ରାମକୃଷ୍ଣ ଗବଇ ମେ ମାସ ୧୪ ତାରିଖଦିନ ପ୍ରଧାନ ବିଚାରପତି ଭାବେ ଶପଥ ଗ୍ରହଣ କଲେ। ବିଚାରପତି ଗବଇ ହେଉଛନ୍ତି ପ୍ରଥମ ପ୍ରଧାନ ବିଚାରପତି ଯିଏ ଅନୁସୂଚୀତ ଜାତି (ଏସ୍‌ସି)ର ଅଟନ୍ତି। ପୁର୍ବରୁ ଅନୁସୂଚୀତ ଜାତିରୁ କେହି ପ୍ରଧାନ ବିଚାରପତି ହୋଇନଥିଲେ। ମହାରାଷ୍ଟ୍ରର ଅମରାବତୀ ଅଞ୍ଚଳରେ ଜନ୍ମଗ୍ରହଣ କରିଥିବା ବିଚାରପତି ଗବଇଙ୍କର ସାମ୍ବିଧାନିକ ଏବଂ ପ୍ରଶାସନିକ ଆଇନ୍ କ୍ଷେତ୍ରରେ ଅନେକ ଯୋଗଦାନ ରହିଛି। ତାଙ୍କ ପିତା ଆର ଏସ ଗବଇ ରିପବ୍ଲିକାନ ପାର୍ଟିଅଫ ଇଣ୍ଡିଆର ନେତା ଥିଲେ ଓ ତାଙ୍କର ସାମାଜିକ ନ୍ୟାୟ ପ୍ରତି ଥିବା ଦୃଷ୍ଟିକୋଣ ବିଚାରପତି ଗବଇଙ୍କୁ ପ୍ରଭାବିତ କରିଥିଲା। ଅନେକ ପ୍ରସଙ୍ଗରେ ବିଚାରପତି ଗବଇ ସଂରକ୍ଷଣ ନୀତିକୁ ସୁଧାରିବା ପାଇଁ ମତବ୍ୟକ୍ତ କରିଛନ୍ତି। ତାଙ୍କ ମତରେ ବାସ୍ତବରେ ସାମାଜିକ ଏବଂ ଆର୍ଥୀକ ଋପରେ ବଞ୍ଚିତ ଲୋକାମାନଙ୍କୁ ସଂରକ୍ଷଣର ଲାଭ ମିଳିବା ଆବଶ୍ୟକ। ସେ କ୍ରୋମିଲେୟର (ସମ୍ପନ୍ନ ବର୍ଗ)ର ଅବଧାରଣାକୁ ଅନୁସୂଚୀତ ଜାତି ଏବଂ ଜନଜାତିଙ୍କ ପାଇଁ ବା କ୍ଷେତ୍ରରେ ଲାଗୁ କରାଯିବା ପାଇଁ ଶୁପାରିଶ କରିଛନ୍ତି। ପଛୁଆବର୍ଗଙ୍କ କ୍ଷେତ୍ରରେ ପୁର୍ବରୁ ଏହାଲାଗୁ କରାଯାଇଛି। ପ୍ରଧାନ ବିଚାରପତିଙ୍କ ଯୁକ୍ତି ହେଉଛି ଯଦି କୌଣସି ବ୍ୟକ୍ତି ବା ତାର ପରିବାର ସଂରକ୍ଷଣର ସୁବିଧାପାଇ ଉଚ୍ଚ ପଦବୀ ଯଥା ଆଇଏଏସ୍, ଆଇପିଏସ ବା ଅନ୍ୟ ପ୍ରତିଷ୍ଠିତ ସେବାରେ ପହଞ୍ଚି ଯାଏ ତେବେ ତାଙ୍କର ଆଗାମୀ ପିଢ଼ୀଙ୍କୁ ସାମାଜିକ ଏବଂ ଆର୍ଥୀକ ଅସୁବିଧା ଭୋଗ କରିବାକୁ ପଡିନଥାଏ। ଏଭଳି ସ୍ଥିତିରେ ସେମାନଙ୍କୁ ସଂରକ୍ଷଣର ସୁବିଧା ଦିଆଯିବା ନିୟମର ମୂଳ ଉଦ୍ଦେଶ୍ୟକୁ ଦୁର୍ବଳ କରି ଦେଇଥାଏ। ଏ ସମ୍ପର୍କୀତ ଏକ ମାମଲାର ଶୁଣାଣୀ ବେଳେ ଗବଇ ମନ୍ତବ୍ୟ ଦେଇଥିଲେ ଯେ ଯେଉଁମାନେ ବର୍ଗୀକରଣର ବିରୋଧ କରୁଛନ୍ତି ସେମାନେ ଏଭଳିଯାତ୍ରୀ ଯିଏ ରେଳ ଗାଡିର ଡବା ମଧ୍ୟରେ ପଶି ଯାଇଥାନ୍ତି କିନ୍ତୁ ଅନ୍ୟକୁ ପଶିବାକୁ ଦେଇନଥାନ୍ତି। ତାଙ୍କର ଏହି ଉକ୍ତିର ଯଥାର୍ଥତା ହେଉଛି ସଂପନ୍ନ ଦଳିତ ବା ସଂରକ୍ଷଣ ପାଉଥିବା ଅନ୍ୟବର୍ଗର ଲୋକ ଯେଉଁମାନେ ସଂରକ୍ଷଣର ଲାଭ ଉଠାଇ ସାରିଛନ୍ତି ସେମାନେ ଅନ୍ୟ ବଞ୍ଚିତ ମାନଙ୍କ ହକ୍‌କୁ ଛଡାଇ ନେଉଛନ୍ତି।

କ୍ରୋମି ଲେୟରର ଅବଧାରଣା ପ୍ରଥମେ ୧୯୯୨ରେ ଇନ୍ଦ୍ରା ସାହାଣୀ ବନାମ ଭାରତ ସରକାର ମାମଲାରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ସୃଷ୍ଟି କରାଯାଇଥିଲା। ଏହି ମାମଲାର ରାୟ ପ୍ରଦାନ କରି କୋର୍ଟ ଅନ୍ୟ ପଛୁଆ ବର୍ଗ (ଓବିସି)ଙ୍କ ପାଇଁ ସଂରକ୍ଷଣରେ କ୍ରୋମିଲେୟାରଙ୍କୁ ବାହାର କରିବା ପାଇଁ କହିଥିଲେ ଓ ଏହାର ଉଦେଶ୍ୟ ଥିଲା ସଂରକ୍ଷଣର ଲାଭ ବାସ୍ତବରେ ସାମାଜିକ ଏବଂ ଆର୍ଥୀକ ଭାବେ ପଛୁଆ ଥିବା ଲୋକଙ୍କ ପାଖରେ ପହଞ୍ଚାଇବା। କ୍ରୋମି ଲେୟାରର ଚିହ୍ନଟ ଆୟ, ପେଶା ଏବଂ ସାମାଜିକ ସ୍ଥିତି ଭଳି ମାପଦଣ୍ଡର ଆଧାରରେ ସ୍ଥିର କରାଯାଇଥାଏ। ଉଦାହରଣ ସ୍ୱରପ ଉଚ୍ଚଆୟ କରୁଥିବା ପରିବାର, ବରିଷ୍ଠ ସରକାରୀ ଅଧିକାରୀଙ୍କ ସନ୍ତାନ ସନ୍ତତି ଏବଂ ଅନ୍ୟ କେତେକ ଅଧିକ ରୋଜଗାର ଥିବା ପେଶାର ଲୋକଙ୍କୁ କ୍ରୋମିଲେୟାର ବୋଲି କୁହାଯାଏ। ଏହି ଅବଧାରଣା କିନ୍ତୁ ଅନୁସୂଚୀତ ଜାତି ଏବଂ ଜନଜାତିଙ୍କ ପାଇଁ ଲାଗୁ କରାଯାଇନଥିଲା କାରଣ ଏହି ବର୍ଗର ସମୁଦାୟଙ୍କୁ ସାମାଜିକ ଭେଦଭାବ ଏବଂ ଛୁଆଁ ଅଛୁଆଁର ସାମନା କରିବାକୁ ପଡ଼ିଥାଏ। କିନ୍ତୁ ପ୍ରଧାନ ବିଚାରପତି ଗବଇଙ୍କ ଯୁକ୍ତି ହେଉଛି ସମୟ ସହ ତାଳମିଳାଇ ଏମାନଙ୍କର (ଏସସି ଓଏସ୍‌ଟି) ଆର୍ଥୀକ ଏବଂ ସାମାଜିକ ଅସମାନତା ହ୍ରାସ ପାଉଛି। କିନ୍ତୁ ଅନେକେ ଏବେବି ମୂଳଭୁତ ସୁବିଧାରୁ ବଞ୍ଚିତ ଅଛନ୍ତି। ଏଣୁ କ୍ରୋମି ଲେୟରର ଅବଧାରଣାକୁ ଅନୁସୂଚୀତ ଜାତି ଓ ଜନଜାତିଙ୍କ କ୍ଷେତ୍ରରେ ଲାଗୁ କରାଗଲେ ଏହା ସାମାଜିକ ନ୍ୟାୟକୁ ଅଧିକ ସମାବେଶି କରିପାରିବ। ସରକାରୀ ନିଯୁକ୍ତି, ଶିକ୍ଷା ଏବଂ ଅନ୍ୟ କ୍ଷେତ୍ରରେ ସଂରକ୍ଷଣ ରହିଛି। ଯଦି ଅନୁସୂଚୀତ ଜାତି ଓ ଜନଜାତିର ସମ୍ପନ୍ନ ଲୋକେ ଏହାର ଲାଭ ଉଠାଇବେ ତେବେ ପ୍ରକୃତ ପକ୍ଷେ ଆବଶ୍ୟକତା ଥିବା ବା ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଏହାର ଲାଭ ମିଳି ପାରିବ ନାହିଁ। କ୍ରୋମି ଲେୟାରଙ୍କୁ ବାହାର କରାଗଲେ ହିଁ ପ୍ରକୃତ ହକ୍‌ଦାର ଲୋକେ ସୁବିଧା ପାଇପାରିବେ ଓ ଅସମାନତା ହ୍ରାସ ପାଇବ। ପ୍ରଧାନ ବିଚାରପତି ଗବଇଙ୍କ ଏହି ବିଚାର ଭାରତର ସାମାଜିକ ଏବଂ ରାଜନୈତିକ ଗତିଶୀଳତାକୁ ପ୍ରଭାବିତ କରିପାରେ। ଏହା ସଂରକ୍ଷଣ ନୀତିକୁ ସମାବେଶୀ ଏବଂ ନ୍ୟାୟସଙ୍ଗତ କରିପାରେ।

କିନ୍ତୁ ଏହାର କାର୍ଯ୍ୟକାରୀତାକୁ ନେଇ ଅନେକ ଜଟିଳତା ରହିଛି। ପ୍ରଧାନ ବିଚାରପତି ଗବଇଙ୍କ ବିଚାରକୁ ଲାଗୁ କରିବା ପାଇଁ ସଂସଦର ମୁରୀ ତଥା ବ୍ୟାପକ ସାମାଜିକ ସହମତିର ଆବଶ୍ୟକତା ରହିଛି। ଏଥିପାଇଁ ସଂରକ୍ଷଣ ବର୍ଗଙ୍କ ଆର୍ଥୀକ ଏବଂ ସାମାଜିକ ଅସମାନତାର ଆକଳନ ପାଇଁ ଏକ ସର୍ବେକ୍ଷଣ କରାଯିବା ମଧ ଜରୁରୀ। ଏ ପ୍ରସଙ୍ଗରେ ସବୁ ସାମାଜିକ ସଂଗଠନ, ରାଜନୈତିକ ଦଳ ଏବଂ ବୁଦ୍ଧିଜୀବିଙ୍କ ମଧ୍ୟରେ ଖୋଲାଖୋଲି ଆଲୋଚନା ମଧ ହେବା ଆବଶ୍ୟକ। କ୍ରୋମିଲେୟରର ଅବଧାରଣାକୁ ପ୍ରଥମେ ପ୍ରୟୋଗାତ୍ମକ ଭାବେ କିଛି ରାଜ୍ୟରେ ବା ଅଞ୍ଚଳରେ ଲାଗୁ କରାଗଲେ ଏହାର ପ୍ରଭାବକୁ ମଧ ଆକଳନ କରାଯାଇପାରିବ।

**ରାମଚନ୍ଦ୍ରପୁର, ରଣପୁର**
**ମୋ-୯୪୩୮୪୮୫୦୯୪**

# ବିଶ୍ୱରାଜନୀତିରେ ଅନିଶ୍ଚୟତା


ମାୟାଧର ନାୟକ

ବିଶ୍ୱ ରାଜନୀତିକୁ ପ୍ରବେଶକରିବା ପୂର୍ବରୁ ଭାରତୀୟ ରାଜନୀତି ସଂପର୍କରେ କିଛି କଥା। ଆମେ ଯଦି ଏଇ କେତେବର୍ଷର ଭାରତର ଇତିହାସକୁ ଲକ୍ଷ୍ୟ କରିବା – ତା'ହେଲେ ଆମ ନେତାମାନଙ୍କର ହୀନମନ୍ୟତା, ତାଙ୍କ ପୂର୍ବସୂରିମାନେ କରିଥିବା ଭୁଲ ଏବଂ ଅକ୍ଷମଣୀୟ କାର୍ଯ୍ୟରୁ କିଛି ଶିଖିବାଭଳି ମନେହେଉନି। ୧୯୭୫ରେ ସେତେବେଳର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଜରୁରୀକାଳୀନ ପରିସ୍ଥିତି ଘୋଷଣା କଲେ ଜୁନ୍ ୨୬ ତାରିଖରେ। ରାତାରାତି ଦେଶର ଜୟପ୍ରକାଶ ନାରାୟଣଙ୍କ ସମେତ ବହୁ ତୁଙ୍ଗନେତାଙ୍କୁ ବନ୍ଦୀକଲେ। ଆମ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଗିରଫହୋଇ କଟକ ସେଂଟ୍ରାଲ ଜେଲରେ ରହିଲେ। ଏ ଅଧୀନ ପରଦିନ ଗିରଫ ହୋଇ ସେଇ ଜେଲକୁ ଆସିଲା। ଜରୁରୀକାଳୀନ ପରିସ୍ଥିତିରେ ଇନ୍ଦିରା ଗାନ୍ଧୀଙ୍କ ସାନପୁତ୍ର ସଞ୍ଜିବ ଗାନ୍ଧୀଙ୍କ ମନମାନି ରାଜୁତି ଚାଲିଲା। କଂଗ୍ରେସଦଳର ମହାମହାନେତା ଯୁବକ ରାଜୀବ ଗାନ୍ଧୀଙ୍କୁ ଭୟ-ଖୋସାମତ କରିବାକୁ ବାମ ହେଲେ। ଗଣମାଧ୍ୟମ, ଦେଶବାସୀ ଭୟଭୀତ। କିନ୍ତୁ ଭିତରେ ଭିତରେ 'ନିରବ ବିପ୍ଳବ' ଚାଲିଲା। ୧୯୭୭ରେ ଜରୁରୀକାଳୀନ ପରିସ୍ଥିତି ଉଠାଇ ସାଧାରଣ ନିର୍ବାଚନ ଘୋଷଣା ହେଲା। ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ଛ'ଦଳିଆ ମେଂଟ ଭାରତୀୟ ଜନତା ଦଳ ଗଠନକରି କଂଗ୍ରେସ ବିରୋଧରେ ଲଢିଲେ। ଇନ୍ଦିରା ଗାନ୍ଧୀ ହାରିଗଲେ। ମୋରାରଜୀ ଦେଶାଇଙ୍କ ପ୍ରଧାନମନ୍ତ୍ରୀତ୍ୱରେ ସରକାର ଚାଲିଲା। ସେତେବେଳେ ପୂର୍ବ ଜନସଂଘର ବାଜପେୟୀ, ଆଡଭାନୀ ଦୁଇଜଣ ଜିତି ମନ୍ତ୍ରୀହୋଇଗଲେ। ଏଇ ଛ'ଦଳିଆ ନେତାଙ୍କ ମଧ୍ୟରେ ସ୍ୱାର୍ଥ ଅହଂକାର ପାଇଁ ୧୨ ଦଳରେ ବିଭକ୍ତ ହେଲେ। ୧୯୮୦ ମସିହାରେ ସାଧାରଣ ନିର୍ବାଚନ। ପୁଣି ଇନ୍ଦିରା ଗାନ୍ଧୀ ବହୁମତରେ ଜୟଲାଭକରି ପ୍ରଧାନମନ୍ତ୍ରୀ ଗାଦିରେ ବସିଲେ। ସବୁଠ ବେଶି ଦୁଃଖଦାୟକ ହେଲା – ଇନ୍ଦିରା ଗାନ୍ଧୀ କିଂବା ବିରୋଧୀଦଳ ତାଙ୍କ ବିଫଳତାରୁ କିଛି ଶିଖିଲେ ନାହିଁ।

ଇନ୍ଦିରା ଗାନ୍ଧୀ ତାଙ୍କ ୩ୟ ପାଳିରେ ଦେଶବାସୀଙ୍କୁ ସ୍ୱଚ୍ଛ ପିଇବାପାଣି, ସବୁଘରକୁ ବିଜୁଳିଆଲୁଅ ଦେବାପାଇଁ ଘୋଷଣା କଲେ। ଏହି ଘୋଷଣାର ସପ୍ତାହକ ଭିତରେ ବଡ଼ଦୁର୍ନୀତି ମୁଣ୍ଡଟେକିଲା। ବଜେଟର ଅର୍ଥବ୍ୟବସ୍ଥାରେ ପରିବର୍ତ୍ତନକରି ଯେଉଁମାନେ ଇନ୍ଦିରା ଗାନ୍ଧୀ ଯେତେବେଳେ କ୍ଷମତାରେ ନଥିଲେ - ସାହାଯ୍ୟସହଯୋଗ କରିଥିଲେ – ସେମାନେ ସବୁ ସୁବିଧାସୁଯୋଗ ପାଇଲେ। ଲଣ୍ଡନରେ ବ୍ୟବସାୟ କରୁଥିବା ବେପାରୀ ସ୍ୱରାଜ ପାଲ, ଅରୁଣ ଭଗତ ରାମ, ରାଜନ ନନ୍ଦା ପ୍ରମୁଖ ଯେଉଁମାନେ ରାଜୀବ ଗାନ୍ଧୀ ଡୁନ୍ ସ୍କୁଲରେ ସହପାଠୀ ଥିଲେ – ସେମାନେ ଏର୍ସକଟ୍ ଓ ଡି.ସି.ଏମ୍.ରେ ଲକ୍ଷଲକ୍ଷ କୋଟି ଡଲାର ଖଟାଇଥିଲେ। ବିଜୁ ପଟ୍ଟନାୟକ ସ୍ୱରାଜ ପାଲକୁ ଆଣି କଳିଙ୍ଗନଗର ଜଖପୁରାରେ ଇସ୍ପାତକାରଖାନା କରିବାପାଇଁ ଦୁଇଟି କଦମ୍ବଗଛ ପୋତି ଶୁଭଦେଲେ। ୧୯୮୦ରୁ ଆଜି ୨୦୨୩ ମସିହା ସେ କଦମ୍ବଗଛ ନାହିଁ କି ସ୍ୱରାଜ ପାଲ ମାଟିରେ ଖୁଂଟ ପୋତିନି। ସେଇ ୧୯୮୦ ମସିହାରେ ରଂଗିନ୍ ଟିଭିର ପ୍ରଚଳନକରି ୧୯୮୨ ମସିହାରେ 'ଏସିଆନ୍ ଗେମସ୍' ଅନ୍ୟାନ୍ୟ ବିଶ୍ୱସଂସ୍ଥାର ପ୍ରଚାରକରାଯାଇ ଇନ୍ଦିରା ଗାନ୍ଧୀଙ୍କୁ ବିଶ୍ୱନେତା ଭାବେ କଂଗ୍ରେସଦଳ ଧୂମ୍ ପ୍ରଚାର କଲେ। କିନ୍ତୁ ଇନ୍ଦିରା ଗାନ୍ଧୀ ଖଲିସ୍ଥାନ ଉଗ୍ରବାଦୀଙ୍କୁ ଦମନକରିବା ଫଳରେ ତାଙ୍କର ପତନ ଆରମ୍ଭ ହେଲା। ଶିଖ୍ ସଂପ୍ରଦାୟର ଜଣେ ଦେହରକ୍ଷୀ ଗୁଳିରେ ସବୁଦିନପାଇଁ ଟଳିପଡିଲେ।

୧୯୮୫ରେ ସାଧାରଣ ନିର୍ବାଚନରେ ତାଙ୍କ ବଡ଼ପୁଅ ପାଇଲଟ୍ ରାଜୀବ ଗାନ୍ଧୀ ମା' ଛେଉଣ୍ଡ ପୁଅ କହି ଭୋଟ୍ ଭିକ୍ଷାକଲେ – ଜିତିଲେ - ପ୍ରଧାନମନ୍ତ୍ରୀ ହୋଇ ସରକାର ଚଳାଇଲେ। ରାଜୀବ ଗାନ୍ଧୀ ମଧ କିଛି ଶିଖିଲେ ନାହିଁ। ଶ୍ରୀଲଙ୍କା ତାମିଲ ସଂପର୍କିତ ଘଟଣାରେ ତାଙ୍କୁ ଗୁଳିକରି ହତ୍ୟାକରାଗଲା। ଏଇ ୧୯୮୫ରୁ ୨୦୧୪ ପର୍ଯ୍ୟନ୍ତ ପି.ଭି. ନରସିଂହ ରାଓ, ମନମୋହନ ସିଂ, ଭି.ପି. ସିଂ, ଆଇ.କେ. ଗୁଜରାଲ, ଦେବଗୌଡା, ଚରଣ ସିଂ, ଅଟଳ ବିହାରୀ ବାଜପେୟୀ ପ୍ରମୁଖ କେତେ ପ୍ରଧାନମନ୍ତ୍ରୀ ଗଲେଣି। ଏବେ ନରେନ୍ଦ୍ର ଦାମୋଦର ମୋଦି ପ୍ରଧାନମନ୍ତ୍ରୀ ଅଛନ୍ତି।

କାଶ୍ମୀରରେ ମାନବାଧିକାର ଉଲ୍ଲଂଘନ, ଉତରପ୍ରଦେଶ, ମଣିପୁରରେ ହିଂସା। ଖ୍ରୀଷ୍ଟିୟାନ୍ ପାଦ୍ରି ଓ ଚର୍ଚ୍ଚ ଉପରେ ଆକ୍ରମଣ ଦେଶର ବିଭିନ୍ନସ୍ଥାନରେ ଘଟିଚାଲିଛି। ଆମେରିକା ରାଷ୍ଟ୍ରପତି ବାଇଡେନ୍ ମୋଦିଜୀଙ୍କୁ ଭଲଦୃଷ୍ଟିରେ ଦେଖିବେ କି ? ଏଣେ ରୁଷ-ୟୁକ୍ରେନ ଯୁଦ୍ଧ ବର୍ଷାଧିକକାଳ ଚାଲିଛି। ଭାରତ ଡିଜେଲ ପାଇଁ ରୁଷକୁ ବିରୋଧ କରିପାରୁନି କି ମାନବିକତା ଦୃଷ୍ଟିକୋଣରୁ ୟୁକ୍ରେନକୁ ସମର୍ଥନ କରିପାରୁନି। ନିରବ ରହିବା ଅର୍ଥ ଅନ୍ୟାୟକୁ ସମର୍ଥନ କରିବା। ନୀତିରେ ଭାରତ ବଡ଼ ଅଡୁଆରେ ପଡିଛି। ଖାଲି ଭାଷଣରେ କାମ ହୁଏନି – କଥା ଓ କାମରେ ଫରକ ରହିଲେ ଇଜ୍ଜତ ରହିବ ତ? ଏବେ ଖାଲି ଧୁମ୍ ପ୍ରଚାର। ମୋଦିଜୀ ବିଶ୍ୱଗୁରୁ ହେବାକୁ ଯାଉଛନ୍ତି।

ଆପଣମାନଙ୍କର ସ୍ମରଣ ଥିବ - ଆଲେକ୍‌ଜାଣ୍ଡାର ବିଶ୍ୱବିଜୟୀ ହେବାକୁ ଚାହିଁଥିଲେ – ସେ ସବୁଠୁ ବଡ଼ ଭିକାରି ହୋଇ ୩୩ବର୍ଷରେ ମରିଗଲେ। ହିଟ୍‌ଲର୍ ପୃଥିବୀର ହିରୋ ହେବାକୁ ଯାଇ ଶେଷରେ ଜିରୋ ହୋଇଗଲେ। ଏଇଭଳି ଗଦାଗଦା ଉଦାହରଣ ଅଛି। ଟାଟା କମ୍ପାନୀ ଆମ ଓଡିଶାରୁ ଲୁହାପଥର, କ୍ରୋମାଇଟ୍ ନେଇ ଜାମସେଦ୍‌ପୁରରେ ୧୯୦୭ରେ ଷ୍ଟିଲପ୍ଲାଂଟ୍ ଓ ୨୦୦୭ରେ କଳିଙ୍ଗନଗରରେ ଷ୍ଟିଲ୍‌ପ୍ଲାଂଟ୍ କଲା। ଲୁଣଠୁ ଉଡାଜାହାଜ ବିକି ଧନୀ। କଂଗ୍ରେସ ସରକାରଙ୍କୁ ଏକପ୍ରକାର ଚଳାଉଥିଲା। ଆମ ଓଡିଶାରୁ ଜମି, ଜଳ, ଖଣି ବିଜୁଳିନେଇ ଠକିଦେଲା। ଗୋପାଳପୁରରେ ତା'ଦ୍ୱାରା ନିର୍ମିତ ଡାକ୍ତରଖାନାକୁ ବିକିବାକୁ ଟେଣ୍ଡର ଡାକିଲା। ବର୍ଷବର୍ଷର ଖାତିରି ପାଣିରେ ମିଳେଇଯାଉଛି।

ସବୁଠୁ ବେଶି ଭୟଙ୍କର ଭାବେ ଭାରତ ବିଶ୍ୱଦୁର୍ନୀତିର ନାଗଫାଶରେ ପଡିଯାଇଛି। ବିଶ୍ୱର ଦୁଇନମ୍ବର ଧନୀ ଗୌତମ ଆଦାନୀକୁ ମୋଦିଜୀ ଆଖିବୁଜି ସବୁକିଛି ଠିକାଦାରୀ କାମ ସମର୍ପିଦେଲେ। ଏ ଆଦାନୀ ମହାଶୟ ସବୁବ୍ୟବସାୟରେ ମୁଣ୍ଡପୂରାଇ ବିଜେପି ସରକାରକୁ ଏକପ୍ରକାର ଚଳାଉଥିଲା – ଏବେ ଦାଣ୍ଡର ଭିକାରି ହେବାକୁ ଯାଉଛନ୍ତି। ଆଉ ମୁକେଶ ଅମ୍ବାନୀବାବୁ ପବନ ବିକି ସବୁ ଭାରତୀୟଙ୍କ ଅର୍ଥମୁଣିକୁ କଣା କରିଦେଇଛି। ତାକୁ ବି ସରକାର ସବୁ ସୁବିଧାସୁଯୋଗ ଦେଇଛନ୍ତି। ମୁକେଶ ଅମ୍ବାନୀ ପତ୍ନୀପୁତ୍ରମାନଙ୍କ କଥା ଶୁଣିଲେ ଭାରତର କୋଟିକୋଟି ଜନଗଣ ମୁଣ୍ଡରେ ହାତ ଦେଉଛନ୍ତି। ଅମ୍ବାନୀପତ୍ନୀ ନୀତା ୧୯୦ କୋଟି ଟଙ୍କାର ମୋବାଇଲ ଧରୁଛନ୍ତି। ୪୦୦ କୋଟି ଟଙ୍କାର ହୀରା ଉପହାର ଦେଉଛନ୍ତି। ତାଙ୍କ ଧନପାଖରେ ଚଳଚ୍ଚିତ୍ର ଜଗତର ହିରୋହିରୋଇନ୍‌ମାନେ ଲାଇନ୍ ଲଗାଇଛନ୍ତି। ଜଣେ ଧନୀ ହୋଇପାରେ – ସେ ସମାଜକୁ କ'ଣ ଶିକ୍ଷା ଦେଉଛି – ଏତେ ଛଇଛଟକ କାହିଁକି ? ଏବେ ବିଦେଶରେ ତାଙ୍କ ଭିସା ଜାଲପାଇଁ କୋଟିକୋଟିଟଙ୍କା ଜୋରିମାନା ଦେଇଛନ୍ତି। କେବଳ ଗୌତମ ଆଦାନୀ, ମୁକେଶ ଅମ୍ବାନୀ, ଟାଟା କମ୍ପାନୀ ନୁହେଁ - ଆହୁରି ଅନେକ ଶିଳ୍ପପତି ଲାଭର ଲୋଭରେ ପଡି ସରକାରଙ୍କଠାରୁ ସବୁ ସୁବିଧାସୁଯୋଗ ନେଇ ଜନଗଣଙ୍କ ସଂପତି ରାତିଦିନ ଲୁଟ୍ କରିବାରେ ବ୍ୟସ୍ତ। ଏ ରଙ୍ଗ ସବୁଦିନ ପାଇଁ ରହିବ ତ ?

**ଯାଜପୁର ରୋଡ, ଯାଜପୁର**
**ମୋ : ୯୮୬୧୦୩୪୧୬୩**

# ବଢିଚାଲିଛି ଦୁର୍ନୀତି !


ହିମାଂଶୁ ଶେଖର ଆଚାର୍ଯ୍ୟ

ଦୁର୍ନୀତି ସମଗ୍ର ବିଶ୍ୱ ପାଇଁ ଏକ ଆହ୍ୱାନ। କ୍ଷୋଭର କଥା ଦୁର୍ନୀତିର ପରିମାଣ ଦିନକୁ ଦିନ କମିବା ପରିବର୍ତ୍ତେ ବଢିବାରେ ଲାଗିଛି। କୌଣସି ଦେଶ ଯେତେ ଉନ୍ନତ ହେଉନା କାହିଁକି ଦୁର୍ନୀତି ନହଟିଲେ ସମାଜରେ ଅର୍ଥନୈତିକ ବୈଷମ୍ୟ ସୃଷ୍ଟି ହେବ। ଖାଲି ସେତିକି ନୁହେଁ ଏହି ଅର୍ଥନୈତିକ ବୈଷମ୍ୟ ଦାରିଦ୍ର୍ୟ ଓ ବେକାରୀ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ବିଶ୍ୱର ଦୁର୍ନୀତି ସୂଚକାଙ୍କ ଉପରେ ଆଖି ପକାଇଲେ ଜଣାପଡେ ଯେ, ବିଶ୍ୱର ସର୍ବାଧିକ ଦୁର୍ନୀତିଯୁକ୍ତ ରାଷ୍ଟ୍ରଗୁଡିକ ମଧ୍ୟରେ କଲମ୍ବିଆ, ମେକ୍ସିକୋ, ଘାନା, ମିଆଁମାର ଓ ସାଉଦିଆରବ ରହିଛି। ସେହିପରି ଶ୍ରେଷ୍ଠ ପାଞ୍ଚଟି କମ୍ ଦୁର୍ନୀତି ହେଉଥିବା ରାଷ୍ଟ୍ରମାନଙ୍କ ମଧ୍ୟରେ ସୁଇଜରଲ୍ୟାଣ୍ଡ, ଜାପାନ, କାନାଡା, ଜର୍ମାନୀ ଓ ଗ୍ରେଟ ବ୍ରିଟେନ ରହିଛି। ଏସବୁ ଦୃଷ୍ଟିରୁ ଦେଖିଲେ ୨୦୨୩ ରିପୋର୍ଟ ସୂଚକାଙ୍କ ଅନୁଯାୟୀ ୧୮୦ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୯୩ ଥିଲା ଏବେ ପୁଣି ୩ଟି ସ୍ଥାନ ତଳକୁ ଖସି ୯୬ରେ ପହଞ୍ଚିଛି। ପ୍ରାୟ ଅଧିକାଂଶ ମଣିଷ ଦୁର୍ନୀତିର ଶିକାର ହୋଇଚାଲିଛନ୍ତି। ସରକାରଙ୍କ କଲ୍ୟାଣକାରୀ ଯୋଜନା ଜନତାଙ୍କ ପାଖରେ ବିନା ଦୁର୍ନୀତିରେ ପହଞ୍ଚି ପାରୁନାହିଁ । ଆମ ରାଜ୍ୟରେ ଦୁର୍ନୀତି ନିବାରଣ ସପ୍ତାହ ଜାରିରହିଛି। ଏଥିରେ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ ଦୁର୍ନୀତି ନିବାରଣ ପାଇଁ ସରକାରୀ ଅଧିକାରୀମାନଙ୍କୁ ଶପଥପାଠ କରାଇଛନ୍ତି । ଏପରିକି ଚେତାବନୀ ମଧ୍ୟ ଦେଇଛନ୍ତି। ଦୁର୍ନୀତି କଥା ପଡିଲେ ଆମ ରାଜ୍ୟକଥା ଯାହା, ଦେଶ ଓ ସାରାବିଶ୍ୱରେ ମଧ୍ୟ ଅବସ୍ଥା ମଧ୍ୟ ଠିକ୍ ସେଇଆ।ତେବେ ଏଠାରେ ପ୍ରଶ୍ନ ଉଠୁଛି ସତରେ କଣ ଦୁର୍ନୀତି ହଟିବ ? ଦୁର୍ନୀତି ନିରାକରଣରେ ଶିକ୍ଷାର ଏକ ବଡ ଯୋଗଦାନ ରହିଛି। ବିଶେଷ କରି ଦୁର୍ନୀତି ବିରୋଧୀ ଲଢେଇରେ ଆଇନ ଓ ଦଣ୍ଡ ବ୍ୟବସ୍ଥାକୁ ଅଧିକ କଡାକଡି କରାଯିବା ସହ ନୈତିକ ଶିକ୍ଷା ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯିବା ଜରୁରୀ। ଶିକ୍ଷା ଏକ ପ୍ରମୁଖ ବିଷୟବସ୍ତୁ ହେବା ଆବଶ୍ୟକ। ଏହି ଦୃଷ୍ଟିରୁ ଦେଖିଲେ ଏବେବି ବିଶ୍ୱରେ ସାକ୍ଷରତା ହାର ଅଧିକ ଥିବା ଦେଶମାନଙ୍କ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକା, ଗ୍ରେଟବ୍ରିଟେନ, ସୋଭିଏତ୍ ଋଷ, ସୁଇଡେନ, କାନାଡା ପ୍ରଭୃତି ଦେଶରେ ସାକ୍ଷରତା ହାର ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ, ୯୯.୬ ପ୍ରତିଶତ, ୯୯ ପ୍ରତିଶତ ରହିଛି। ଏପରିକି କାନାଡା, ନିଉଜିଲ୍ୟାଣ୍ଡ ଓ ବର୍ମା ପ୍ରଭୃତି ଦେଶରେ ସାକ୍ଷରତା ହାର ହେଉଛି ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ ଓ ୮୯ ପ୍ରତିଶତ। ଖାଲି ସେତିକି ନୁହେଁ ବିଶ୍ୱରେ ନିରକ୍ଷରଙ୍କ ସଂଖ୍ୟା ପ୍ରାୟ ୭୫ କୋଟିରୁ ଉର୍ଦ୍ଧ୍ୱ। ପ୍ରତି ପାଞ୍ଚଜଣ ପ୍ରାପ୍ତ ବୟସ୍କ ଲୋକଙ୍କ ମଧ୍ୟରେ ଜଣେ ନିରକ୍ଷର। ଅନ୍ୟୁନ ୭କୋଟି ଶିଶୁ ନିମ୍ନ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ। କେତେ ଶିଶୁ ପ୍ରାଥମିକ ସ୍ତରରୁ ହିଁ ଶିକ୍ଷା ଛାଡୁଛନ୍ତି ତାହାର କୌଣସି ହିସାବ ନାହିଁ। ପରିସଂଖ୍ୟାନ ତଥ୍ୟରୁ ଜଣାପଡେ ଦକ୍ଷିଣ ଓ ପଶ୍ଚିମ ଏସିଆରେ ପ୍ରାପ୍ତ ବୟସ୍କ ନିରକ୍ଷରଙ୍କ ସଂଖ୍ୟା ସର୍ବାଧିକ। ଏହା ପଛକୁ ଅଛନ୍ତି ଆରବ ଓ ଆଫ୍ରିକାନ୍ ରାଷ୍ଟ୍ରସମୂହ। ବର୍କିନା ଫାସୋ, ନିଗର ଓ ମାଲିରେ ସାକ୍ଷରତା ହାର ବିଶ୍ୱରେ ସବୁଠାରୁ କମ୍ ଯଥାକ୍ରମେ ୧୨.୮ ପ୍ରତିଶତ, ୧୪.୪ ପ୍ରତିଶତ ଓ ୧୯ ପ୍ରତିଶତ । ସେ ଦୃଷ୍ଟିରୁ ଦେଖିଲେ କମ୍ ସାକ୍ଷରତା ଥିବା ଦେଶରେ ସଚେତନତା ଅଭାବରୁ ଦୁର୍ନୀତିର ମାତ୍ରା ଅଧିକ। ଏହି ପରିପ୍ରେକ୍ଷୀରେ ଆମ ଦେଶକଥା ବିଚାରକୁ ନେଲେ ୨୦୧୧ ଜନଗଣନା ଅନୁସାରେ ଆମ ଦେଶର ସାକ୍ଷରତା ହାର ୭୪.୦୪ ପ୍ରତିଶତ। ଏଥିରୁ ଅନୁମେୟ ପୃଥିବୀର ଅନ୍ୟ ଦେଶ ତୁଳନାରେ ଭାରତର ନିରକ୍ଷରତା ସମସ୍ୟା ଉତ୍କଟତର । ଏକ ସର୍ବେକ୍ଷଣରୁ ଜଣାପଡିଛି ଭାରତରେ ଦୁର୍ନୀତିର ମାନ ଦିନକୁ ଦିନ ବଢିବାରେ ଲାଗିଛି। ୧୮୦ଟି ଦେଶରେ ହୋଇଥିବା ସର୍ବେକ୍ଷଣ ଅନୁସାରେ ଦେଶରେ ଜଣାପଡିଛି ଯେ, ପ୍ରାୟ ୫୦ପ୍ରତିଶତ ଭାରତୀୟ ପ୍ରାୟ ପ୍ରଥମ ଥର ଲାଞ୍ଚଦେଇଥାନ୍ତି। ଏବଂ ଦୁର୍ନୀତି ସୂଚକାଙ୍କ ଅନୁସାରେ ୧୮୦ଟି ଦେଶ ମଧ୍ୟରୁ ଭାରତର ସ୍ଥାନ ୮୦। ଏଥିରୁ ସ୍ପଷ୍ଟ ଅନୁମେୟ ଭାରତରେ ଦୁର୍ନୀତି ତାର କାୟା ବିସ୍ତାର କରି ଚାଲଛି। ଆମ ଦେଶର ରାଜ୍ୟମାନଙ୍କ ମଧ୍ୟରୁ ରାଜସ୍ଥାନ ଓ ବିହାରରେ ଦୁର୍ନୀତି ସୂଚକାଙ୍କ ଅଧିକଥିବା ବେଳେ ଦିଲ୍ଲୀ ଓ ଓଡିଶାରେ ଏହା କମ୍ ରହିଛି। ଏସବୁ ସତ୍ତ୍ୱେ ଆମ ଦେଶରେ ସ୍ୱାଧୀନତାର ପରବର୍ତ୍ତୀ କଥା ଚିନ୍ତା କଲେ ବିଭିନ୍ନ କ୍ଷେତ୍ରରେ ଦୁର୍ନୀତିର ଏକ ଲମ୍ବା ତାଲିକା। ୧୯୪୮ମସିହା ଜିପ୍ କିଣା ଦୁର୍ନୀତି ଠାରୁ ଆରମ୍ଭ କରି ୧୯୯୬ ରେ ହ୍ୱାଓଲା ଓ ଗୋଖାଦ୍ୟ ,୨୦୦୮ରେ ସେୟାର ବଜାର ,୨୦୧୦ରେ କମନଓ୍ୱେଲ୍‌ଥ ଗେମ୍ ,୨୦୧୧ ମସିହା ଆଦର୍ଶ ହାଉସିଂ ଓ ୨୦୧୨ ରେ ଟେଲିକମ ଦୁର୍ନୀତି ଏହାର ଗୋଟିଏ ଗୋଟିଏ ଉଦାହରଣ। ଏବେ ପୁଣି ଚର୍ଚ୍ଚାକୁ ଆସିଛି ହତ୍ୟାକାରି ବ୍ୟାପମ୍ ଦୁର୍ନୀତି। ସ୍ୱିସ୍ ବ୍ୟାଙ୍କରେ ଥିବା କଳାଧନର ପରିମାଣ ୭ହଜାରକୋଟି ଟଙ୍କାକୁ ଟପିସାରିଲାଣି। ଏହି ଦୁର୍ନୀତି ହିଁ ଆମ ପ୍ରଗତିର ପ୍ରଧାନ ପ୍ରତିବନ୍ଧକ। ବିଶ୍ୱ କ୍ଷୁଧା ସୂଚକାଙ୍କ ରିପୋର୍ଟ ଅନୁସାରେ ବିଶ୍ୱର ୮୦ଟି ବିକାଶମୁଖୀ ଦେଶମାନଙ୍କ ମଧ୍ୟରୁ ଆମ ଦେଶର ସ୍ଥାନ ହେଉଛି ୬୭ ତମ। ସମ୍ପ୍ରତି ପ୍ରାୟ ୧୩୪ କୋଟି ଲୋକଙ୍କ ମଧ୍ୟରୁ ୧୯ ପ୍ରତିଶତ ଲୋକ କ୍ଷୁଧାର୍ତ୍ତ ତାଲିକାରେ ଅଛନ୍ତି। ୪୨ ପ୍ରତିଶତ ଶିଶୁଙ୍କ ଓଜନ ସ୍ୱାଭାବିକ ଓଜନ ଠାରୁ କମ୍। ୭ ପ୍ରତିଶତ ଶିଶୁ ଜନ୍ମର ୫ ବର୍ଷ ମଧ୍ୟରେ ମୃତ୍ୟୁବରଣ କରିଥାନ୍ତି। ହଜାର ହଜାର ଲୋକ ଆଜିବି ଦାଦନ ଖଟୁଛନ୍ତି। ୫୪ କୋଟି ଯୁବକ ମାନଙ୍କ ଦେଶ ଭାରତରେ ନିଯୁକ୍ତି ନପାଇ ଜନସଂଖ୍ୟାର ଏକ ବଡ ଭାଗ ବାହାରେ ଶୁଣ୍ଠିପିଣ୍ଡା ହେଉଛନ୍ତି।

ଦୁର୍ନୀତିର ପ୍ରଭାବ ଅର୍ଥନୀତିର ବିଭିନ୍ନ କ୍ଷେତ୍ରରେ ପରିଲକ୍ଷିତ ହୋଇଛି। ମିଳିତ ଜାତିସଂଘ ଆକଳନ ଅନୁସାରେ ଦୁର୍ନୀତି, ଚୋରି,ଲାଞ୍ଚ ଓ ଟିକସ ଫାଙ୍କିବା ବିକାଶଶୀଳ ଦେଶ ମାନଙ୍କରେ କୋଟି କୋଟି ଟଙ୍କା ଆତ୍ମସାତ ହେଉଛି। ଏଥି ସହିତ ଉଚ୍ଚ ପଦାଧିକାରୀ ଓ ରାଜନୈତିକ ନେତାମାନେ ଏଥିରେ ସମ୍ପୃକ୍ତ ରହିବାର ଅନେକ ଉଦାହରଣ ରହିଛି। ଏମାନେ ସାଧାରଣ ଜନତାଙ୍କ ପାଖରେ ଉତରଦାୟି ନରହିଲେ ଦୁର୍ନୀତିମାତ୍ରା ବଢି ବଢି ଚାଲିବ। ଦୁର୍ନୀତିକୁ ରୋକିବା ପାଇଁ କଠୋର ଦଣ୍ଡବିଧାନର ଆବଶ୍ୟକତା ରହିଛି। ତୃଣମୂଳସ୍ତରରୁ ଏଥିପାଇଁ ବ୍ୟାପକ ସଚେତନତା ଲୋଡା। ଏଥିପାଇଁ କେବଳ ଡିଗ୍ରୀ ବା ପ୍ରମାଣପତ୍ର ଶିକ୍ଷା ନୁହେଁ ନୈତିକ ଓ ମୁଲ୍ୟବୋଧ ଯୁକ୍ତ ଶିକ୍ଷାର ଆବଶ୍ୟକତା ରହିଛି। ଏହି କଥା ପ୍ରଥମେ ନିଜ ଘରୁ ଆରମ୍ଭ କରିବାକୁ ହେବ ସେହିପରି ପ୍ରଶାସନିକ ସ୍ତରରେ ମଧ ସବୁଠି ସ୍ୱଚ୍ଛତା ଅବଲମ୍ବନକରିବା ବିଧେୟ। କାରଣ 'ମହାଜନ ଜେନ ଗତସ୍ୟ ପନ୍ଥା' ନ୍ୟାୟରେ ବଡମାନେ ଯାହା କରିବେ ସାନମାନେ ତାହା ଅନୁକରଣ କରିବେ।

ଏହି ପରିପ୍ରେକ୍ଷୀରେ ମହାତ୍ମା ଗାନ୍ଧିଙ୍କ ପାଠପଢା କଥା ବେଳର କଥା ବେଶ୍ ପ୍ରଣିଧାନ ଯୋଗ୍ୟ। ଗରୁଜୀ ଗାନ୍ଧୀଜୀଙ୍କୁ ପାଖ ପିଲାଠାରୁ ଦେଖି ସଠିକ୍ ଶବ୍ଦଟି ଲେଖିବା ପାଇଁ ପ୍ରବର୍ତ୍ତାଇଥିଲେ। ମାତ୍ର ସେ ଗୁରୁଙ୍କ କଥାକୁ ଟାଳି ଦେଇଥିଲେ। ପରେ ଗୁରୁଜୀ ତାଙ୍କୁ ପଚାରିବାରୁ ସେ ଉତ୍ତରରେ କପିକରିବା ବଡ ଅନ୍ୟାୟ ଓ କଉଳି ଏତେ ବଡ ଅନୀତି କରିଥାନ୍ତି ବୋଲି ଉତ୍ତର ଦେଇଥିଲେ। ପୁଣି ସେ ବିନମ୍ରତାର ସହ କହିଥିଲେ ଅସତ ପଥରେ ଯାଇ ସୁନାମ ଅର୍ଜନ କରାଯାଏ ନାହିଁ। ସେଇଥିପାଇଁତ ସେ ମହାତ୍ମା। ଏଥିରୁ ଆମକୁ ସବୁକଥା ବୁଝିବାକୁ ହେବ। ଗାନ୍ଧିଜୀଙ୍କ ଏହି ଆଦର୍ଶ ଓ ମୂଲ୍ୟବୋଧକୁ ଆମକୁ ଅନୁସରଣ କରିବାକୁ ହେବ। ମୁଁ ନିଜେ ଦୁର୍ନୀତି କରିବି ନାହିଁ କି ଦୁର୍ନୀତିକୁ ପ୍ରଶୟ ଦେବିନାହିଁ , ଏହିଭାବ ମନରେ ସୃଷ୍ଟି ହେବା ଦରକାର। ତାହେଲେ ଯାଇ ଦୁର୍ନୀତି ଉପରେ ଅଙ୍କୁଶ ଲାଗିପାରିବ। ତେଣୁ ସମସ୍ତେ ନୀତି ନୈତିକତା, ଆଦର୍ଶ, ମୂଲ୍ୟବୋଧ ଉପରେ ଦୃଢବିଶ୍ୱାସ ରଖି କାମ କରିଚାଲିଲେ ଦୃନୀତିର ମୂଳୋତ୍ପାଟନ ସମ୍ଭବ ହେବା ସହିତ ଏକ ବିକଶିତ ରାଷ୍ଟ୍ରଗଠନ ଲକ୍ଷ୍ୟ ସାଧିତ ହୋଇପାରିବ। ଏଥିପାଇଁ ସାମୁହିକ ସଂକଳ୍ପ ଲୋଡା।

**ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର,**
**ମୋ-୯୯୩୭୧୫୧୦୫୨**

ଦକ୍ଷିଣ-ପଶ୍ଚିମ ମୌସୁମୀ ଜନିତ ବର୍ଷାର ମୁକାବିଲା ଘେନି ପ୍ରାକୃତିକ ବିପର୍ଯ୍ୟୟ ବୈଠକ

## ଜନ ପ୍ରତିନିଧି ଏବଂ ସରକାରୀ ଅଧିକାରୀ ମିଳିତ ଆଲୋଚନା କରି କାର୍ଯ୍ୟକଲେ ଜିଲ୍ଲାର ଉନ୍ନତି ସମ୍ଭବ : ମନ୍ତ୍ରୀ




**ଛତ୍ରପୁର,(ଡିକେ ନ୍ୟୁଜ୍):** ଆଗାମୀ ଦକ୍ଷିଣ-ପଶ୍ଚିମ ମୌସୁମୀ,୨୦୨୫ ସମୟରେ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ସକାଶେ କେଉଁ ସବୁ ସତର୍କତା ପଦକ୍ଷେପ ନିଆଯିବ ସେଗୁଡିକର ସମୀକ୍ଷା କରିବା ପାଇଁ ଗଞ୍ଜାମ ଜିଲ୍ଲାର ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କିତ ଜିଲ୍ଲା ସ୍ତରୀୟ କମିଟି ବୈଠକ ଛତ୍ରପୁର ସ୍ଥିତ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷ ଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଓଡିଶାର ମାନ୍ୟବର ବାଣିଜ୍ୟ ଓ ପରିବହନ ଏବଂ ଇସ୍ପାତ ଓ ଖଣି ବିଭାଗୀୟ ମନ୍ତ୍ରୀ ବିଭୂତି ଭୂଷଣ ଜେନା ବୈଠକରେ ଯୋଗଦାନ କରି ଅବଗତ କରାଇଥିଲେ ଯେ, ଗଞ୍ଜାମ ଜିଲ୍ଲାର ସମସ୍ତ ଲୋକ ପ୍ରତିନିଧି ଏବଂ ସରକାରୀ ଅଧିକାରୀ ମିଳିତ ଉଦ୍ୟମରେ ସମସ୍ୟା ଗୁଡିକର ସମାଧାନ କିପରି ହୋଇ ପାରିବ ତାହା ଆଲୋଚନା କରାଯାଇ କାର୍ଯ୍ୟ ଖସଡା ପ୍ରସ୍ତୁତ କରାଗଲେ ନିଶ୍ଚିତ ରୂପେ ଜିଲ୍ଲାର ଉନ୍ନତି ହୋଇ ପାରିବ। ଜିଲ୍ଲାରେ ଜଳ ସେଚନର ଉନ୍ନତି ଆଣିଲେ ବିକାଶ ସମ୍ଭବ ହେବ। ଲୋକଙ୍କ ନିକଟରେ ସରକାରୀ ଯୋଜନା ଗୁଡିକ ସଠିକ ମାର୍ଗରେ ପହଞ୍ଚି ପାରିଲେ ଏବଂ ସେଥିରୁ ଲୋକେ ଉପକୃତ ହୋଇପାରିଲେ ଲୋକଙ୍କ ଉପରେ ସରକାରଙ୍କ ବିଶ୍ୱାସ ଅତୁଟ ରହିବ। ସମସ୍ତ ଯୋଜନା ଗୁଡିକ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମସ୍ୟାରେ କେଉଁ ଅସୁବିଧା ଦେଖାଯାଉଛି ସେଗୁଡିକ ମିଳିତ ଭାବେ ଉଦ୍ୟମ କରି ଆଲୋଚନା ମାଧ୍ୟମରେ ଚିର ସ୍ଥାୟୀ ଯୋଜନା ପ୍ରସ୍ତୁତ କରାଗଲେ ଆଗକୁ କୈଣସି ଅସୁବିଧା ହେବ ନାହିଁ । ଗଞ୍ଜାମ ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀରେ ବୃହତ୍ତର ପ୍ରକଳ୍ପ ହେବା ଆବଶ୍ୟକ ବୋଲି ମତ ଉପସ୍ଥାପନ କରିଥିଲେ । ବ୍ରହ୍ମପୁର ସହରରେ ଅଳ୍ପ ବର୍ଷା ହେଲେ ବନ୍ୟା ପରିସ୍ଥିତି ଭଳି ସମସ୍ୟାମାନ ଦେଖାଯାଉଛି। ସାମାନ୍ୟ ବର୍ଷା ହେଲେ ରାସ୍ତାର ଜଳ ସଠିକ ନିଷ୍କାସନ ହୋଇପାରୁନାହିଁ ଏବଂ ଘର ମାନଙ୍କରେ ପାଣି ପଶୁଛି। ନାଳ ଗୁଡିକ ବୈଷୟିକ ଦୃଷ୍ଟିକୋଣରୁ ହୋଇନଥିବା ହେତୁ ଏଭଳି ସମସ୍ୟା ଦେଖାଯାଉଛି । ଡ୍ରେନେଜ୍ ଡିଭିଜନ୍ ଏବଂ ବ୍ରହ୍ମପୁର ମହାନଗର ନିଗମ ମିଳିତ ଭାବେ ସଠିକ ଡିପିଆର୍ ପ୍ରସ୍ତୁତ କରି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲ୍ଲା ପରିଷଦ ଅଧକ୍ଷା ଅଞ୍ଜଳୀ ସ୍ୱାଇଁ, ବ୍ରହ୍ମପୁର ସାଂସଦ ଡଃ ପ୍ରଦୀପ କୁମାର ପାଣିଗ୍ରାହୀ, ଆସ୍କା ସାଂସଦ ଅନୀତା ଶୁଭଦର୍ଶିନୀ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ, କବି ସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଦିଗପହଣ୍ଡି ବିଧାୟକ ଡଃ ସିଦ୍ଧାନ୍ତ ମହାପାତ୍ର, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ସୋରଡା ବିଧାୟକ ନୀଳମଣି ବିଷୋୟୀ, ଚିକିଟି ବିଧାୟକ ମନୋ ରଞ୍ଜନ ଦ୍ୟାନ ସାମନ୍ତରାୟ, ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟିଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆଧ୍ୟାତ୍ମିକତାର ଦିବ୍ୟତା ଓ ଲୋକ ସଂସ୍କୃତିର ଭବ୍ୟତାର ବିରଳ ସଙ୍ଗମ ହେଉଛି ଶୀତଳ ଷଷ୍ଠୀ : ଧର୍ମେନ୍ଦ୍ର ପ୍ରଧାନ

**ସମ୍ବଲପୁର,(ଡିକେ ନ୍ୟୁଜ୍):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଭିଡ଼ିଓ ବାର୍ତ୍ତା ଜରିଆରେ ଶୀତଳ ଷଷ୍ଠୀ -୨୦୨୫ର ଶୁଭେଚ୍ଛା ଜଣାଇବା ସହ ଆସନ୍ତାକାଲି ଠାରୁ ଜୁନ ୨ ପର୍ଯ୍ୟନ୍ତ ସମ୍ବଲପୁର ଶୀତଳଷଷ୍ଠୀ ପର୍ବରେ ସାମିଲ ହେବା ପାଇଁ ସମସ୍ତଙ୍କୁ ନିମନ୍ତ୍ରଣ ଦେଇଛନ୍ତି । ବିଜେପି କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସିଙ୍କ ଜରିଆରେ ଗଣମାଧ୍ୟମଙ୍କୁ ଦେଇ ଥିବା ସୂଚନାରେ ଶ୍ରୀ ପ୍ରଧାନ ଭିଡ଼ିଓ ବାର୍ତ୍ତାରେ କହିଛନ୍ତି ଯେ ଏବେ ଶୀତଳ ଷଷ୍ଠୀର ସମୟ ଆସିଛି। ସବୁଆଡେ ଆଧ୍ୟାତ୍ମିକ ଏବଂ ଆନନ୍ଦର ବାତାବରଣ ଦେଖାଯାଇଛି। ସମ୍ବଲପୁର ସହ ସୁନ୍ଦରଗଡ଼, ବରଗଡ, ବରପାଲି ଓ ବଲାଙ୍ଗିରରେ ମଧ୍ୟ ଶୀତଳ ଷଷ୍ଠୀ ମହାଆଡମ୍ବରରେ ପାଳିତ ହେଉଛି। ଶୀତଳ ଷଷ୍ଠୀ ଆଧ୍ୟାତ୍ମିକତାର ଦିବ୍ୟତା ଓ ଲୋକ ସଂସ୍କୃତିର ଭବ୍ୟତାର ବିରଳ ସଙ୍ଗମ। ଏହି ପବିତ୍ର ଅବସରରେ ସବୁ ଗୁରୁଜନ, ମାଆ ଭଉଣୀ ଏବଂ ଦାଦା ଭାଇମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି, ମହାନ ପର୍ବ ଶୀତଳ ଷଷ୍ଠୀ ମହାନଦୀ କୂଳରେ ଥିବା ସମ୍ବଲପୁରର ଗାରିମା ଏବଂ ପରିଚୟକୁ ଶ୍ରୀମନ୍ତ କରିଛି। ଶୀତଳ ଷଷ୍ଠୀ ଆମର ଆଧ୍ୟାତ୍ମିକ, ସାଂସ୍କୃତିକ ଏବଂ ଲୋକ ପରମ୍ପରାର ଉଜ୍ଜ୍ୱଳ ପ୍ରତୀକ ଭାବରେ ରହିଆସିଛି । ଭଗବାନ ଏବଂ ସାଧାରଣ ଭକ୍ତଙ୍କ ଏକାକାର ହେବାର ବିରଳ ଲୋକ ସଂସ୍କୃତିର ସ୍ୱରୂପ ହେଉଛି ଶୀତଳ ଷଷ୍ଠୀ। ଏହି ଲୋକସଂସ୍କୃତିରେ ସାଧାରଣ ଭକ୍ତ ଭଗବାନଙ୍କ ଉପରେ ନିଜର ଅଧିକାର ଜାହିର କରେ। ଭଗବାନ ମଧ୍ୟ ସାଧାରଣ ଭକ୍ତଙ୍କର ଗୁହାରି ଶୁଣନ୍ତି ଏବଂ ଭକ୍ତଙ୍କ ଜୀବନର ରିତିନୀତିରେ ନିଜକୁ ସାମିଲ କରନ୍ତି । କଲ୍ୟାଣମୟୀ ମାତା ପାର୍ବତୀ ଏବଂ ପ୍ରଭୁ ଶିବଙ୍କର ଲୋକ ପରମ୍ପରା ଆଧାରରେ ହିଁ ବିବାହ ଅନୁଷ୍ଠିତ ହୋଇଥାଏ। ଏହା ପଛରେ ଜଗତ କଲ୍ୟାଣର ଚେତନା ରହିଛି। ଏହି ମହାନ ଚିନ୍ତା ଶୀତଳ ଷଷ୍ଠୀ ପାଳନ ହେବାର ଆଧାର ଅଟେ। ପ୍ରବଳ ଖରା ଏବଂ ଗରମରୁ ମୁକ୍ତି ପାଇବା ସହ ଭଲ ବର୍ଷା କରିବା ପାଇଁ ଭକ୍ତଟିଏ ଶୀତଳ ଷଷ୍ଠୀରେ ପ୍ରାର୍ଥନା କରିଥାଏ। ଭଲ ବର୍ଷା ହେଲେ ଭଲ ଚାଷ ହେବ ଏବଂ ସମୃଦ୍ଧି ଆସିବ। ଶୀତଳ ଷଷ୍ଠୀର' ଥାଳି ଉଠା, ପତର ପେଣି, ଗୁଆ ଗୁଣା, ଦେବ ନିମନ୍ତ୍ରଣ ଏବଂ ଦେବ ବିବାହ ଇତ୍ୟାଦି ପରମ୍ପରା ଏହି ପର୍ବକୁ ଗୋଟିଏ ଭିନ୍ନ ପରିଚୟ ଦେଇଛି । ଶୀତଳଷଷ୍ଠୀର ଆଉ ଗୋଟିଏ ଭବ୍ୟ ଦିଗ ହେଉଛି, ଏହି ଦିନ ଲୋକକଳା, ଲୋକବାଦ୍ୟ, ଲୋକନୃତ୍ୟ ଏବଂ ଲୋକଗୀତର ମହାସଙ୍ଗମ ହୁଏ। ଦେଖିବାକୁ ଗଲେ ଲୋକ ସଂସ୍କୃତିର ନିଚ୍ଛକ ସମାହାର ହେଉଛି ଶୀତଳ ଷଷ୍ଠୀ। ଶୀତଳ ଷଷ୍ଠୀ, ଭାରତର ସାଂସ୍କୃତିକ ଐତିହ୍ୟର ଗୋଟିଏ ଅଂଶବିଶେଷ। ସେଥିପାଇଁ ଭାରତ ସରକାର ଶୀତଳ ଷଷ୍ଠୀ ଉପରେ ଡାକ ଟିକେଟ୍ ପ୍ରସ୍ତୁତ କରିଛନ୍ତି। ଅତ୍ୟନ୍ତ ଖୁସିର କଥା, ଚଳିତବର୍ଷ ଓଡ଼ିଶା ସରକାର ଶୀତଳ ଷଷ୍ଠୀ ପାଇଁ ପୃଷ୍ଠପୋଷକତା କରିଛନ୍ତି। ଏଥିପାଇଁ ଶ୍ରୀ ପ୍ରଧାନ ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଆମେ ସମସ୍ତେ ମିଳିମିଶି ଶୀତଳ ଷଷ୍ଠୀର ଭବ୍ୟତାକୁ ଆହୁରି ଆଗକୁ ନେବା । ଶୀତଳ ଷଷ୍ଠୀର ଜଗତ କଲ୍ୟାଣ ବାର୍ତ୍ତାକୁ ସମଗ୍ର ବିଶ୍ୱରେ ପ୍ରଚାର ପ୍ରସାର କରିବା। ଜଗତଜନନୀ ମାତା ପାର୍ବତୀ ଏବଂ ପ୍ରଭୁ ଶିବଙ୍କ ଆଶୀର୍ବାଦ ସମସ୍ତଙ୍କ ପରିବାର ଉପରେ ରହୁ ବୋଲି ଶ୍ରୀ ପ୍ରଧାନ ପ୍ରାର୍ଥନା କରିଛନ୍ତି।



## ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ସୂଚନା ସମୁଦ୍ରକୁ ମନା



**ପାରାଦୀପ,(ଡିକେ ନ୍ୟୁଜ୍):** ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗ ଓଡିଶା ସରକାରଙ୍କ ତରଫରୁ ସମୁଦ୍ରରେ ମାଛଧରୁ ଥିବା ମତ୍ସ୍ୟଜୀବୀ ଓ ଟ୍ରଲର ମାଲିକ ମାନଙ୍କ ପାଇଁ ସୂଚନା। ଭାରତୀୟ ପାଣିପାଗ ବିଭାଗ ସୂଚନାନୁଯାୟୀ ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଲଘୁଚାପ ଯୋଗୁଁ ପାଣିପାଗ ଖରାପ ରହିବା ସହିତ ସମୁଦ୍ର ମଧ ଅଶାନ୍ତ ରହିବ। ଏନେଇ ମତ୍ସ୍ୟ ଓ ପ୍ରାଣୀ ସଂପଦ ଓଡିଶା ସରକାରଙ୍କ ତରଫରୁ ସତର୍କ ସୂଚନା ଜାରୀ କରାଯାଇଛି। ଆଜିଠାରୁ ଆସନ୍ତା ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ପାଣିପାଗ ଖରାପ ରହିବା ସହିତ ସମୁଦ୍ର ଅଶାନ୍ତ ରହିବ। ଏଣୁ ସମସ୍ତ ଡଙ୍ଗା ଓ ବୋଟ୍ ମାଲିକଙ୍କ ସମେତ ସମସ୍ତ ମତ୍ସ୍ୟଜୀବୀ ମାନଙ୍କୁ ସମୁଦ୍ର ଭିତରକୁ ମାଛ ଧରିବା ପାଇଁ ଯିବା ପାଇଁ ବାରଣ କରାଯାଇଛି। ଏନେଇ ପାରାଦୀପ ମାଛଧରା ବନ୍ଦର ସମେତ ସମୁଦ୍ର ଉପକୂଳ ଅଞ୍ଚଳରେ ରହୁଥିବା ମତ୍ସ୍ୟଜୀବୀଙ୍କୁ ଡାକବାଜୀ ଯନ୍ତ୍ର ଦ୍ୱାରା ଅବଗତ କରାଯାଇଛି। ପାରାଦୀପ ନେହେରୁ ବଙ୍ଗଳା ମାଛଧରା ବନ୍ଦର, ଷଣ୍ଢକୁଦ ,ବାଲିପ୍ଲଟ ,ଚଉମୁହାଣୀ ଆଦି ସ୍ଥାନରେ ରହୁଥିବା ମତ୍ସ୍ୟଜୀବୀ ମାନଙ୍କୁ ଏହି ସମୟରେ ସମୁଦ୍ର ଭିତରକୁ ଯିବା ପାଇଁ ମତ୍ସ୍ୟ ଓ ପ୍ରାଣୀ ସଂପଦ ଓଡ଼ିଶା ସରକାର ଙ୍କ ତରଫରୁ ବାରଣ କରାଯାଇଛି।

## ଓୟୁଜେ ପକ୍ଷରୁ ସାମ୍ବାଦିକଙ୍କ ସୁରକ୍ଷା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର



**କୋରାପୁଟ,(ଡିକେ ନ୍ୟୁଜ୍):** ଓୟୁଜେ ଅନୁବନ୍ଧିତ କୋରାପୁଟ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଶଶଧର ରାଉତଙ୍କ ନେତୃତ୍ୱରେ ଏକ ଟିମ୍ ଜିଲ୍ଲାପାଳ ଭି କିର୍ତ୍ତୀଭାସନଙ୍କୁ ସାମ୍ବାଦିକଙ୍କ ସୁରକ୍ଷା ଦାବିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉଦେଶ୍ୟରେ ଏକ ସ୍ମାରକ ପତ୍ର ଗୁରୁବାର ଦିନ ପ୍ରଦାନ କରାଯାଇଛି। ବଲାଙ୍ଗୀର ଜିଲ୍ଲାର କୁଲଥିପାଲି ଠାରେ ସାମ୍ବାଦିକ ବିଜୟ ପ୍ରଧାନଙ୍କ ପ୍ରତି ହୋଇଥିବା ବର୍ବର ଆଚରଣରେ ରାଜ୍ୟର ସାମ୍ବାଦିକ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି । ରାଜ୍ୟରେ ସାମ୍ବାଦିକଙ୍କ ସୁରକ୍ଷା କିଭଳି ବିପନ୍ନ ହୋଇପଡିଛି ଏହା ହେଉଛି ତାହାର ଏକ ନଗ୍ନ ଚିତ୍ର। ପୋଲିସ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି । କିନ୍ତୁ ପଡୋଶୀ ରାଜ୍ୟ ଛତିଶଗଡ ଭଳି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହୋଇପାରିନାହିଁ । ରାଜ୍ୟର ସର୍ବ ବୃହତ ଓ ପୁରାତନ ସାମ୍ବାଦିକ ସଂଘ ଓଡ଼ିଶା ସାମ୍ବାଦିକ ୟୁନିଅନ୍ ଓ ଏହାର ସମସ୍ତ ଜିଲ୍ଲା ଶାଖା ରାଜ୍ୟ ବ୍ୟାପୀ ସାମ୍ବାଦିକଙ୍କ ନିରାପତ୍ତା ନେଇ ଉଦବିଗ୍ନ । ଗିରଫ ଅଭିଯୁକ୍ତ ବିରୋଧରେ ଦୃଷ୍ଟାନ୍ତ ମୂଳକ ଦଣ୍ଡବିଧାନ କରାଯିବା ସହ ଛତିଶଗଡ ଓ ମହାରାଷ୍ଟ୍ର ଢାଞ୍ଚାରେ ଓଡ଼ିଶାରେ ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ କରିବା ପାଇଁ ଏହି ସ୍ମାରକ ପତ୍ର ମାଧ୍ୟମରେ ରାଜ୍ୟ ମୁଖ୍ୟ ମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନିକଟରେ ଦୃଢ଼ ଦାବି ରଖୁଛୁ। ରାଜ୍ୟ ସରକାର ବର୍ଷ ପୂର୍ତ୍ତୀ ପାଳନ କରିବାକୁ ଯାଉଥିବା ବେଳେ ଓୟୁଜେର ମୂଳ ଦାବି, ଅନ୍ୟ ରାଜ୍ୟ ଭଳି ସାମ୍ବାଦିକଙ୍କୁ ପେନସନ ପ୍ରଦାନ, ୧୬ ବର୍ଷ ଧରି ଶୀତଳ ଭଣ୍ଡାରରେ ପଡିରହି ଥିବା ସାମ୍ବାଦିକ ଅଧିସ୍ୱୀକୃତି କମିଟିର ପୁନର୍ଗଠନ, ଅନୁକମ୍ପା ମୂଳକ ସହାୟତା ରାଶିର ପରିମାଣକୁ ୮ ଲକ୍ଷ ଟଙ୍କାକୁ ବୃଦ୍ଧି, ସ୍ୱାସ୍ଥ୍ୟ ବୀମା ରାଶି କୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି ସହ ବୀମାରେ ମାଁ ବାପାଙ୍କୁ ସାମିଲ୍ କରିବା ଆଦି ନିଷ୍ପତ୍ତି ଜୁନ ୧୨ତାରିଖ ପୂର୍ବରୁ ଘୋଷଣା କରିବାକୁ ଦାବି କରୁଛୁ। ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, କୋରାପୁଟ ସଦର ସଂଯୋଜକ ସୌମ୍ୟରଞ୍ଜନ ସାହୁ,ମନୋଜ କୁମାର ନାୟକ, ସି ହେଚ ଭାଗବତୀ ଆଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିକାଶ ଦିଗହରା : ଗ୍ରାମବାସୀଙ୍କ ଭରସା କାଠ ପୋଲ



**ଉମରକୋଟ,(ଡିକେ ନ୍ୟୁଜ୍):** ବଦଳିଛି ଯୁଗ ବଦଳିଛି ସମୟ। ବିକଶିତ ଗାଁ, ବିକଶିତ ଭାରତ ନାରାରେ ପ୍ରକମ୍ପିତ ହେଉଛି ଦେଶ। କିନ୍ତୁ ବିକାଶ ଏଠି କାଠ ପୋଲ ଉପରେ ବିଦ୍ୟମାନ। ସ୍ୱାଧୀନତାର ୭୮ ବର୍ଷ ପରେ ବି ସୁଧୁରି ପାରୁନି ଗ୍ରାମ ରାସ୍ତା କିମ୍ବା ନିର୍ମାଣ ହେଇପାରୁନି କଂକ୍ରିଟ କଲଭର୍ଟ ଟିଏ। ଜୀବନକୁ ବାଜି ଲଗେଇ କାଠ ପୋଲ ଉପରେ ଯାତାୟତ କରୁଛନ୍ତି ଗ୍ରାମବାସୀ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଶୁଖିଗାଁ ପଞ୍ଚାୟତ ଅନ୍ତର୍ଗତ ଡେପଗୁଡାରେ। ଉକ୍ତ ଗ୍ରାମରେ ପହଁଞ୍ଚି ପାରି ନାହିଁ ସରକାରୀ ଯୋଜନାର କଲଭର୍ଟ କିମ୍ବା ରାସ୍ତାଟିଏ। ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ଗ୍ରାମବାସୀ। ମୌଳିକ ସୁବିଧା ଏମାନଙ୍କୁ ଯୋଗାଇ ଦିଆଯିବା ନେଇ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ ଗ୍ରାମ ପଞ୍ଚାୟତ ଠୁ ବ୍ଲକ ଅଧିକାରୀ ଓ ଜିଲ୍ଲା ପ୍ରଶାସନ କେହି କର୍ଣ୍ଣପାତ କରୁ ନାହାନ୍ତି। କେବେ ଏହି ରାଜସ୍ୱ ଗାଁ ଲୋକେ ସରକାରୀ ଯୋଜନାରେ ସାମିଲ ହେବେ ଓ ମୌଳିକ ସୁବିଧା ପାଇବେ ? ଏହି ଗାଁକୁ ଯିବାକୁ ହେଲେ ଉମରକୋଟ ବ୍ଲକ ମୁଖ୍ୟାଳୟ ଠାରୁ ଆନୁମାନିକ ପ୍ରାୟ ୧୫ କିଲମିଟର ମୁଖ୍ୟ ରାସ୍ତା ବେହେଡା ଗାଁ ପାଖରୁ ଅଧା କିଲୋମିଟର ସଂଲଗ୍ନ ଡେପଗୁଡା ଗାଁ। ଏଠି ବିକାଶ ଏମାନଙ୍କୁ ପାଇଁ ସାତ ସପନ ଓ ମୌଳିକ ସୁବିଧାରୁ ବଞ୍ଚିତ ଥିବାରୁ ଚିନ୍ତାରେ ଗ୍ରାମବାସୀ। ଜିଲ୍ଲା ପ୍ରଶାସନ ସ୍ତରରେ ଏହି ଡେପଗୁଡା ରାଜସ୍ୱ ଗ୍ରାମବାସୀ ଯେପରି ଗ୍ରାମକୁ ସଂଯୋଗ ନିମନ୍ତେ ପକ୍କା ରାସ୍ତା ସାଙ୍ଗକୁ କେମିତି କଂକ୍ରିଟ କଲଭର୍ଟ ପାଇ ପାରିବେ ସେଥିପ୍ରତି ଦୃଷ୍ଟି ଆକର୍ଶଣ କରିବା ପାଇଁ ନିବେଦନ କରିଛନ୍ତି। ସେପଟେ ସ୍ଥାନୀୟ ବିଡ଼ିଓ ମନୋଜ କୁମାର ମେହେର ଉକ୍ତ ରାସ୍ତାକୁ ଆରଡ଼ି ବିଭାଗକୁ ଦେଇ ସ୍ଥାୟୀ ପୋଲ ଓ ରାସ୍ତା ନିର୍ମାଣ କରାଯିବ ବୋଲି କହିଛନ୍ତି। ବର୍ତ୍ତମାନ ଦେଖିବାକୁ ବାକି ରହିଲା ଆରଡ଼ି ବିଭାଗ ସେହି ରାସ୍ତା ଉପରେ ନିର୍ଭର କରୁଥିବା ଗ୍ରାମର ସମସ୍ୟା କେବେ ଦୂର କରିବ ?

## ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ହେବ ବିକାଶ ମେଳା

**କେନ୍ଦୁଝର,(ଡିକେ ନ୍ୟୁଜ୍):** ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ବିକାଶ ମେଳା ଅନୁଷ୍ଠିତ ହୋଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ଗୁଡିକ ପ୍ରଦର୍ଶିତ କରାଯିବ। ଏହି ପରିପ୍ରେକ୍ଷୀରେ କେନ୍ଦୁଝରଠାରେ ଜିଲ୍ଲାସ୍ତରୀୟ ବିକାଶ ମେଳା ଆୟୋଜନ ନିମନ୍ତେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଆଜି ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଶ୍ରୀ ଡ଼ିଏସ ଶୁଭଦର୍ଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜିଲ୍ଲାର ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଆସନ୍ତା ଜୁନ ମାସ ୧୧ରୁ ୧୭ ତାରିଖ ପର୍ଯ୍ୟନ୍ତ କେନ୍ଦୁଝର ସ୍ଥିତ କାଳୀ ପଡିଆଠାରେ ଏହି ମେଳା ଆୟୋଜନ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ପରବର୍ତ୍ତୀ ସମୟରେ ମେଳାରେ ଯୋଗ ଦେବାକୁ ଥିବା ଅତିଥି ମାନଙ୍କ ତାଲିକା ପ୍ରସ୍ତୁତ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ଷ୍ଟଲ ଆବଣ୍ଟନ, ସରକାରୀ ଯୋଜନା ଗୁଡିକର ବ୍ୟାପକ ପ୍ରଚାର ପ୍ରସାର, ଜନସାଧାରଣଙ୍କ ସୁବିଧା ଲାଗି ବ୍ୟବସ୍ଥା ସମେତ ସାନ୍ଧ୍ୟକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମ ବାବଦରେ ଆଲୋଚନା କରାଯାଇଥିଲା। ଓରମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱପନ କୁମାର ଗୋସ୍ୱାମୀ ଏହି ବୈଠକକୁ ପରିଚାଳନା କରିଥିଲେ।

## ନନ୍ଦପଡ଼ା ବାଲୁଙ୍କେଶ୍ୱରଙ୍କ ନୃସିଂହ ନିଉତା



**ସମ୍ବଲପୁର,(ଡିକେ ନ୍ୟୁଜ୍):** ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ସହର ଚଳଚଞ୍ଚଳ ହୋଇପଡିଛି। ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଶୀତଳ ଷଷ୍ଠୀକୁ ନେଇ ସମସ୍ତଙ୍କ ମନରେ ଆଗ୍ରହ ଓ ଉଦ୍ଦିପନା ଦେଖାଦେଇଛି। ଏହି ଅବସରରେ ନନ୍ଦପଡାର ଶ୍ରୀ ଶ୍ରୀ ବଂ ବଂ ବରାଡ ବାଲୁଙ୍କେଶ୍ୱର ବାବାଙ୍କ ନୃସିଂହ ନିଉତା ବୁଧବାର ରାତିରେ ସମ୍ପନ୍ନ ହୋଇଯାଇଛି । ନୃସିଂହ ମହାପ୍ରଭୁ ସୁସଜ୍ଜିତ ହୋଇ ଭକ୍ତଙ୍କ କାନ୍ଧରେ ବାଲୁଙ୍କେଶ୍ୱର ମନ୍ଦିର ସ୍ଥିତ ପଞ୍ଚବକ୍ତ୍ର ଏବଂ ହନୁମାନଙ୍କୁ ନିମନ୍ତ୍ରଣ କରିଥିଲେ। ସ୍ଥାନୀୟ କାରିଗର କୁନୁ ନାଏକ ଓ ତାଙ୍କ ୨ ପୁଅ ବିଶଜିତ୍ ଏବଂ ସତ୍ୟଜିତ୍ ସ୍ୱତନ୍ତ୍ର ଭାବେ ତିରୁପତି ବାଲାଜୀ ମନ୍ଦିରର ଆକର୍ଷଣୀୟ ପରଭା ସହ ରଥାରୁଢ ହୋଇଥିଲେ। ବଡସଡକ ଓ ସାନସଡକ ଅଞ୍ଚଳରେ ଥିବା ସମସ୍ତ ଦେବାଦେବୀଙ୍କୁ ନିମନ୍ତ୍ରଣ କରିଥିଲେ। ନନ୍ଦପଡା ଯଜ୍ଞବରାହ, ବ୍ରହ୍ମପୁରା ଜଗନ୍ନାଥ, ଶ୍ରୀଶ୍ରୀ ଲୋକନାଥ ବାବା, ଦକ୍ଷିଣେଶ୍ୱର ହନୁମାନ, ଭୈରବୀ, କୋଶେଳେଶ୍ୱର ମନ୍ଦିର, ମାରଓ୍ୱାଡିପଡା ରାମ, ମହାଦେବ, ହାଟପଡା ସତ୍ୟବାଦୀ, ଦଲେଇପଡା ମଦନମୋହନ,ଭାଗବତ ମନ୍ଦିର, ଲିଆଖାଇ, ବାଟମଙ୍ଗଳା, ଗୁପ୍ତେଶ୍ୱର, ମୁନି ସିପାଲିଟି ଛକ ହନୁମାନ ଓ କାନ୍ଥ ଦୁର୍ଗା, କଂସାରୀପଡା ରାଧାକୃଷ୍ଣ, ମହାନ୍ତିପଡା ଦମନ ମନ୍ଦିରରେ ପହଞ୍ଚେ ବାଲୁଙ୍କେଶ୍ୱର ବାବା ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବରେ ଯୋଗ ଦେବାକୁ ଦେବ ନିମନ୍ତ୍ରଣ (ଗୁଆଗୁଁଡା) କରିଥିଲେ। ଦେବାଦେବୀଙ୍କୁ ନୃସିଂହ ମହାପ୍ରଭୁ ଗୁଆ, ହଳଦୀ, ନୂଆବସ୍ତ୍ର ଏବଂ ମିଠେଇ ଅର୍ପଣ କରି ନିମନ୍ତ୍ରଣ କରିଥିଲେ। ପଣ୍ଡିତ ଶଶାଙ୍କ ଶେଖର ମିଶ୍ର ମନ୍ତ୍ରପାଠ କରିଥିଲେ। ଯାତ୍ରା କମିଟି କର୍ମକର୍ତ୍ତା ପୂଜାର୍ଚ୍ଚନା ଓ ମହାଆଳତି କରିଥିଲେ। ଘଣ୍ଟଶଙ୍ଖ, ଦୁଲଦୁଲି, ଦଣ୍ଡା ନାଚ, ଧମା ଲବଜାର ତାଳେତାଳେ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଅନ୍ୟପକ୍ଷେ ଗୁରୁବାର ସକାଳେ ଇଷ୍ଟଦେବୀ ସମଲେଶ୍ୱରୀ, ପାଟଣେଶ୍ୱରୀ, ବାଲିବନ୍ଧା ସୋମନାଥ ବାବା, ଗୋପାଳଜୀ ମଠ, ଦୁର୍ଗାପାଲି ଗୁଡେଶ୍ୱର ମହାଦେବଙ୍କ ସମେତ ସହରର ସମସ୍ତ ଦେବଦେବୀଙ୍କୁ ଶୀତଳଷଷ୍ଠୀ ଯାତ୍ରା କମିଟି କର୍ମକର୍ତ୍ତା ଦେବ ନିମନ୍ତ୍ରଣ କରିବାର କାର୍ଯ୍ୟସୂଚୀ ରହିଛି। ତେବେ ଅରୁଣକାନ୍ତି ମିଶ୍ର, ଅଭିନାଶ ମିଶ୍ର, ସନତ ନନ୍ଦ,ବାଲଗୋପାଳ ନନ୍ଦ ଓ ଅଭିଷେକ ମହାପାତ୍ର ନୃସିଂହ ମହାପ୍ରଭୁଙ୍କ ଶୃଙ୍ଗାର କରିଥିଲେ। ଏଥିପାଇଁ ପ୍ରାୟ ସାଢେ ୩ଘଣ୍ଟା ସମୟ ଲାଗିଥିଲା । ନୃସିଂହ ଭଗବାନଙ୍କୁ ମୁକୁଟ, ଛତ୍ର, ଆମ୍ବକଷି, କିରଟ, ଶୁଆ ପ୍ରଭୃତି ରୌପ୍ୟ ଓ ସ୍ୱର୍ଣ୍ଣ ଅଳଙ୍କାରରେ ଭୂଷିତ କରାଯାଇଥିଲା। ନନ୍ଦପଡା ଯାତ୍ରା କମିଟି ସଭାପତି ସମୀର ରଞ୍ଜନ ବାବୁ, ସାଧାରଣ ସମ୍ପାଦକ ସୁଶ୍ରିତ ମିଶ୍ର,ଆଶିଷ ବାବୁ, ଭୁବନ ମୋହନ ମିଶ୍ର, ସୌମ୍ୟ ମିଶ୍ର, ମାନସ ରଥ, ନିଗମାନନ୍ଦ ମିଶ୍ର, ଅଚ୍ୟୁତ ମିଶ୍ର, ବିରାଜ ମିଶ୍ର ଓ କମିଟି ସଭ୍ୟମାନେ ଶୋଭାଯାତ୍ରା ପରିଚାଳନା କରିଥିଲେ।

## ନାକଟିଦେଉଳ ପଞ୍ଚାୟତ ସମିତି ବୈଠକ: ପ୍ରକଳ୍ପ ଅନୁମୋଦକୁ ନେଇ ଅସନ୍ତୋଷ, ଅଧାରୁ ଉଠି ପଳାଇଲେ ପଞ୍ଚାୟତ ପ୍ରତିନିଧି

**ସମ୍ବଲପୁର,(ଡିକେ ନ୍ୟୁଜ୍):** ବୁଧୁବାର ଦିନ ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଆୟୋଜିତ ପଞ୍ଚାୟତ ସମିତି ବୈଠକରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି । ବ୍ଲକର ସରପଞ୍ଚ ଏବଂ ସମିତି ସଭ୍ୟ /ସଭ୍ୟାମାନଙ୍କୁ ବ୍ଲକ ପ୍ରଶାସନ ଅଣଦେଖା କରି ସେମାନଙ୍କ ବିନା ଅଜାଣତରେ ପ୍ରକଳ୍ପ ଅନୁମୋଦନ କରିବାକୁ ନେଇ ସମସ୍ତ ପଞ୍ଚାୟତ ପ୍ରତିନିଧି ମାନେ ବୈଠକ ବର୍ଜନ କରିବା ସହ ଅଧାରୁ ଉଠି ଚାଲି ଯାଇଥିବା ଜଣାପଡିଛି। ପଞ୍ଚାୟତ ପକ୍ଷରୁ ପ୍ରଦାନ କରାଯାଇଥିବା ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ପ୍ରସ୍ତାବ ଗୁଡିକ କିପରି ପରିବର୍ତ୍ତନ ହେଲା ତାହାକୁ ବୈଠକରେ ପଞ୍ଚାୟତ ପ୍ରତିନିଧି ମାନେ ବିରୋଧ କରିଥିଲେ। ବୁଧୁବାର ଦିନ ବ୍ଲକ ସଭା ଗୃହ ଠାରେ ନାକଟିଦେଉଳ ପଞ୍ଚାୟତ ସମିତିର ନବମ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଅଧକ୍ଷା ସ୍ୱରୂପାରାଣୀ ସାହୁ ସଭାପତିତ୍ୱ କରିଥିବା ବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷମାନିଧି ଭୋଇ, ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ରିୟ ପ୍ରଧାନ, ଅତିରିକ୍ତ ବିଡ଼ିଓ ବିଦ୍ୟାଧର ରାଉତରାୟ, ସମ୍ବଲପୁର ସାଂସଦ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଗଡ଼ତ୍ୟା, ବିଧାୟକ ପ୍ରତିନିଧି ରାଜକିଶୋର ପ୍ରଧାନ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇ ଥିଲେ। ତେବେ ବିଡ଼ିଓ ଶ୍ରୀ ଭୋଇ ବୈଠକ କାର୍ଯ୍ୟକ୍ରମକୁ ଆଗେଇ ନେଉଥିବା ବେଳେ ସମସ୍ତ ସରପଞ୍ଚ ଏବଂ ସମିତି ସଭ୍ୟ /ସଭ୍ୟା ମାନେ ସେମାନଙ୍କୁ ଅଣଦେଖା କରାଯାଇ ସେମାନଙ୍କର ଅଜାଣତରେ ପ୍ରକଳ୍ପ ଅନୁମୋଦନ କରାଯାଉଛି ବୋଲି ଅଭିଯୋଗ କରିଥିଲେ। ଏଥି ସହିତ ଗତ ଜାନୁଆରୀ ମାସରେ



ହୋଇଥିବା ସମିତି ବୈଠକରେ ବ୍ଲକର ସରପଞ୍ଚ ଏବଂ ସମିତି ସଭ୍ୟ /ସଭ୍ୟା ମାନେ ବିକଶିତ ଗାଁ, ବିକଶିତ ଓଡିଶା ଯୋଜନାରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରି ଅନୁମୋଦନ ପାଇଁ ବ୍ଲକ ପ୍ରଶାସନକୁ ଦେଇଥିଲେ। ତେବେ ବର୍ତ୍ତମାନ କିପରି ଦିଆଯାଇଥିବା ପ୍ରକଳ୍ପ ଗୁଡିକ ପରିବର୍ତ୍ତନ ହେଲା ତାହାକୁ ଉପସ୍ଥିତ ପଞ୍ଚାୟତ ପ୍ରତିନିଧି ମାନେ ବିରୋଧ କରିଥିଲେ। ପଲ୍ଲିସଭା ଏବଂ ଗ୍ରାମ ସଭା କରାଯାଇ ପ୍ରକଳ୍ପ ଗୁଡିକ ଅନୁମୋଦନ ପାଇଁ ପଠା ଯାଇଥିଲା କିନ୍ତୁ ଯେଉଁ ପ୍ରକଳ୍ପ ଗୁଡିକର ନାମ ଦିଆ ଯାଇଥିଲା ବର୍ତ୍ତମାନ ତାହା କଟି ଯାଇ ବିନା ପଲ୍ଲୀ ସଭା ଓ ଗ୍ରାମ ସଭାରେ ଗୃହୀତ ହୋଇ ନ ଥିବା ପ୍ରକଳ୍ପ ତାଲିକା ଆସିଛି। ଯାହାକୁ ନେଇ ପଞ୍ଚାୟତ ପ୍ରତିନିଧି ମାନେ ଅସନ୍ତୋଷ ପ୍ରକାଶ କରିବା ସହ ନାମ ଦିଆ ଯାଇ ନ ଥିବା ପ୍ରକଳ୍ପ ଗୁଡିକ କିପରି ଅନୁମୋଦନ ହେଲା ତାହା ଉପରେ ପ୍ରଶ୍ନ ଉଠାଇଥିଲେ ପଞ୍ଚାୟତ ପ୍ରତିନିଧି । ସେମାନେ ନିର୍ବାଚିତ ହୋଇ ଆସିଥିଲେ ମଧ ପ୍ରଶାସନ ସେମାନଙ୍କ କଥାକୁ ଗୁରୁତ୍ୱ ନ ଦେଇ ଆଉ କାହା କଥାରେ ଚାପଗ୍ରସ୍ତ ହୋଇ ପ୍ରସ୍ତାବିତ ପ୍ରକଳ୍ପ ଗୁଡିକ ପରିବର୍ତ୍ତନ କରୁଥିବାରୁ ଏହାକୁ ବିରୋଧ କରି ବୈଠକ ଅଧାରୁ ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ମାନେ ଉଠି ଚାଲି ଯାଇଥିଲେ। ଏଥି ସହିତ ବ୍ଲକ ପ୍ରଶାସନ ନିଜ ମନୋଭାବରେ ପରିବର୍ତ୍ତନ ଆଣି ପୂର୍ବରୁ ଦିଆ ଯାଇଥିବା ପ୍ରସ୍ତାବ ଗୁଡିକ ଅନୁମୋଦନ ନ କଲେ ଆଗାମୀ ଜୁନ ୪ ତାରିଖରେ ସମସ୍ତ ସରପଞ୍ଚ, ସମିତି ସଭ୍ୟ /ସଭ୍ୟା ମାନେ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବାକୁ ଚେତାବନୀ ଦେଇ ବିଡ଼ିଓଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଥିବା ଜଣାପଡିଛି। ଅପର ପକ୍ଷରେ ସମ୍ବଲପୁରରୁ ଆସି ଏଠାରେ ନେତା ବୋଲାଉଥିବା ଜଣେ ବ୍ୟକ୍ତି ବିଭିନ୍ନ ସମୟରେ ବ୍ଲକ କାର୍ଯ୍ୟାଳୟକୁ ଆସି ପ୍ରଶାସନକୁ ପ୍ରଭାବିତ କରି ଏସବୁ ସମସ୍ୟା ସୃଷ୍ଟି କରୁଛନ୍ତି ବୋଲି ପଞ୍ଚାୟତ ପ୍ରତିନିଧିମାନେ ବିଡ଼ିଓଙ୍କ ଠାରେ ଆପତ୍ତି ଉଠାଇଥିଲେ।

## ଗୋମାତା ସେବାରେ ଏକ ନୂଆ ପଦକ୍ଷେପ

**ସୁବର୍ଣ୍ଣପୁର,(ଡିକେ ନ୍ୟୁଜ୍):** ସୋନପୁର ସହରର କୋଲପଡା ଠାରେ 'ଗୋପାଳଜୀ ଗୋ ସେବା ଚାରିଟେବୁଲ ଟ୍ରଷ୍ଟ' ପକ୍ଷରୁ ଗଠିତ ଗୋ ସେବା ପାଳନ କେନ୍ଦ୍ରର ଉଦ୍‌ଘାଟନ ବୈଭବର ସହିତ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସ,ଏହି କେନ୍ଦ୍ରର ଉଦଘାଟନ କରି ଟ୍ରଷ୍ଟର ଏହି ପରମାର୍ଥମା ପଦକ୍ଷେପକୁ ଅପୂର୍ବ ପ୍ରଶଂସା କରି ଗୋ ସୁରକ୍ଷା ଓ ଲାଳନ ପାଳନକୁ ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ବୋଲି ଉଲ୍ଲେଖ କରିବା ସହ ଉଦ୍‌ଘାଟନ କେବଳ ଏକ ଘଟଣା ନୁହେଁ, ଏହା ଗୋ ସେବା ପ୍ରତି ଦୃଢ଼ ଆସ୍ଥାର ପ୍ରତିବିମ୍ବ ବୋଲି କହିଛନ୍ତି। ଜିଲ୍ଲାପାଳ ଏହାର ଭିତ୍ତି ଭୂମି ଓ ପରିଚାଳନା ପାଇଁ ପୌର ପରିଷଦ ଓ ଜିଲ୍ଲା ପ୍ରଶାସନର ଯଥାର୍ଥ ପଦକ୍ଷେପ ଉପରେ ସୂଚୀତ କରିଛନ୍ତି। ଟ୍ରଷ୍ଟ ସଭାପତି ପବନ କୁମାର ଅଗ୍ରୱାଲଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉଦଘାଟନ କାର୍ଯ୍ୟକ୍ରମରେ ବହୁ ପ୍ରମୁଖ ବ୍ୟକ୍ତିବର୍ଗ ଓ ସଂଗଠନ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏଥିରେ ବରକନ୍ୟା ମଠର ମଠାଧୀଶ ଲବ ଶତପଥୀ, ପୌର ପରିଷଦ ଅଧ୍ୟକ୍ଷା ତାମସୀ ତାମସ୍ମିତା ନାଏକ, କାର୍ଯ୍ୟନିର୍ବାହୀ ଅଧିକାରୀ ଋଷି ମାଝୀ, ଟ୍ରଷ୍ଟ କୋଷାଧକ୍ଷ କମଳ ଅଗ୍ରୱାଲ, ଆରତୀ ଅଗ୍ରୱାଲା, ମଲ୍ଲିକା ଅଗ୍ରୱାଲା, ବରିଷ୍ଠ ନାଗରିକ ଇଂ. ଶ୍ୟାମ ସୁନ୍ଦର ଅଗ୍ରୱାଲ, ଚମରା ରାମ ତ୍ରିପାଠୀ, ଭୁବନ ମୋହନ ତ୍ରିପାଠୀ, ମାରଓ୍ୱାଡ଼ି ଯୁବା ମଞ୍ଚ ସଭାପତି ମନୋଜ୍ ଅଗ୍ରୱାଲା, ଫୁଲଚନ ଅଗ୍ରୱାଲା, ସୁରେଶ କମାଣି ସହ ବିଭିନ୍ନ ବ୍ୟକ୍ତିବର୍ଗ ଯୋଗ ଦେଇ ଟ୍ରଷ୍ଟ ପରିଚାଳନା କମିଟିକୁ ଉତ୍ସାହିତ କରିଥିଲେ। ମାରଓ୍ୱାଡ଼ି ଯୁବା ମଞ୍ଚ, ସ୍ୱଚ୍ଛ ଭାରତ ସଂଗଠନ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଏହି ଉଦ୍ୟମରେ ସହଯୋଗ ଦେଇ ଦୃଢ଼ ଦୃଷ୍ଟିକୋଣ ପ୍ରଦର୍ଶନ କରିଛନ୍ତି।

## ସଡ଼କ ଦୁର୍ଘଟଣାରେ ଦୁଇ ମୃତ

**ଝାରସୁଗୁଡ଼ା,(ଡିକେ ନ୍ୟୁଜ୍):** ଝାରସୁଗୁଡ଼ା ବାଇପାସ ବିଜୁ ଏକ୍ସପ୍ରେସ ୱେ ରେ ସଡ଼କ ଦୁର୍ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି। ମୃତ ଦୁଇଜଣ ଏକ ସ୍କୁଟିରେ ଯାଉଥିବା ବେଳେ ଏକ ପିକଅପ୍ ଭ୍ୟାନ୍ ସ୍କୁଟି ପଛ ପଟେ ଧକ୍କା ଦେଇଥିଲା । ଫଳରେ ସ୍କୁଟିରେ ବସିଥିବା ଦୁଇଜଣ ଛିଟିକି ପଡ଼ିଥିବା ବେଳେ ଘଟଣା ସ୍ଥଳରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ଏନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତେଜିତ ଲୋକେ ଦୁର୍ଘଟଣା ଘଟାଇ ଥିବା ପିକଅପ ଗାଡି ଡ୍ରାଇଭରକୁ ପୋଲିସ ଠାରୁ ଛଡାଇ ନେବାକୁ ଉଦ୍ୟମ କରି ପୋଲିସ ସହ ଧସ୍ତାଧସ୍ତି କରିଥିଲେ। ପରେ ପିକଅପ୍ ଗାଡ଼ି ରେ ନିଆଁ ଲଗାଇ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ।। ପୁଲିସ୍ ମୃତ ଦେହ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇ ଉତ୍ତେଜନା ସୃଷ୍ଟି କରୁଥିବା କିଛି ବ୍ୟକ୍ତିଙ୍କୁ ପୋଲିସ ଉଠାଇ ନେଇଛି। ମୃତ ବ୍ୟକ୍ତି ଜଣକ ଗୁଡ଼ିଆ ଟ୍ରାଭେଲ୍ସ ମାଲିକଙ୍କ ଭାଇ ଅଜିତ ସିଂ(୫୨) ହୋଇଥିବା ବେଳେ ଅନ୍ୟ ଜଣକ ପରିଚୟ ମିଳି ପାରିନାହିଁ।

## ଟ୍ରକକୁ ଧକ୍କା ଦେଲା ତୀର୍ଥଯାତ୍ରୀ ବସ : ୧୦ ଆହାତ

**ବ୍ରହ୍ମପୁର,(ଡିକେ ନ୍ୟୁଜ୍):** ଗଞ୍ଜାମ ଜିଲ୍ଲା ରମ୍ଭା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ସୁବଳୟା ଛକ ନିକଟସ୍ଥ ରାସ୍ତା ପାଶ୍ୱରେ ଛିଡା ହୋଇଥିବା ଟ୍ରକକୁ ଧକ୍କା ଦେଲା ତୀର୍ଥଯାତ୍ରୀ ବସ୍। ୧୦ ଆହାତ ମଧ୍ୟରୁ ୬ଜଣ ଗୁରୁତର ସମସ୍ତ ଗୁରୁତରଙ୍କୁ ଛତ୍ରପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ବସଟି ଭୋର ୪ଟା ସମୟରେ ଉତ୍ତରପ୍ରଦେଶରୁ ତୀର୍ଥ ସାରି ଆନ୍ଧ୍ର ଫେରୁଥିବା ବେଳେ ସୁବଳୟା ଠାରେ ଦୁର୍ଘଟଣା ଘଟିଛି। ବସରେ ମହିଳା, ପୁରୁଷ ହୋଇ ମୋଟ ୨୦ ଜଣଙ୍କ ଯାତ୍ରୀ ଥିବା ବେଳେ ୧୦ ଜଣ ଆହାତଙ୍କ ମଧ୍ୟରୁ ୬ଜଣ ଗୁରୁତର ହୋଇଛନ୍ତି। ରମ୍ଭା ପୋଲିସ ପହଁଚି ଘଟଣାର ତଦନ୍ତ ଆରମ୍ଭ କରିବା ସହ ବସ ଯାତ୍ରୀଙ୍କୁ କିଭଳି ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ବ୍ୟବସ୍ଥା କରୁଛନ୍ତି।

## ବ୍ୟବସାୟୀଙ୍କ ଘରେ ଇଡି ଚଢ଼ାଉ

**ବ୍ରହ୍ମପୁର,(ଡିକେ ନ୍ୟୁଜ୍):** ଭାବିନିପୁର ମୁଖ୍ୟ ରାସ୍ତାରେ ଥିବା ଏକ ଘରି ମହଲା କୋଠାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଚଢ଼ାଉ । ମନୋରଞ୍ଜନ ପଣ୍ଡା ନାମକ ଜଣେ ବ୍ୟକ୍ତିଙ୍କ ଘରେ ଚାଲିଛି ଇଡି ଚଢ଼ାଉ। କେଉଁ କାରଣରୁ ହୋଇଛି ଚଢ଼ାଉ ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ । ଦୀର୍ଘ ଘଣ୍ଟା ଧରି ମନୋରଞ୍ଜନ ପଣ୍ଡାଙ୍କ ଘରେ ଚଢ଼ାଉ ଜାରି ରଖିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। ସେପଟେ ଠିକାଦାରଙ୍କ ଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ପାରଳାଖେମୁଣ୍ଡି କ୍ଷୁଦ୍ର ଜଳସେଚନ ବିଭାଗର ଆକାଉଣ୍ଟାଣ୍ଟ ନରେଶ ପଟ୍ଟନାୟକଙ୍କ ସହ ଅନ୍ୟ ଜଣେ କର୍ମଚାରୀ ଭିଜିଲାନ୍ସ ଟିମ୍ ହାତରେ ଧରା ପଡ଼ିଛନ୍ତି । ବିଲ୍ ପାସ୍ କରିବା ପାଇଁ ଉଭୟଙ୍କୁ ୧୫ ହଜାର ଲେଖାଏଁ ଲାଞ୍ଚ ମାଗିଥିଲେ ଦୁଇ ଅଧିକାରୀ। ପାରଳାଖେମୁଣ୍ଡି ଆକାଉଣ୍ଟାଣ୍ଟ ନରେଶ ପଟ୍ଟନାୟକଙ୍କ ସରକାରୀ ବାସଭବନରେ ଏକ ଟିମ୍ ଚଢ଼ାଉ ଜାରି ରଖିଥିବା ବେଳେ ଛେଳିଗଡ଼ ଠାରେ ଅନ୍ୟ ଏକ ଟିମ୍ ଚଢ଼ାଉ ଜାରି ରଖିଛି । ବ୍ରହ୍ମପୁର ଭିଜିଲାନ୍ସ କାର୍ଯ୍ୟାଳୟର ୭ ଜଣିଆ ଟିମ୍ ବିଭିନ୍ନ ସମ୍ପତ୍ତିର ଆକଳନ କରୁଛି।

## ସାମାଜିକ ସମୀକ୍ଷା ଓ ଉତ୍ତରଦାୟୀତ୍ୱ ସମୀକ୍ଷା ବୈଠକ




**ସୁବର୍ଣ୍ଣପୁର,(ଡିକେ ନ୍ୟୁଜ୍):** ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ଖଲିଆପାଲି ଗ୍ରାମପଞ୍ଚାୟତରେ ଗୁରୁବାର ପ୍ରଥମ ପର୍ଯ୍ୟାୟରେ ଓଡିଶା ରାଜ୍ୟ ସାମାଜିକ ସମୀକ୍ଷା, ଉତ୍ତରଦାୟୀତ୍ୱ ଓ ସ୍ୱଚ୍ଛତା ସମିତି ତଥା ଜିଲ୍ଲା ପରିଷଦ ସୁବର୍ଣ୍ଣପୁର ତରଫରୁ ଆରମ୍ଭ ହୋଇଛି। ଏହି କ୍ରମରେ ଗୁରୁବାର ଜିଲ୍ଲା ସାମାଜିକ ସମୀକ୍ଷକ ହୃଷିକେଶ ମହାକୁର ବିଗତ ଏକ ବର୍ଷ ମଧ୍ୟରେ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିବା ରାସନ ସାମଗ୍ରୀର ରେଜିଷ୍ଟର, ବଣ୍ଟନ ଖାତା,କେଶ ବହି, ବିଲ ଭାଉଚର ଯାଞ୍ଚ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସମୀକ୍ଷକ ସୁଦାମ ଗାଇଗରିଆ, ଯୋଗାଣ ସହାୟକ ଖଲିଆପାଲି ଭରତ ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ଅଞ୍ଜଳି ପାଣିଗ୍ରାହୀ, ଗ୍ରାମ ରୋଜଗାର ସେବକ ସୁରଜ ଭୋଇ, ଭି ଆର ପି ଉପାସୀ ଦୀପ, ମାଣିକ୍ୟ କୁମ୍ଭାର, ଜୟନ୍ତୀ ବାଘ ଉପସ୍ଥିତ ଥିଲେ।

## ସାଥୀ କମିଟିର ଓରିଏଣ୍ଟେସନ୍ କର୍ମଶାଳା

**ଯାଜପୁର,(ଡିକେ ନ୍ୟୁଜ୍):** ରାଷ୍ଟ୍ରୀୟ ଆଇନ୍ ସେବା ପ୍ରାଧିକରଣ ଆନୁକୁଲ୍ୟରେ ନିଃସହାୟ ପିଲାମାନଙ୍କୁ ଚିହ୍ନଟ, ଆଧାର ପଞ୍ଜିକରଣ, ଆଇନଗତ ସହାୟତା ଏବଂ ବିଭିନ୍ନ କଲ୍ୟାଣକାରୀ ଯୋଜନା ସହିତ ସଂଯୋଗୀକରଣକୁ ସୁଗମ କରିବା ଏବଂ କୌଣସି ପିଲା ଯେପରି ଆଇନଗତ ପରିଚୟ କିମ୍ବା ଅଧିକାର ବିନା ନ ରହିବ ତାହାକୁ ନିଶ୍ଚିତ କରିବା ଲକ୍ଷ୍ୟରେ ଏକ ଦେଶବ୍ୟାପୀ ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନକୁ ସଫଳ କରିବା ପାଇଁ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ଜିଲ୍ଲା ନିମନ୍ତେ ଏକ ସାଥୀ କମିଟି ଗଠନ କରାଗଲା ଏବଂ ଜିଲ୍ଲା ଜଜ୍ ତଥା ଭାରପ୍ରାପ୍ତ ଅଧ୍ୟକ୍ଷ ପୋକ୍ସୋ କୋର୍ଟର ବିଚାରପତି ଅଭିଜିତ ପଲେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କମିଟିର ସଦସ୍ୟ ମାନଙ୍କ ଏକ ଓରିଏଣ୍ଟେସନ୍ କର୍ମଶାଳା ସିଭିଲ କୋର୍ଟ ଆଭାସୀ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ପ୍ରାଧିକରଣର ସଚିବ ଲିପା ମହାନ୍ତି, ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଡି.ଏ.କେ ଶର୍ମା, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସମାଜ ମଙ୍ଗଳ ଅଧିକାରୀ, ଆରକ୍ଷୀ ଅଧିକାରୀ ପ୍ୟାନେଲ ଲୟର, ପି.ଏଲ.ଭି ମାନେ ପ୍ରଶିକ୍ଷାର୍ଥୀ ଭାବେ ଯୋଗ ଦେଇଥିଲେ। ଉକ୍ତ କର୍ମଶାଳାକୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଲିପା ମହାନ୍ତି ପରିଚାଳନା କରିବା ସହିତ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଚିଠି ଲେଖାଥିଲା ବାଇକ ଚୋରିର କାହାଣୀ



**ବ୍ରହ୍ମପୁର,(ଡିକେ ନ୍ୟୁଜ୍):** ଚୋରି ବାଇକ ମିଳିଲା, ଆଉ ତା ସହ ମିଳିଲା ଚିଠି । ଚିଠି ଲେଖାଥିଲା ବାଇକ ଚୋରିର କାହାଣୀ। ଯାହାକି ଯିଏ ଦେଖିବ ସିଏ ନ ହସି ରହିପାରିବନି । ଏଭଳି ଏକ ଘଟଣା ସାମ୍ନାକୁ ଆସିଛି ବ୍ରହ୍ମପୁର ଲାଞ୍ଜିପଲ୍ଲୀ ମୁଖ୍ୟ ରାସ୍ତାରୁ । ଲାଞ୍ଜିପଲ୍ଲୀ ଅଞ୍ଚଳର ଜଣେ ଯୁବକଙ୍କ ଏକ ବାଇକ ଗତ କିଛି ଦିନ ପୂର୍ବରୁ ନିଜ ଘର ସମ୍ମୁଖରେ ଚୋରି ହୋଇଥିଲା। ଚୋରି ସମୟର ଭିଡ଼ିଓ ସିସିଟିଭି କ୍ୟାମେରାରେ କଏଦ ମଧ୍ୟ ହୋଇଥିଲା। ଏନେଇ ଗାଡ଼ି ମାଲିକ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ। କିନ୍ତୁ ହଠାତ ଗତକାଲି ସକାଳେ ଦେଖିଲା ବେଳକୁ ହଜିଥିବା ବାଇକ ଯେଉଁଠି ଚୋରି ହୋଇଥିଲା ଠିକ ସେଇଠି ରହିଥିଲା । ଆଉ ଗାଡ଼ିରେ ଲାଗିଥିଲା ଏକ ଚିଠି । ଚିଠି ଲେଖାଯାଇଥିଲା ଭାଇ ଆଇ ଏମ୍ ସରି । ମୋର ଗାର୍ଲ ଫ୍ରେଣ୍ଡର ଆକ୍ସିଡାଣ୍ଟ ଗତକାଲି ରାତିରେ ହୋଇଥିଲା। ମୋ ପାଖରେ ପଇସା ପ୍ରୋବଲମ୍ ଥିଲା। ଆଉ ଜଲଦି ବି ଯିବାର ଥିଲା। ତେଣୁ କରି ଆପଣଙ୍କ ବାଇକଟା ନେଇଥିଲି । ସେମିତି ନେବାର ନ ଥିଲା କିନ୍ତୁ ଭାଇ ସେଥିପାଇଁ ସରି । ସାନ ଭାଇ ଭାବି କ୍ଷମା କରିଦେବ।

# ଡେବ୍ରିଗଡ ଅଭୟାରଣ୍ୟକୁ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କରିବା ଉପରେ ଧର୍ମେନ୍ଦ୍ରଙ୍କ ଗୁରୁତ୍ୱ

**ସମ୍ବଲପୁର,(ଡିକେ ନ୍ୟୁଜ୍):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର କେନ୍ଦ୍ର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କୁ ନଗର ବନ ଯୋଜନା (ଏନଭିୱାଇ) ଅଧୀନରେ ଶିଳ୍ପାଞ୍ଚଳ ସମ୍ବଲପୁର-ଝାରସୁଗୁଡ଼ା-ବ୍ରଜରାଜନଗର ଏବଂ କୋଇଲା ଖଣି ଅଞ୍ଚଳ ଅନୁଗୋଳ -ଢେଙ୍କାନାଳ ତଥା ଗ୍ରୀଷ୍ମ ପ୍ରଭାବିତ ଅଞ୍ଚଳ ଟିଟିଲାଗଡ଼ ଓ ବଲାଙ୍ଗୀରକୁ ନଗର ବନରେ ବିକଶିତ କରିବା ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଏହାସହ ତାଙ୍କୁ ଡେବ୍ରିଗଡ଼ ଅଭୟାରଣ୍ୟକୁ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳରେ ଅନ୍ତର୍ଭୁକ୍ତ କରିବା ପାଇଁ ବିକଶିତ କରିବାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଅନୁରୋଧ କରିଛନ୍ତି। ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ତରଫରୁ ପୌର ନିଗମ, ପୌର ପରିଷଦ, ପୌରପାଳିକା କିମ୍ବା ସହରାଞ୍ଚଳ ସଂସ୍ଥା (ୟୁଏଲବି) ଦ୍ୱାରା ପରିଚାଳିତ ଅଞ୍ଚଳରେ ସହରାଞ୍ଚଳ ଜଙ୍ଗଲ ବିକାଶ ପାଇଁ ନଗର ବନ ଯୋଜନା ଆରମ୍ଭ ହୋଇଛି, ଯାହା ପ୍ରଶଂସନୀୟ। ପରିବେଶ ପାଇଁ ଜୀବନଶୈଳୀ ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ଅପିଲ ଆମ ଗ୍ରହକୁ ସଂରକ୍ଷଣ କରିବାରେ ବ୍ୟକ୍ତିଗତ ଏବଂ ସାମୂହିକ କାର୍ଯ୍ୟର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିବାକୁ ଚେଷ୍ଟା କରୁଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୫ ଜୁନ୍ ୨୦୨୫ ବିଶ୍ୱ ପରିବେଶ ଦିବସର ପୂର୍ବ ଦିନ ବୃକ୍ଷରୋପଣ ଏବଂ ପରିବେଶ ଶିକ୍ଷାରେ ସମ୍ପ୍ରଦାୟର ଅଧିକ ଯୋଗଦାନ ପାଇଁ ଏକ ବିଶାଳ ସଚେତନତା ଅଭିଯାନ ଆରମ୍ଭ କରିବାକୁ ଶ୍ରୀ ପ୍ରଧାନ ପ୍ରସ୍ତାବ ଦେଇଛନ୍ତି। ୧୯୮୦ ମସିହାରେ ପ୍ରତିଷ୍ଠା ହେବା ପରଠାରୁ, ଚିଡ଼ିଆଖାନାଟି ଏକ ସାଧାରଣ ହରିଣ ପାର୍କରୁ ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ସାର୍ବଜନୀନ ଶିକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରରେ ପରିଣତ ହୋଇଛି । ଚିଡ଼ିଆଖାନାଟି ବର୍ତ୍ତମାନ ମୋତିଝରଣ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ୧୩ ହେକ୍ଟର ଜମିରେ ପରିବ୍ୟାପ୍ତ । ଏହି ଚିଡ଼ିଆଖାନାରେ ଚିତାବାଘ, ଭାଲୁ, ପାଇଥନ୍ ଏବଂ ମୟୂର ସମେତ ୧୫ ପ୍ରଜାତିର



୩୩୩ ପ୍ରାଣୀଙ୍କୁ ଏଠାରେ ରଖାଯାଇଛି। ୨୦୨୨ ମସିହାରେ, ପ୍ରାଣୀ ଉଦ୍ୟାନ ମୂଲ୍ୟାଙ୍କନ କମିଟି ସମ୍ବଲପୁର ଚିଡ଼ିଆଖାନାକୁ ମଧ୍ୟମ ଚିଡ଼ିଆଖାନା ବର୍ଗରେ ଉନ୍ନୀତ କରିବାକୁ ସୁପାରିଶ କରିଥିଲା। ଯେଉଁଥିରେ ପ୍ରାୟ ୧୮ ରୁ ୨୦ ହେକ୍ଟର ଜମି ଯୋଡା ଯାଇଥିଲା, ଯାହା ମୋତିଝରଣ ସଂରକ୍ଷିତ ଜଙ୍ଗଲର ମଧ ଅଂଶ ଥିଲା। ଏହି ଚିଡ଼ିଆଖାନାର ସମ୍ପ୍ରସାରଣ ହେବା ଦ୍ୱାରା ନୂତନ ପ୍ରଜାତିର ପ୍ରାଣୀ ଆସିପାରିବେ ଏବଂ ଶିକ୍ଷାଗତ ଏବଂ ଗବେଷଣା ସୁବିଧାର ବିକାଶ ସହଜ ହେବ, ଯାହା ୨୦୨୩-୨୪ ପାଇଁ ଚିଡ଼ିଆଖାନା ଅନୁମୋଦିତ ମାଷ୍ଟର ପ୍ଲାନ ସହିତ ସମନ୍ୱୟ ରଖିବ, ଯେଉଁଥିରେ ୪୮ ପ୍ରଜାତିକୁ ଅନ୍ତର୍ଭୁକ୍ତ କରିବାର କଳ୍ପନା କରାଯାଇଛି। କେନ୍ଦ୍ରୀୟ ଚିଡ଼ିଖାଖାନା କର୍ତ୍ତୃପକ୍ଷଙ୍କ ଅନୁମୋଦନ ଅନୁଯାୟୀ, ଉକ୍ତ ଚିଡ଼ିଆଖାନା ପୂର୍ବରୁ ନନ୍ଦନକାନନ ଚିଡ଼ିଆଖାନା ସହିତ ପ୍ରାଣୀ ବିନିମୟ କାର୍ଯ୍ୟକ୍ରମ ଏବଂ ଡେବ୍ରିଗଡ଼ ଅଭୟାରଣ୍ୟ ସହିତ ସ୍ଥାନାନ୍ତର କାର୍ଯ୍ୟକ୍ରମ ସଫଳତାର ସହ ପରିଚାଳନା କରିସାରିଛି। ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ସାର୍ବଜନୀନ ଶିକ୍ଷାର ମିଶନକୁ ଆଗକୁ ବଢ଼ାଇବା ପାଇଁ ସମ୍ବଲପୁର ଚିଡ଼ିଆଖାନା ଅନେକ ନୂତନ ଆକର୍ଷଣ କାମ କରିବାକୁ ଯୋଜନା କରୁଛି। ଏଥିପାଇଁ ଏହି ବିକାଶଗୁଡ଼ିକୁ ଦୃଷ୍ଟିରେ ରଖି, ସମ୍ବଲପୁର ଚିଡ଼ିଆଖାନାର ପ୍ରସ୍ତାବିତ ସମ୍ପ୍ରସାରଣ ଏବଂ ଉନ୍ନତିକରଣକୁ ସହଜ କରିବା ପାଇଁ ଅନୁରୋଧ କରିଛନ୍ତି ଶ୍ରୀ ପ୍ରଧାନ। ସୂଚନାଯୋଗ୍ୟ, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସମ୍ବଲପୁର ଗସ୍ତ ଅବସରରେ ଚିଡିଆଖାନାରେ ଜୀବ ଉଦ୍ୟାନ ଓ ଉଦ୍ଭିଦ ଉଦ୍ୟାନ ବୁଲିବା ସହ ଜନସାଧାରଣ, ବନ ବିଭାଗ ଓ ପ୍ରଶାସନିକ ଅଧିକାରୀଙ୍କ ସହ ବିଭିନ୍ନ ସମସ୍ୟା ନେଇ କଲେ ଆଲୋଚନା କରିଥିଲେ।

## କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ଯୋଜନାର ସମୀକ୍ଷା କଲେ ମନ୍ତ୍ରୀ




**ଖୋର୍ଦ୍ଧା,(ଡିକେ ନ୍ୟୁଜ୍):** ଓଡ଼ିଶା ସରକାରଙ୍କର ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଖୋର୍ଦ୍ଧା ଜିଲ୍ଲା ଗସ୍ତରେ ଆସି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାର ବିଭିନ୍ନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ଉନ୍ନୟନମୂଳକ ଯୋଜନା ଗୁଡିକର ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚ ପଦସ୍ତ ଅଧିକାରୀମାନଙ୍କ ସହ ସମୀକ୍ଷା କରିଛନ୍ତି। ଏହି ବୈଠକରେ ଖୋର୍ଦ୍ଧା ବିଧାୟକ, ପ୍ରଶାନ୍ତ କୁମାର ଜଗଦେବ, ଜିଲ୍ଲାପାଳ ଚଞ୍ଚଳ ରାଣା, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପିତାମ୍ବର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଉପସ୍ଥିତ ଥିବା ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିଜ ନିଜ ବିଭାଗର ବିଭିନ୍ନ ଉନ୍ନୟନ ଯୋଜନା, ପ୍ରକଳ୍ପର ଅଗ୍ରଗତି କାର୍ଯ୍ୟ ସମ୍ବନ୍ଧରେ ମନ୍ତ୍ରୀଙ୍କୁ ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଥମେ ସୁନାରାମ ହେମ୍ବ୍ରମ୍, ଅତିରିକ୍ତ ଉପ-ପୁଲିସ ଆୟୁକ୍ତ, ଭୁବନେଶ୍ୱର ପୁଲିସ ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି, ଭିଭିଆଇପି ପ୍ରୋଗ୍ରାମ, ଭିଆଇପି ପ୍ରୋଗ୍ରାମ ସମ୍ବନ୍ଧରେ ଖୋର୍ଦ୍ଧା ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ୨୦୨୫ ବର୍ଷରେ ୨୦୨୩,୨୦୨୪ ବର୍ଷ ଅପେକ୍ଷା କମ ମାମଲା -୪୩୭୧ ପଞ୍ଜୀକୃତ ହୋଇଥିବା ପ୍ରକାଶ କରିଥିଲେ। ସେହିପରି ଭି.ଭି. ଆଇ. ପି ପ୍ରୋଗ୍ରାମ ୯ ଗୋଟି ଅନୁଷ୍ଠିତ ହୋଇଥିବାବେଳେ ଭିଆଇପି ପ୍ରୋଗ୍ରାମ ୨୯୮ ଗୋଟି ଅନୁଷ୍ଠିତ ହୋଇଛି। ଏଥିସହ ଖଣ୍ଡଗିରି ମାଘ ସପ୍ତମୀ ମେଳା, ଅଶୋକାଷ୍ଟମୀ, ଦୋଳ ପୂର୍ଣ୍ଣିମା, ରାମ ନବମୀ, ହନୁମାନ ଜୟନ୍ତୀ, ମହାବିଷୁବ ସଂକ୍ରାନ୍ତି, ମହାଶିବରାତ୍ରି ଆଦି ଗୁରୁତ୍ୱପୂର୍ଣ୍ଣ ପର୍ବପର୍ବାଣୀରେ ସଫଳ ଭାବେ ଆଇନଶୃଙ୍ଖଳା ସେବା ଯୋଗାଇ ଦିଆଯାଇଛି। ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ ଯୋଗଦେଇ ଖୋର୍ଦ୍ଧା ପୁଲିସ ଉପ-ଖଣ୍ଡରେ ଖୋର୍ଦ୍ଧା ମଡେଲ ପୁଲିସ ଷ୍ଟେସନ, ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା, ସଦର ଥାନା, ବାଘମାରି ଥାନା, ବେଗୁନିଆ ଥାନା, ଜଙ୍କିଆ ଥାନା ଏବଂ ବାଲୁଗାଁ ପୁଲିସ ଉପ-ଖଣ୍ଡର ନିରାକାରପୁର୍ ଥାନା, ଟାଙ୍ଗୀ ଥାନା, ନାଚୁଣୀ ଥାନା, ବାଲୁଗାଁ ଥାନା ଓ ବାଣପୁର ଥାନାର ଆଇନ ଶୃଙ୍ଖଳା ବ୍ୟବସ୍ଥା ଉପରେ ତଥ୍ୟ ପ୍ରଦାନ କରିଥିଲେ।

## ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ସାକ୍ଷାତ କଲେ ଯାଜପୁର ସାଂସଦ



**ଯାଜପୁର,(ଡିକେ ନ୍ୟୁଜ୍):** ଯାଜପୁର ଜିଲ୍ଲାରେ ବୌଦ୍ଧ ଐତିହାସିକ ତଥ୍ୟ ଏବଂ ଗବେଷଣାକୁ ଆଧାର କରି ଯାଜପୁର ଜିଲ୍ଲାରେ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଯାଜପୁର ସାଂସଦ ଡଃ ରବିନ୍ଦ୍ର ନାରାୟଣ ବେହେରା ଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଉଚ୍ଚଶିକ୍ଷା ବିଭାଗର ସଚିବ ବିନୀତ ଯୋଶୀଙ୍କୁ ସାକ୍ଷାତ୍ କରି ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ ଯାଜପୁର ଜିଲ୍ଲାର ଉଦୟଗିରି, ରତ୍ନଗିରି, ଲାଙ୍ଗୁଡି ପାହାଡ଼ ଅଞ୍ଚଳରେ ବୌଦ୍ଧ ପୀଠ କୀର୍ତ୍ତିରାଜ ଓ ସ୍ତୁପ ଆଦି ରହିଥିବା ବେଳେ ପଡୋଶୀ କଟକ ଜିଲ୍ଲାର ଲଳିତଗିରି ଠାରେ ମଧ୍ୟ ଅନେକ୍ ବୌଦ୍ଧ ପୀଠ କୀର୍ତ୍ତିରାଜମାନଙ୍କରେ ଅନେକ୍ ଗବେଷଣାତ୍ମକ ତଥ୍ୟ ମଧ୍ୟ ରହିଥିଲେ ଏହି ସବୁକୁ ଆଧାର କରି ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଲେ ଯାଜପୁରରେ ଆନ୍ତର୍ଜାତୀୟ ପର୍ଯ୍ୟଟକମାନଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ଯାଜପୁର ବାସୀଙ୍କ ଅର୍ଥନୈତିକ ବିକାଶ କ୍ଷେତ୍ରରେ ସହାୟକ ହେବ ବୋଲି ଡଃ ରବିନ୍ଦ୍ର ବେହେରା କହିଛନ୍ତି।

## ରାଜ୍ୟ ସରକାରଙ୍କର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେପି ପକ୍ଷରୁ ସାମ୍ବାଦିକମାନଙ୍କ ସହ ବନ୍ଧୁ ମିଳନ




**ଭଦ୍ରକ,(ଡିକେ ନ୍ୟୁଜ୍):** ରାଜ୍ୟ ସରକାର ଙ୍କର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେପି ପକ୍ଷରୁ ଏକ ଆଲୋଚନା ଚକ୍ର ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ କୁଆଁସ ସ୍ଥିତ ବିଜେପି ବିଧାନସଭା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଏବଂ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀଙ୍କ ସହିତ ଜିଲ୍ଲା ସଦର ମହକୁମାର କାର୍ଯ୍ୟରତ ସାମ୍ବାଦିକ ମାନେ ଯୋଗ ଦେଇଥିଲେ। ରାଜ୍ୟରେ ଏକ ବର୍ଷ ନୂଆ ସରକାରଙ୍କ ଉପଲବ୍ଧି ଓ ନୂଆ ନୂଆ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଥମେ ଆଲୋଚନା କରାଯାଇଥିଲା। ପରେ ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀର ନୂଆ ବିଜେପି ବିଧାୟକ ଏକ ବର୍ଷ ମଧ୍ୟରେ କିପରି ଉନ୍ନତିମୂଳକ କାର୍ଯ୍ୟକ୍ରମ କରିଛନ୍ତି। ସେ ସମ୍ପର୍କରେ ବିଧାୟକ ଗଣ ମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଥିଲେ। ଏହି ଏକ ବର୍ଷ ମଧ୍ୟରେ ଏପରିକି ଉଚ୍ଛେଦ ଦୋକାନୀମାନଙ୍କୁ ଥଇଥାନ ପ୍ରକ୍ରିୟା ଆରମ୍ଭ, ଉଚ୍ଛେଦ ସ୍ଥାନରେ ନୂଆ ଡ୍ରେନ ନିର୍ମାଣ କରିବା, ଭଦ୍ରକ ସହରରେ ଜଳ ନିଷ୍କାସନର ସୁଧାର, ଚରମ୍ପା ଅଞ୍ଚଳରେ ଡ୍ରେନ ନିର୍ମାଣ, ଭଦ୍ରକ ଆରଡ଼ି ରାସ୍ତାର ଉନ୍ନତିକରଣ କାର୍ଯ୍ୟ ସହିତ ଭଦ୍ରକ ସହର ଦେଇ ପ୍ରବାହିତ ସାଳନ୍ଦୀ ନଦୀର ସୌନ୍ଦର୍ଯ୍ୟ କରଣର ବୃଦ୍ଧି, ଭଦ୍ରକ ବ୍ଲକ ଅଞ୍ଚଳର ବିଭିନ୍ନ ନୂଆ ନୂଆ ଯୋଜନାର ଅଗ୍ରଗତି ସମ୍ପର୍କରେ ବିଧାୟକ ସୂଚନା ଦେବା ସହିତ ଗଣମାଧ୍ୟମର ମାନଙ୍କ ଠାରୁ ଭଦ୍ରକର ବିକାଶ ପାଇଁ ପରାମର୍ଶ ଲୋଡ଼ିଥିଲେ। ଏପରିକି ଭଦ୍ରକ ଡାକ୍ତରଖାନାକୁ ନୂଆ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ ରଜ ପୂର୍ବରୁ ହେବ ବୋଲି ଉଭୟ ବିଧାୟକ ଓ ସାଂସଦ ସୂଚନା ଦେଇଥିଲେ। ସେହିପରି ଗଣମାଧ୍ୟମର ପ୍ରତିନିଧି ମାନେ ଭଦ୍ରକର ଉନ୍ନତିମୂଳକ କାର୍ଯ୍ୟକ୍ରମ ଓ ସମସ୍ୟା ସମ୍ପର୍କରେ ବିଧାୟକ ଓ ସାଂସଦଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ବିଧାୟକ ଉତ୍ତରୀୟ ଓ ଡାଏରୀ ଦେଇ ସେମାନଙ୍କ ସହଯୋଗ ପାଇଁ ଶୁଭେଚ୍ଛା ଓ ଶୁଭକାମନା ଜଣାଇ ସମ୍ବର୍ଦ୍ଧିତ କରିଥିଲେ। ତେବେ ବିଧାୟକଙ୍କ ଏପରି ନିଆରା କାର୍ଯ୍ୟକ୍ରମକୁ ସମସ୍ତେ ପ୍ରଶଂସା କରିଛନ୍ତି।

## ଜରାଜୀର୍ଣ୍ଣ ଅବସ୍ଥାରେ ସେମଳା ହାଟ ପରିସର



**ନବରଙ୍ଗପୁର,(ଡିକେ ନ୍ୟୁଜ୍):** ଲକ୍ଷାଧିକ ଟଙ୍କାରେ ନିର୍ମିତ ହୋଇଛି ହାଟ ପରିସର ମଧ୍ୟରେ ପାଚେରୀ ବସିବାକୁ ପିଣ୍ଡି ଓ ଗୃହ । ହେଲେ ପରିସର ମଧ୍ୟରେ ଅନାବନା ଗଛରେ ପରିପୂର୍ଣ୍ଣ ହୋଇଥିବା ବେଳେ ସଫା ହୋଇ ନ ଥିବାରୁ ଲୋକଙ୍କ କାର୍ଯ୍ୟରେ ଆସୁନି। ନିର୍ମାଣାଧୀନ ପିଣ୍ଡି ଓ ଗୃହ ସବୁ ନଷ୍ଟ ହେଉଥିବା ଦେଖିବାକୁ ମିଳିଛି । ଏପରି ଦୃଶ୍ୟ ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ସେମଳା ସାପ୍ତାହିକ ବଜାରରେ ଦେଖିବାକୁ ମିଳିଛି । ସପ୍ତାହର ରବିବାର ଦିନ ସେମଳା ଠାରେ ସାପ୍ତାହିକ ବଜାର ବସେ। ଲୋକଙ୍କ ସୁବିଧା ନିମନ୍ତେ ଲକ୍ଷାଧିକ ଟଙ୍କା ଅଟକଳରେ ଅନେକ ଉନ୍ନୟନ ମୂଳକ କାର୍ଯ୍ୟ କରାଯାଇଛି । କିନ୍ତୁ ପଞ୍ଚାୟତ ତରଫରୁ କୌଣସି ପ୍ରକାର ସଫା ନ କରି ନିରବ ରହିଛନ୍ତି। ଭିତର ପାର୍ଶ୍ୱରେ ଅନେକ ମଇଳା ଆବର୍ଜନା ରହିଥିବା ସାପ୍ତାହିକ ବଜାର ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଲୋକେ ବସି ବାଣିଜ୍ୟ ବ୍ୟବସାୟ କରୁଛନ୍ତି। ଜାତୀୟ ରାଜପଥରେ ଦ୍ରୁତ ଗତିରେ ଯାନବାହନ ଯାଉଥିବାରୁ ଦୁର୍ଘଟଣା ହେବାର ବହୁତ ସମ୍ଭାବନା ରହିଛି। ସପ୍ତାହକୁ ବଜାରରେ ଲୋକଙ୍କୁ ଠାରୁ ପଞ୍ଚାୟତ ତରଫରୁ ଟିକସ ଆଦାୟ କରାଯାଉଛି। କିନ୍ତୁ ବଜାର ପରିସରର ସୌନ୍ଦର୍ଯ୍ୟକରଣ କରିବାକୁ ପଞ୍ଚାୟତ ତରଫରୁ କୌଣସି ପ୍ରକାର ସୁବିଧା କରାଯାଉ ନ ଥିବା ଅଭିଯୋଗ ହୋଇଛି । ଶୀଘ୍ର ଏହି ସାପ୍ତାହିକ ବଜାରର ପରିସର ସଫା କରି ଜାତୀୟ ରାଜପଥରେ ବଜାର ନ ବସି ଭିତରେ ବସାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନ ଶିବିର

**ଭଦ୍ରକ,(ଡିକେ ନ୍ୟୁଜ୍):** ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ କଟକଙ୍କ ପ୍ରଦତ୍ତ କ୍ୟାଲେଣ୍ଡରରେ ଆଇନ ସେବା ସଚେତନତା ନିମିତ୍ତ କାର୍ଯ୍ୟକ୍ରମମାନ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଭାତ କୁମାର ରାଜଗୁରୁଙ୍କ ନିର୍ଦ୍ଦେଶ କ୍ରମେ ବନ୍ତ ବ୍ଲକ କାଦବରାଙ୍ଗ ସ୍ଥିତ ବାବା ଧବନେଶ୍ୱର ପଞ୍ଚାୟତ ମହିଳା ମହାସଂଘ ଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁନ୍ୟଶ୍ଳୋକ ରଥ ପରିଚାଳନା କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଜାତୀୟ ଆଇନ ସେବା ନିଃଶୁଳ୍କ ନମ୍ବର ୧୫୧୦୦ ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତଙ୍କର ଗଠନ ଏବଂ କାର୍ଯ୍ୟବଳୀ ଉପରେ ଉପସ୍ଥିତ ଥିବା ଲୋକମାନଙ୍କୁ ସଚେତନ କରାଯାଇଥିଲା। ନିଃଶୁଳ୍କ ଆଇନ ସେବା ନମ୍ବର ୧୫୧୦୦ କୁ ଜଣେ ଜଣେ ଅସହାୟ ଏବଂ ଆଇନ ସାହାଯ୍ୟ ଲୋଡୁଥିବା ବ୍ୟକ୍ତିଟିଏ ଫୋନକଲେ ତାଙ୍କୁ ତୁରନ୍ତ ଆଇନ୍ ସେବା ଯୋଗାଇ ଦିଆଯାଉଛି। ସେହିପରି ଯଦି କାହାର ଗ୍ୟାସ ସଂଯୋଗିକରଣ କୌଣସି ଅସୁବିଧାଥାଏ। ଶ୍ରମବିବାଦ, ବିଦ୍ୟୁତ ସମ୍ପର୍କିତ ସମସ୍ୟା, ରାସନକାର୍ଡ଼ ସମସ୍ୟା, ବାର୍ଦ୍ଧକ୍ୟଭତ୍ତା ଜନିତ ସମସ୍ୟା ତଥା ଆବାସ ଯୋଜନା ସମ୍ପର୍କିତ ସମସ୍ୟା ଭଳି ଯଦି ବିବାଦ କମ୍ବା ସମସ୍ୟା ଥାଏ ତେବେ ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତଙ୍କର ଆଶ୍ରୟ ନେଇ ପାରିବେ। ଏହି କାର୍ଯ୍ୟକ୍ରମରେ ନେପାଳ ଚନ୍ଦ୍ର ଦାସ ସଦସ୍ୟ ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତ ଭଦ୍ରକ ମୋଜାଇଦ୍ ଅଖତର ଖାନ୍, ତାପସ କୁମାର ମହାନ୍ତି ଏଲ.ଏ.ଡ଼ି.ଏସ.ଏସ, ସଦସ୍ୟ କମଳା ମିଶ୍ର ପାରାଲିଗାଲ ସ୍ୱେଚ୍ଛା ସେବି, ଭଦ୍ରକ ଏବଂ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମୀମାନେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଆଗେଇନେଇ ଥିଲେ।

## ୧୦ ଦଳିତ ପରିବାରକୁ ନିଆଁପାଣି ବାସନ୍ଦ : କଥା ହେଲେ ଦେବାକୁ ପଡୁଛି ଜରିମାନା

**ବ୍ରହ୍ମପୁର,(ଡିକେ ନ୍ୟୁଜ୍):** ସରକାରୀ କାମକୁ ନେଇ ଗଞ୍ଜାମ ଜିଲା ଧରାକୋଟ ବ୍ଲକ ବଡଗଡ ଥାନା ଅନ୍ତର୍ଗତ ପ୍ରତାପପୁର ଗ୍ରାମର ୧୦ ଦଳିତ ପରିବାରକୁ ସାମାଜିକ ବାସନ୍ଦ କରାଯାଇଛି। ଗ୍ରାମରେ କଙ୍ଗାରୁ କୋର୍ଟ ଜରିଆରେ ଦୀର୍ଘ ତିନି ମାସ ହେଲା ଏହି ପରିବାର ମାନଙ୍କୁ ବାସନ୍ଦ କରାଯାଇଛି। ବାସନ୍ଦ ପରିବାର ଲୋକଙ୍କୁ ନିଆଁ ପାଣି, ଜମିଜୁମା ସହ ମନ୍ଦିର ଦର୍ଶନ ମଧ୍ୟ ବନ୍ଦ କରାଯାଇଛି। ସାମାଜିକ ବାସନ୍ଦର ଶିକାର ହୋଇଥିବା ୧୦ ପରିବାର ଏବେ ଦୈନନ୍ଦିନ ଚଳଣିରେ ଅନେକ ସମସ୍ୟା ଭୋଗୁଥିବା ବେଳେ ଏନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସୂଚନାଯୋଗ୍ୟ, ସରକାରୀ କାମକୁ ନେଇ ଗାଁ କଙ୍ଗାରୁ କୋର୍ଟରେ ୧୦ ଦଳିତ ପରିବାକୁ ଦଣ୍ଡ ଦିଆଯାଇଛି। ତିନି ମାସ ହେଲା ଗାଁ ଲୋକଙ୍କ ଦ୍ୱାରା ସାମାଜିକ ବାସନ୍ଦ, ନିଆଁ ପାଣି ବନ୍ଦ କରାଯାଇଛି। ବାସନ୍ଦ ପରିବାର ଲୋକଙ୍କ ସହ କଥା ହେଲେ ପଡୁଛି ୫ ହାଜର ୫୧ ଟଙ୍କା ଜରିମାନା । ଏମିତି ଏକ ଅମାନୁଷିକ ଦୃଶ୍ୟ ଦେଖିବାକୁ ମିଳିଛି ଗଞ୍ଜାମ ଜିଲା ଧରାକୋଟ ବ୍ଲକ ବଡଗଡ ଥାନା ଅନ୍ତର୍ଗତ ବରଡ଼ାବିଲି ପଞ୍ଚାୟତ ପ୍ରତାପ ପୁର ଗ୍ରାମରେ। ଏହି ଗ୍ରାମରେ ମୋଟ ୩ ଶହ ପରିବାର ବସବାସ କରୁଥିବା ଥିବା ବେଳେ ଗ୍ରାମର ହରିଜନ ସାହିରେ ଦଶଟି ଦଳିତ ପରିବାର ବସବାସ କରୁଛନ୍ତି । କିଛି ବର୍ଷତଳେ ପଞ୍ଚାୟତ ତରଫରୁ ହରିଜନ ସାହିରେ ୧ ଲକ୍ଷ ୭୦ ହାଜର ଟଙ୍କାର ଅଟକଳରେ ଏକ କଲ୍ୟାଣୀ ମଣ୍ଡପ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଆସିଥିଲା। ଯାହାକୁ ବିରୋଧ କରି ଆସୁଥିଲେ ପୂର୍ବତନ ସରପଞ୍ଚଙ୍କ ସମେତ କିଛି ଗ୍ରାମବାସୀ। ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ ଦଳିତ ପରିବାରମାନେ ନିଜର ସୁବିଧାକୁ ଦୃଷ୍ଟିରେ ରଖି ଏବେ କଲ୍ୟାଣୀ ମଣ୍ଡପଟିକୁ ନିର୍ମାଣ କରୁଥିବାରୁ ଏହାକୁ ବିରୋଧ କରି ତିନିମାସ ତଳେ ପୂର୍ବତନ ସରପଞ୍ଚଙ୍କ ଇସାରାରେ ଗ୍ରାମରେ ଏକ ବୈଠକ କରାଯାଇଥିଲା। ଆଉ ସେହି କଙ୍ଗାରୁ କୋର୍ଟରେ ଗ୍ରାମରୁ ୧୦ ଦଳିତ ପରିବାକୁ ସାମାଜିକ ବାସନ୍ଦ କରଯାଇଥିବା ବେଳେ ଦୀର୍ଘ ତିନି ମାସ ହେଲା ନିଆଁ ପାଣି ସବୁରେ ତାଙ୍କ ପାଇଁ କଟକଣା ଲାଗିଛି। ଏହାକୁ ନେଇ ତିନି ମାସ ଧରି ଅନେକ ସମସ୍ୟା ଭୋଗୁଥିବା କହିଛନ୍ତି ସାମାଜିକ ବାସନ୍ଦର ଶିକାର ହୋଇଥିବା ଦଳିତ ପରିବାର। କେବଳ ସାମାଜିକ ବାସନ୍ଦରୁ ନିଆଁ ପାଣି ବନ୍ଦ ନୁହେଁ କି ବାସନ୍ଦ ପରିବାର ସହ କଥା ହେଲେ ୫ ହାଜର ୫୧ ଟଙ୍କା ଜରିମାନାର ଦେବାକୁ ପଡ଼ିବ। ଦୀର୍ଘ ତିନି ମାସ ହେଲା ବାସନ୍ଦ ପରିବାରକୁ ମନ୍ଦିରକୁ ଯିବାକୁ ମନା ହେଇଛି। ଏମିତି କି ବିଲ ବାଡି ଚାଷ ଜମିକୁ ପାଣି ଛାଡ଼ିବା ବି ବାରଣ କରାଯାଇଛି। ପୂର୍ବତନ ସରପଞ୍ଚଙ୍କ ନିର୍ଦ୍ଦେଶରେ ଏ ସବୁ ହେଉଛି। ପୂର୍ବରୁ ସାମାଜିକ ବାସନ୍ଦ ପ୍ରଥାକୁ ନେଇ ୧୦ ବାସନ୍ଦ ପରିବାର ବଡଗଡ ଥାନାରେ ଲିଖିତ ଅଭିଯୋଗ କରିଥିବାବେଳେ ଘଟଣାକୁ ନେଇ ଆସ୍କା ଏସ.ଡିପି.ଓ ଗଞ୍ଜାମ ଏସପି ଦ୍ୱାରସ୍ଥ ହୋଇଛନ୍ତି । ଅନ୍ୟ ପକ୍ଷରେ ବାସନ୍ଦ ହୋଇଥିବା ୧୦ ପରିବାର ପୂର୍ବତନ ସରପଞ୍ଚଙ୍କୁ ଏସବୁର ଦୋଷ ଦେଉଥିବା ବେଳେ ପୂର୍ବତନ ସରପଞ୍ଚ ଏହାକୁ ଖଣ୍ଡନ କରିଛନ୍ତି । ସେ କହିଛନ୍ତି, ସମାଜରେ ଚଳିବାର ସମସ୍ତଙ୍କ ଅଧିକାର ଅଛି। ଏଠି କେହି କାହାକୁ ବାସନ୍ଦ କରିନାହାନ୍ତି ଓ ଯଦି ସେମିତି କିଛି ହୋଇଛି ତାହାର ତଦନ୍ତ କରାଯାଉ। ଅପର ପକ୍ଷରେ ଭଞ୍ଜନଗର ଉପଜିଲାପାଳ ଘଟଣାକୁ ନେଇ ପ୍ରତିକ୍ରିୟା ଦେଇ କହିଛନ୍ତି। ସାମାଜିକ ବାସନ୍ଦ ପ୍ରଥା ଆଦୌ ଠିକ ନୁହେଁ। ମୁଁ ସ୍ଥାନୀୟ ବିଡିଓ ଓ ତହସିଲଦାରଙ୍କ ସହ କଥାହେବି। ଯଦି ସେମିତି କିଛି ବାସନ୍ଦ କଥା ଅଛି ତାହେଲେ ତୁରନ୍ତ ତାହାର ସମାଧାନ କରାଯିବ।

# ହଡ଼କୋର ଏସିଏମ ମାଓବାଦୀ କୁଞ୍ଜାମ ହିଡ଼ମା ଗିରଫ




କୋରାପୁଟ, (ଡିକେ ନ୍ୟୁଜ୍): କୋରାପୁଟ ପୋଲିସକୁ ବଡ଼ ସଫଳତା। ହଡ଼କୋର ମାଓବାଦୀ କୁଞ୍ଜାମ ହିଡ଼ମାକୁ ଗିରଫ କରିବାରେ ସଫଳ ହୋଇଛି। ଗତ କିଛି ଦିନ ତଳେ ଛତିଶଗଡ ବିଜେପୁର ନିକଟସ୍ଥ ଜଙ୍ଗଲରେ ମାଓବାଦୀ ଓ ପୋଲିସ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ଅନେକ ମାଓବାଦୀ ମୃତ୍ୟୁ ବରଣ କରିଥିଲେ। ଛତିଶଗଡ ରାଜ୍ୟକୁ କୋରାପୁଟ ଜିଲ୍ଲା ଲାଗି ରହିଥିବା ଯୋଗୁ କୋରାପୁଟ ପୋଲିସକୁ ଏ ନେଇ ଅଧିକ ସତର୍କ ରହିବା ପାଇଁ ପଡିଥିଲା। ଏ ନେଇ ଜୟପୁର ଏସଡିପିଓ ଆଇପିଏସ ଅଧିକାରୀ ପାର୍ଥ କଶ୍ୟପ ଓ ଏସିଡିଓଆସି ଦିବ୍ୟ ପ୍ରସାଦ ପରିଡାଙ୍କ ନେତୃତ୍ୱରେ ଡିଭିଏଫ ବାହିନୀ ବୈପାରୀଗୁଡା ଥାନା ପେଟାଗୁଡା ଜଙ୍ଗଲରେ କୁମ୍ବିଙ୍ଗ ଅପରେସନ କରୁଥିବା ବେଳେ ମାଓବାଦୀମାନେ ଅତର୍କିତ ଆକ୍ରମଣ କରିଥିଲେ। ଯବାନମାନେ ଏହାର ପାଲଟା ଆକ୍ରମଣ ମଧ୍ୟ କରିଥିଲେ। ଜଣେ ମାଓବାଦୀ ଖସି ପଳାଇଥିବା ବେଳେ ଆଉ ଜଣେ ବୁଦା ମୂଳେ ଲୁଚିଥିବା ବେଳେ ଯବାନମାନେ ତାକୁ ଧରିଥିଲେ। ପୋଲିସ ହାତରେ ଧରା ପଡ଼ିଥିବା ମାଓବାଦୀ ହେଉଛି ଏରିଆ କମିଟି ସଦସ୍ୟ କୁଞ୍ଜାମ ହିଡମା ଡାକ ନାମ ମୋହନ, ଗ୍ରାମ ଜାନାଗୁଡ଼ା, ପିଏସ୍ ଉସୁର, ଜିଲ୍ଲା ବିଜାପୁର, ଛତିଶଗଡ଼ ବୋଲି ଜଣା ପଡ଼ିଛି। ଜବତ ହୋଇଥିବା ସାମଗ୍ରୀ ହେଉଛି ଏକେ ୪୭ ବନ୍ଧୁକ, ଗୋଳାବାରୁଦ, ୩୫ ରାଉଣ୍ଡ ଗୁଳି ଏବଂ ୧ ପତ୍ରିକା, ୨୭ଟି ଇଲେକ୍ଟ୍ରିକ୍ ଡେଟୋନେଟର, ୯୦ ଅଣ-ଇଲେକ୍ଟ୍ରିକ୍ ଡେଟୋନେଟର, ପ୍ରାୟ ୨ କିଲୋ ବନ୍ଧୁକ ପାଉଡର, ୨ଟି ଷ୍ଟିଲ୍ ପାତ୍ର, ରେଡ଼ିଓ, ଇୟରଫୋନ୍, ମୋଟୋରୋଲା ୱାକି-ଟକି, ଛୁରୀ କଟୁରୀ, ଟର୍ଚ୍ଚ ଲାଇଟ କଳା ପଲିଥିନ ଜବତ କରିଛି। ହିଡମା ନା'ରେ ଚାରି ଲକ୍ଷ ଟଙ୍କାର ପୁରସ୍କାର ଥିଲା। ହିଡମା ନା'ରେ କୋରାପୁଟ ଜିଲ୍ଲାରେ ଚାରି ମାମଲା ଓ ମାଲକାନଗିରି ଜିଲ୍ଲାରେ ତିନଟି ମାମଲା ଅଛି। ସେଇପରି ଚାରଟି ବଡ଼ ମାମଲାରେ ହିଡମା ସଂଳିଷ୍ଟ ଥିଲା। ଏ ନେଇ ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀ କରି କୋରାପୁଟ ଏସପି ରୋହିତ ବର୍ମା ସୂଚନା ଦେଇଛନ୍ତି।

## ଗୋଟିଏ ନଳକୂଅ ଓ ଗୋଟିଏ କୂଅଁ ଉପରେ ସାହା ଭରସା ଗ୍ରାମବାସୀ



ଉମରକୋଟ, (ଡିକେ ନ୍ୟୁଜ୍): ବସୁଧା ଯୋଜନାରେ ପୁରସ୍କୃତ ହୋଇଥିବା ଗାଁ ବର୍ତ୍ତମାନ ପାଣି ପାଇଁ ହନ୍ତସନ୍ତ, ଗାଁରେ ଥିବା ୩୫୦ରୁ ଉର୍ଦ୍ଧ୍ୱ ପରିବାର ୫୦୦ ମିଟର ଦୂରରୁ ପାଣି ବୋହି ଆଣୁଥିବା ଦେଖିବାକୁ ମିଳିଛି। ଏପରିକି ଅଟୋରେ ଗରିଆ, ଡ୍ରମ, ବାଲ୍ଟିରେ ପାଣି ଭର୍ତ୍ତି କରି ନେଉଥିବା ଦେଖିବାକୁ ମିଳିଛି। ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ, ସେପଟେ ବିଭାଗୀୟ ଅଧିକାରୀ ଘୋର ନିଦ୍ରାରେ ଶୋଇଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ବୁର୍ଜା ଗ୍ରାମରେ। ସୂଚନା ପ୍ରକାରେ ଗ୍ରାମରେ ଥିବା ଚନ୍ଦ୍ର ସାହି, ଟାୱାର ସାହି ଓ ଗାଉଁଟିଆ ସାହିର ପ୍ରାୟ ୩୫୦ରୁ ଉର୍ଦ୍ଧ୍ୱ ପରିବାର ଗ୍ରାମରେ ଥିବା ଏକ କୂଅଁ ଓ ଗୋଟିଏ ନଳକୂଅ ଉପରେ ଭରସା କରି ଶୋଷ ମେଣ୍ଟାଉଛନ୍ତି। ଗ୍ରାମରେ ଥିବା ଚର୍ଚ୍ଚ ପରିସରରେ ଥିବା ଏକ ନଳକୂଅରୁ ଗ୍ରାମର ମହିଳା ଯୁବତୀ ପାଣି ନେଇ ନିଜ ନିତ୍ୟ କାର୍ଯ୍ୟ ସମ୍ପନ୍ନ କରନ୍ତି। ପାଣି ପାଇଁ ଏହି ତିନି ସାହିର ପରିବାର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି କିନ୍ତୁ ବିଭାଗୀୟ ଅଧିକାରୀ ଘୋର ନିଦ୍ରାରେ ଶୋଇଛନ୍ତି। ସେପଟେ ସ୍ଥାନୀୟ ବିଡ଼ିଓ ମନୋଜ କୁମାର ମେହେର କନିଷ୍ଠ ଯନ୍ତ୍ରୀଙ୍କୁ ଅବଗତ କରେଇ ତୁରନ୍ତ ସେହି ଗ୍ରାମକୁ ଯାଇ ପାଣିର ସମସ୍ୟା ଦୂର କରିବାକୁ କହିଥିଲେ ଏବଂ ଗ୍ରାମରେ ନଳକୂଅ ଖୋଳିବାକୁ କହିଥିଲେ। ବର୍ତ୍ତମାନ ଦେଖିବାକୁ ବାକି ରହିଲା ଏହି ବୁର୍ଜା ଗ୍ରାମବାସୀଙ୍କ ଥିବା ପାଣି ସମସ୍ୟା ଦୁର ହେବ କେବେ?

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### 'ବିକଶିତ କୃଷି ସଂକଳ୍ପ...

କଥା ହେଉ ଅବା କୃଷିର ଭିତ୍ତିଭୂମି ବିକାଶ, ସବୁଥିରେ ଓଡ଼ିଶା ସାରା ବିଶ୍ୱରେ ଦୃଷ୍ଟାନ୍ତ ହେବ, ଏହା ଆମର ବିଶ୍ୱାସ ବୋଲି କେନ୍ଦ୍ରକୃଷି ମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଯୋଗଦେଇ କହିଥିଲେ ଯେ, 'ବିକଶିତ କୃଷି ସଂକଳ୍ପ ଅଭିଯାନ' କୃଷକମାନଙ୍କୁ ଯାନ୍ତ୍ରିକ ସଶକ୍ତ କରାଇବା ପାଇଁ ଏକ ସ୍ୱତନ୍ତ୍ର ମାଧ୍ୟମ। ଏହି ଅଭିଯାନ ଓଡିଶାରୁ ଆରମ୍ଭ ହେଉଛି ଏବଂ ଏହାର ଉପଲବ୍ଧତା ଓଡ଼ିଶାର କୃଷକଙ୍କ ନିକଟରେ ପହଞ୍ଚିବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓଁ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଓ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢ଼ୀ ଏବଂ ଓୟୁଏଟିର କୁଳପତି ପ୍ରଫେସର୍ ପ୍ରଭାତ କୁମାର ରାଉଳ ପ୍ରମୁଖ ଉପସ୍ଥିତଥିଲେ। ଭାରତ ସରକାରଙ୍କ କୃଷି ଗବେଷଣା ଓ ଶିକ୍ଷା ବିଭାଗର ସଚିବ ତଥା ଭାରତୀୟ କୃଷି ଗବେଷଣା ପରିଷଦର ମହାନିର୍ଦ୍ଦେଶକ ଡକ୍ଟର ମଙ୍ଗିଲାଲ୍ ଜାଟ୍ ସ୍ୱାଗତ ଭାଷଣ ଦେଇଥିଲେ। କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ଏକ ତ୍ରିରଙ୍ଗା ଶୋଭାଯାତ୍ରାରେ ଅତିଥିମାନେ କୃଷି ବିଜ୍ଞାନ କେନ୍ଦ୍ର ଠାରେ ପହଞ୍ଚିଥିଲେ।

### ସିକ୍କିମରେ ବହୁବିଧ...

ସମ୍ପ୍ରତି ଉତ୍ତର-ପୂର୍ବ ନିବେଶ ସମ୍ମିଳନୀକୁ ମନେ ପକାଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ପ୍ରମୁଖ ଶିଳ୍ପପତି ଏବଂ ପ୍ରମୁଖ ନିବେଶକମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ, ଯେଉଁମାନେ ସିକ୍କିମ୍ ସମେତ ଉତ୍ତର- ପୂର୍ବରେ ଗୁରୁତ୍ୱପୂର୍ଣ୍ଣ ନିବେଶ କରିବା ସମ୍ପର୍କରେ ଘୋଷଣା କରିଥିଲେ। ସେ କହିଥିଲେ ଯେ, ଆଗାମୀ ବର୍ଷଗୁଡ଼ିକରେ, ଏହା ସିକ୍କିମ ଏବଂ ଉତ୍ତର-ପୂର୍ବ ଅଞ୍ଚଳର ଯୁବକମାନଙ୍କ ପାଇଁ ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଆଜିର କାର୍ଯ୍ୟକ୍ରମ ସିକ୍କିମର ଭବିଷ୍ୟତ ଯାତ୍ରାର ଏକ ଝଲକ ପ୍ରଦାନ କରେ ବୋଲି ଶ୍ରୀ ମୋଦି କହିବା ସହିତ ଏହା ଉଲ୍ଲେଖ କରିଥିଲେ ଯେ, ସିକ୍କିମର ବିକାଶ ସହିତ ଜଡିତ ଅନେକ ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସେ ଗୁରୁତ୍ୱାରୋପ କରିଥିଲେ ଯେ ଏହି ପ୍ରକଳ୍ପଗୁଡ଼ିକ ଏହି ଅଞ୍ଚଳରେ ସ୍ୱାସ୍ଥ୍ୟସେବା, ପର୍ଯ୍ୟଟନ, ସାଂସ୍କୃତିକ ଏବଂ କ୍ରୀଡା ସୁବିଧାକୁ ବୃଦ୍ଧି କରିବ। ଏହି ପ୍ରକଳ୍ପଗୁଡ଼ିକର ସଫଳ ଶୁଭାରମ୍ଭ ପାଇଁ ସେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ। ସିକ୍କିମ୍, ସମଗ୍ର ଉତ୍ତର- ପୂର୍ବାଞ୍ଚଳ ସହିତ, ଭାରତର ବିକାଶ କାହାଣୀରେ ଏକ ଉଜ୍ଜ୍ୱଳ ଅଧ୍ୟାୟ ହେବାକୁ ଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ, ଯେଉଁଠାରେ ଦିଲ୍ଲୀରୁ ଏହି ସ୍ଥାନର ଦୂରତା ପୂର୍ବରୁ ଏହାର ପ୍ରଗତିରେ ପ୍ରତିବନ୍ଧକ ସୃଷ୍ଟି କରିଥିଲା, ସେହି ଅଞ୍ଚଳ ଏବେ ସୁଯୋଗର ନୂତନ ଦ୍ୱାର ଖୋଲିବାରେ ଲାଗିଛି। ସେ ଗୁରୁତ୍ୱାରୋପ କରିଥିଲେ ଯେ, ଏହି ପରିବର୍ତ୍ତନର ସବୁଠାରୁ ବଡ଼ କାରଣ ହେଉଛି ସଂଯୋଗୀକରଣରେ ଉନ୍ନତି, ଏକ ପରିବର୍ତ୍ତନ ଯାହାକୁ ସିକ୍କିମର ଲୋକମାନେ ପ୍ରତ୍ୟକ୍ଷ ଭାବରେ ଦେଖିଛନ୍ତି। ପ୍ରଧାନମନ୍ତ୍ରୀ ଆହୁରି ଏକ ସମୟକୁ ମନେ ପକାଇଥିଲେ ଯେତେବେଳେ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ନିଯୁକ୍ତି ପାଇଁ ଯାତ୍ରା ଏକ ପ୍ରମୁଖ ଆହ୍ୱାନ ଥିଲା। ତଥାପି, ଗତ ଦଶନ୍ଧି ମଧ୍ୟରେ ପରିସ୍ଥିତିରେ ଯଥେଷ୍ଟ ପରିବର୍ତ୍ତନ ଆସିଛି ବୋଲି ସେ ଉଲ୍ଲେଖ କରିଥିଲେ। ସେ ସୂଚାଇଥିଲେ ଯେ, ଏହି ସମୟ ମଧ୍ୟରେ ସିକ୍କିମରେ ପ୍ରାୟ ୪୦୦ କିଲୋମିଟର ନୂତନ ଜାତୀୟ ରାଜପଥ ନିର୍ମାଣ କରାଯାଇଛି। ଗାଁରେ ଶହ ଶହ କିଲୋମିଟର ନୂତନ ରାସ୍ତା ନିର୍ମାଣ କରାଯାଇଛି। ଅଟଳ ସେତୁ ନିର୍ମାଣ ଦ୍ୱାରା ଦାର୍ଜିଲିଂ ସହିତ ସିକ୍କିମର ସଂଯୋଗୀକରଣ ବୃଦ୍ଧି ପାଇଛି ବୋଲି ଉଲ୍ଲେଖ କରି ଶ୍ରୀ ମୋଦି କହିଥିଲେ ଯେ ସିକ୍କିମକୁ କାଲିମ୍ପଙ୍ଗ ସହିତ ସଂଯୋଗ କରିବା ରାସ୍ତାର କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ , ବାଗଡୋଗ୍ରା - ଗ୍ୟାଙ୍ଗଟକ୍ ଏକ୍ସପ୍ରେସୱେ ସିକ୍କିମକୁ ଯିବା ଏବଂ ଆସିବାକୁ ବହୁତ ସହଜ କରିବ। ଆଗକୁ ଦୃଷ୍ଟି ରଖି, ସେ ଏହି ଏକ୍ସପ୍ରେସୱେକୁ ଗୋରଖପୁର - ସିଲିଗୁଡ଼ି ଏକ୍ସପ୍ରେସୱେ ସହିତ ସଂଯୋଗ କରିବା ପାଇଁ ଯୋଜନା ସମ୍ପର୍କରେ ଘୋଷଣା କରିଥିଲେ, ଯାହା ଏହି ଅଞ୍ଚଳର ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବ। ସମସ୍ତ ଉତ୍ତର- ପୂର୍ବ ରାଜ୍ୟର ରାଜଧାନୀ ସହରଗୁଡ଼ିକୁ ରେଳ ନେଟୱାର୍କ ସହିତ ସଂଯୋଗ କରିବାର ପ୍ରୟାସ ଦ୍ରୁତ ଗତିରେ ଚାଲିଥିବା ଉପରେ ଆଲୋକପାତ କରି ଶ୍ରୀ ମୋଦି ସେଭୋକ - ରଙ୍ଗପୋ ରେଳ ଲାଇନ ସିକ୍କିମକୁ ଜାତୀୟ ରେଳ ନେଟୱାର୍କରେ ସଂଯୁକ୍ତ କରିବ ବୋଲି ଉଲ୍ଲେଖ କରିଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଯେ, ଯେଉଁଠାରେ ରାସ୍ତା ନିର୍ମାଣ କରାଯାଇପାରିବ ନାହିଁ, ସେଠାରେ ବିକଳ୍ପ ଭାବରେ ରୋପ୍ ୱେ ନିର୍ମାଣ କରାଯାଉଛି। ଶ୍ରୀ ମୋଦି ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ, ଆଜି ପୂର୍ବରୁ ଅନେକ ରୋପ୍ ୱେ ପ୍ରକଳ୍ପ ଉଦଘାଟନ କରାଯାଇଥିଲା, ଯାହା ସିକ୍କିମର ଲୋକମାନଙ୍କ ପାଇଁ ସୁବିଧାକୁ ଆହୁରି ଉନ୍ନତ କରିଥିଲା। ସେ ମନ୍ତବ୍ୟ ଦେଇଥିଲେ ଯେ, ଗତ ଦଶନ୍ଧିରେ, ଭାରତ ନୂତନ ସଂକଳ୍ପ ସହିତ ଅଗ୍ରଗତି କରିଛି ଏବଂ ଏଥିରେ ସ୍ୱାସ୍ଥ୍ୟସେବା ବୃଦ୍ଧି ଏକ ପ୍ରମୁଖ ପ୍ରାଥମିକତା ହୋଇ ରହିଛି। ସେ ସୂଚାଇଥିଲେ ଯେ, ଗତ ୧୦ - ୧୧ ବର୍ଷ ମଧ୍ୟରେ ପ୍ରତ୍ୟେକ ରାଜ୍ୟରେ ବଡ଼ ବଡ଼ ହସ୍ପିଟାଲ ପ୍ରତିଷ୍ଠିତ ହୋଇଛି। ଶ୍ରୀ ମୋଦି ଦେଶବ୍ୟାପୀ ଏମ୍ସ ଏବଂ ମେଡିକାଲ କଲେଜର ଗୁରୁତ୍ୱପୂର୍ଣ୍ଣ ପ୍ରସାରଣ ଉପରେ ଆହୁରି ଆଲୋକପାତ କରିଥିଲେ, ସିକିମର ଲୋକମାନଙ୍କ ପାଇଁ ୫୦୦ ଶଯ୍ୟା ବିଶିଷ୍ଟ ଏକ ହସ୍ପିଟାଲ ଲୋକାର୍ପଣ କରିବା ସମ୍ପର୍କରେ ଘୋଷଣା କରିଥିଲେ, ଯାହା ଦ୍ୱାରା ସବୁଠାରୁ ଅବହେଳିତ ପରିବାର ପାଇଁ ମଧ୍ୟ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ ହୋଇପାରିବ।

### ଟିଏମସି ଶାସନ ସମୟରେ...

ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନା ଅଧୀନରେ, ସାରା ଦେଶରେ କୋଟି କୋଟି ଲୋକ ମାଗଣା ଚିକିତ୍ସା ପାଉଛନ୍ତି, ଯେଉଁଥିରେ ୭୦ ବର୍ଷରୁ ଅଧିକ ବୟସ୍କ ବୃଦ୍ଧ ମଧ୍ୟ ଅନ୍ତର୍ଭୁକ୍ତ, କିନ୍ତୁ ପଶ୍ଚିମବଙ୍ଗର ଟିଏମସି ସରକାର ଏହି ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଦେଇ ନଥିଲେ, ଯାହା ଫଳରେ ରାଜ୍ୟର ଲୋକମାନେ ଏହି ସୁବିଧାରୁ ବଞ୍ଚିତ ହୋଇଛନ୍ତି। ବିଶ୍ୱକର୍ମା ଯୋଜନା ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଏହି ଯୋଜନା ଅଧୀନରେ, ସାରା ଦେଶରେ ଲକ୍ଷ ଲକ୍ଷ ଲୋକଙ୍କୁ ତାଲିମ ଏବଂ ଆର୍ଥିକ ସହାୟତା ଦିଆଯାଉଛି। ପଶ୍ଚିମବଙ୍ଗରେ, ଟିଏମସି ସରକାର ଆଠ ଲକ୍ଷ ଆବେଦନକୁ ବିଚାରାଧୀନ ରଖିଛନ୍ତି, ଯାହା ଯୋଗୁଁ ଏହି ଯୋଜନା ଏଠାରେ ମଧ୍ୟ କାର୍ଯ୍ୟକାରୀ ହେଉନାହିଁ। ପ୍ରଧାନମନ୍ତ୍ରୀ ଟିଏମସି ସରକାର ଶିକ୍ଷକ ଏବଂ ପିଲାମାନଙ୍କ ଭବିଷ୍ୟତ ସହିତ ଖେଳୁଥିବାର ମଧ୍ୟ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ଟିଏମସି ଶାସନ ସମୟରେ ହଜାର ହଜାର ଶିକ୍ଷକଙ୍କ ଭବିଷ୍ୟତ ନଷ୍ଟ ହୋଇଥିଲା ଏବଂ ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ଦିଆଯାଇଥିଲା। ପ୍ରଧାନମନ୍ତ୍ରୀ ଟିଏମସି ନିଜ ଭୁଲକୁ ଗ୍ରହଣ ନକରି କୋର୍ଟକୁ ଦୋଷ ଦେବାର ମଧ୍ୟ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ଟିଏମସି ଚା ବଗିଚାରେ କାମ କରୁଥିବା ଶ୍ରମିକମାନଙ୍କୁ ମଧ୍ୟ ଛାଡି ନାହିଁ। ସେମାନଙ୍କ ରୋଜଗାର ଲୁଟ ହେଉଛି ଏବଂ ଦୋଷୀମାନଙ୍କୁ ବଞ୍ଚାଇବା ପାଇଁ ପ୍ରୟାସ କରାଯାଉଛି।

### ନୟାଗଡ ଜିଲ୍ଲା ରାଜ୍ୟରେ...

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ଉପଲବ୍ଧ କରାଯାଉଛି। ରିଭଲଭିଂ ଫଣ୍ଡ ସହାୟତାକୁ ୧୫ ହଜାର ଟଙ୍କାରୁ ବଢାଇ ୩୦ ହଜାର ଟଙ୍କାକୁ କରାଯାଇଛି। କମୁନିଟି ଇନଭେଷ୍ଟମେଣ୍ଟ ଫଣ୍ଡକୁ ବଢାଇ ୩୫ ଲକ୍ଷ ଟଙ୍କାରୁ ୬୦ ଲକ୍ଷ ଟଙ୍କାକୁ କରାଯାଇଛି। ଏହା ଦ୍ୱାରା ଏସ୍‌ଏଚ୍‌ଜି ସଦସ୍ୟାମାନେ ନିଜ ବ୍ୟବସାୟ ଓ ଜୀବିକାକୁ ଆତ୍ମ ବିଶ୍ୱାସର ସହ ଆଗକୁ ନେଇ ପାରୁଛନ୍ତି। ସୁଭଦ୍ରା ଶକ୍ତି ମେଳା ମାଧ୍ୟମରେ ଏସ୍‌ଏଚ୍‌ଜି ମହିଳାମାନେ ଲକ୍ଷାଧିକ ଟଙ୍କାର ବ୍ୟବସାୟ କରି ନିଜର ପରିଚୟ ସୃଷ୍ଟି କରିବା ସହିତ ଆତ୍ମବିଶ୍ୱାସ ବଢାଇ ପାରୁଛନ୍ତି। ଆମର ସୁଭଦ୍ରା ଶକ୍ତି କାଫେ ଏକ ନୂଆ ଜୀବିକା ମଡେଲ୍ ଭାବେ ଆରମ୍ଭ ହୋଇଛି। ଏହା ମାଧ୍ୟମରେ ଏସ୍‌ଏଚ୍‌ଜି ମହିଳାମାନେ ବଡ ବଡ କାଫେ ଚଳାଉଛନ୍ତି। ଆମ ମହିଳାମାନଙ୍କ ନିଷ୍ଠା ଓ କଠିନ ପରିଶ୍ରମ ବର୍ତ୍ତମାନ ବ୍ୟବସାୟ ଜରିଆରେ ଅନ୍ତର୍ଜାତୀୟ ବଜାରରେ ପ୍ରବେଶ କରୁଛି। ସେ କହିଥିଲେ, ଆମ ସରକାର ଓଡିଶାର ପ୍ରତି ମହିଳାଙ୍କ ବିକାଶ ପାଇଁ ସଠିକ ପରିବେଶ, ସମର୍ଥନ ଓ ସାଧନ ଯୋଗାଇଦେବା ପାଇଁ ପ୍ରତିବଦ୍ଧ ଅଛନ୍ତି। ମହିଳାମାନଙ୍କୁ ଉଦ୍ୟୋଗୀ ଓ ନେତୃତ୍ୱ କ୍ଷେତ୍ରରେ ଆଗକୁ ବଢାଇବା ପାଇଁ ଆମେ ସମସ୍ତ ଉଦ୍ୟମ ଜାରି ରଖିଛୁ। ଆମର ଲକ୍ଷ୍ୟ ହେଉଛି ଲକ୍ଷପତି ଦିଦି କେବଳ ମହିଳାମାନଙ୍କ ଜୀବିକା ନୁହେଁ, ଏହାକୁ ମହିଳାମାନଙ୍କ ଗରିମା ବୃଦ୍ଧି, ସ୍ୱାବଲମ୍ବନଶୀଳତା ଓ ନେତୃତ୍ୱର ଆନ୍ଦୋଳନ ରୂପେ ପରିଣତ କରିବା। ଏହି ଅବସରରେ ରାୟଗଡା ଜିଲ୍ଲାର ଲକ୍ଷପତି ଦିଦି ଶ୍ରୀମତୀ ବିନ୍ଧ୍ୟବାଶିନୀ, ମହାରାଷ୍ଟ୍ରର ଶୋଭା ଦିଗମ୍ବର କଦମ୍ ସେମାନଙ୍କର ସଫଳତାର ଅନୁଭୂତି ଓ ଅଭିଜ୍ଞତାକୁ ବର୍ଣ୍ଣନା କରିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରେଷ୍ଠ ଲକ୍ଷପତି ଦିଦି ଭାବରେ ଦେବଗଡ ଜିଲ୍ଲାର ଶକୁନ୍ତଳା ଧଳ, ଗଜପତି ଜିଲ୍ଲାର ସୁଲମୀ ଦଳବେହେରା ଏବଂ କେନ୍ଦ୍ରାପଡା ଜିଲ୍ଲାର ମମତା ନାଥ ଶର୍ମାଙ୍କୁ ପୁରସ୍କୃତ କରିଥିଲେ। ଜିଲ୍ଲାରେ ୯୮ ପ୍ରତିଶତ ଲକ୍ଷପତି ଦିଦି ସୃଷ୍ଟି କରି ପ୍ରଥମ ସ୍ଥାନ ଅଧିକାର କରିଥିବା ନୟାଗଡ ଜିଲ୍ଲା ଏବଂ ୯୭ ପ୍ରତିଶତ ଲକ୍ଷପତି ଦିଦି ସୃଷ୍ଟି କରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା କେନ୍ଦ୍ରାପଡା, କଟକ, ଭଦ୍ରକ, ଜଗତସିଂହପୁର ଜିଲ୍ଲାକୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିବା ସହିତ ରାଜ୍ୟସ୍ତରରେ ଶ୍ରେଷ୍ଠ ଅଧିକାରୀ ଭାବେ ଓଡିଶା ଜୀବିକା ମିଶନ, ଭୁବନେଶ୍ୱରର ଦେବୀ ପ୍ରସାଦ ନାୟକଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଲକ୍ଷପତି ଦିଦିଙ୍କ ଉପରେ ପର୍ଯ୍ୟବସିତ ଏକ ଭିଡିଓ, ଏକ କଫି ଟେବୁଲ ବୁକ୍ ଓ ବୁକଲେଟ୍ ଉନ୍ମୋଚନ କରିଥିଲେ। ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା ଉଦବୋଧନ ଦେଇ କହିଥିଲେ ଯେ, ଲକ୍ଷପତି ଦିଦି ଯୋଜନା  କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ଏହା ଏକ ଆନ୍ଦୋଳନ। ଯାହା ମହିଳାମାନଙ୍କୁ ଘର ଚାରି କାନ୍ଥ ମଧ୍ୟରୁ ବାହାର କରି ବିକାଶ ସ୍ରୋତରେ ଯୋଡୁଛି। ଏହି ଲକ୍ଷପତି ଦିଦି ସୃଷ୍ଟି କରାଇବାରେ ଓଡିଶା ଲଗାତର ଭାବେ ଏକ ନମ୍ବର ସ୍ଥାନରେ ରହିଛି। ଏହା ଆମ ପାଇଁ ବଡ ଉପଲବ୍ଧି। କୃଷି, ପଶୁ ପାଳନ, ସିଲାଇ, କାଫେ ଇତ୍ୟାଦି ସମସ୍ତ କ୍ଷେତ୍ରରେ ଆମ ଗ୍ରାମାଞ୍ଚଳର ମହିଳାମାନେ ସେମାନଙ୍କ ପାରଦର୍ଶିତା ପ୍ରଦର୍ଶନ କରୁଛନ୍ତି। ଏହି କାର୍ଯ୍ୟକ୍ରମ ବଳରେ ଆଜି ଗ୍ରାମାଞ୍ଚଳର ମହିଳାମାନେ କେବଳ ନିଜ ପାଇଁ ରୋଜଗାର କରୁନାହାନ୍ତି, ଅନ୍ୟମାନଙ୍କ ପାଇଁ ଉଦାହରଣ ମଧ୍ୟ ହୋଇ ପାରିଛନ୍ତି। ଆଗାମୀ ଦିନରେ ସଶକ୍ତ ମହିଳାମାନେ ବିକଶିତ ଭାରତ ଓ ସମୃଦ୍ଧ ଓଡିଶା ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ସେ କହିଥିଲେ। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଥିଲେ ଯେ, ବିକାଶ ପ୍ରକ୍ରିୟାରେ ମହିଳାକୁ ସାମିଲ କରିବାକୁ ଆମେ ଗୁରୁତ୍ୱ ଦେଉଛୁ। ଆମର ଲକ୍ଷ୍ୟ କେବଳ ଲକ୍ଷପତି ଦିଦି ସୃଷ୍ଟି କରିବା ନୁହେଁ, ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ହେଉଛି ଆମର ମୂଳ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ନିର୍ଦ୍ଦେଶିକା ଡଃ ମୋନିକା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।

### 'ପାକିସ୍ତାନ ଅଧିକୃତ...

ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧନ କରିଛନ୍ତି । ସେ କହିଛନ୍ତି ଯେ, ଆତଙ୍କବାଦର ବ୍ୟବସାୟ ଚଳାଇବା କୌଣସି କ୍ଷମତାଶୀଳ ବ୍ୟୟ ନୁହେଁ, ବରଂ ଏଥିପାଇଁ ଏକ ବଡ ମୂଲ୍ୟ ଦେବାକୁ ପଡିପାରେ ଏହାର ଅନୁଭବ ଏବେ ପାକିସ୍ତାନ କରୁଛି। ଅପରେସନ 'ସିନ୍ଦୂର' ସମୟରେ ଆତଙ୍କବାଦୀମାନଙ୍କ ବିରୁଦ୍ଧରେ ଭାରତର କୌଶଳ ଓ ପ୍ରତିକ୍ରିୟାକୁ ନୂଆ ସ୍ୱରୂପ ଏବଂ ପୁନଃ ସଂଜ୍ଞା ପ୍ରଦାନ କରାଯାଇଛି। ଆମେ ପାକିସ୍ତାନ ସହିତ ଆମର ସହଯୋଗ ଓ ସଂଳାପର ସୀମାକୁ ପୁନଃ ପରିଶୋଧନ କରିବା ଆବଶ୍ୟକ। ବର୍ତ୍ତମାନ ସେଥିପାଇଁ ଯେତେବେଳେ କଥା ହେବ, ଏହା କେବଳ ପିଓକେ ବିଷୟରେ ହେବ।

## ପ୍ରତ୍ୟେକ ଜିଲ୍ଲାରେ ଅନୁଷ୍ଠିତ ହେବ ସେବା ପ୍ରସାର କାର୍ଯ୍ୟକ୍ରମ



ଖୋର୍ଦ୍ଧା, (ଡିକେ ନ୍ୟୁଜ୍): ରାଜ୍ୟର ସମସ୍ତ ଜିଲ୍ଲାପାଳମାନଙ୍କ ସହ ଆଭାଷି ମାଧ୍ୟମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ରାଜ୍ୟ ସରକାରଙ୍କ ସେବା ପ୍ରସାର କାର୍ଯ୍ୟକ୍ରମ ଜୁନ ମାସ ୧୨ରୁ ୨୦ତାରିଖ ମଧ୍ୟରେ ପାଳନ କରାଯିବା ନିମନ୍ତେ ଆଲୋଚନା କରିଛନ୍ତି। ଜିଲ୍ଲାପାଳ ଚଞ୍ଚଳ ରାଣା ଓସ୍ୱାନ ସମ୍ମିଳନୀ କକ୍ଷରେ ଉକ୍ତ ବୈଠକରେ ଅଂଶ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ, ପ୍ରତାପ ଚନ୍ଦ୍ର ବେଉରା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଡେପୁଟି କଲେକ୍ଟର ପ୍ରଧାନ ଟୁଲିଆମା, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟସ୍ତରରେ ମୁଖ୍ୟ ଶାସନ ସଚିବଙ୍କ ସହ କୋର୍ କମିଟିର ସଦସ୍ୟ, ସଦସ୍ୟାମାନେ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗ ଓ କାର୍ଯ୍ୟକ୍ରମକୁ ସଫଳ କରିବା ଦିଗରେ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶରେ କାର୍ଯ୍ୟକ୍ରମ ରୂପରେଖ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜନସାଧାରଣଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସୁଫଳକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସହିତ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରି ବିକଶିତ ଓଡ଼ିଶା ଗଠନ ଓ ଓଡ଼ିଶାର ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ମୁଖ୍ୟ ଶାସନ ସଚିବ ସୂଚନା ଦେଇଥିଲେ।

## ଲଘୁଚାପ ବର୍ଷାରେ ଗଜା ହେଲା ଧାନ, ସରକାରୀ ସହାୟତା ପାଇଁ ପ୍ରଶାସନକୁ ନିବେଦନ



ଧର୍ମଗଡ଼, (ଡିକେ ନ୍ୟୁଜ୍): ଗତ ଦୁଇ ଦିନ ଧରି ଲାଗି ରହିଥିବା କାଳବୈଶାଖୀ ପ୍ରଭାବରେ ଲଘୁଚାପ ବର୍ଷାରେ ଚାଷୀଙ୍କ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଦେଖିବାକୁ ମିଳିଛି। ଚାଷ ଜମିରେ ପାଣି ଜମିବାରୁ ଅମଳକ୍ଷମ ଧାନ ଭିଜିଯାଇ ଗଜା ହୋଇଯାଇଛି। ଫଳରେ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଯାଇଛି। କଳାହାଣ୍ଡି ଜିଲ୍ଲା, କୋକସରା ବ୍ଲକ, ଖୁଣ୍ଟିଆ ଗ୍ରାମର ଚାଷୀ ବିଷ୍ଣୁ ପ୍ରସାଦ ସୁନାନୀ, ବାରବଖରାରେ ଥିବା ନିଜ ପାଞ୍ଚ ଏକର ଜମିରେ ଧାର କରଜ କରି ଧାନ ଚାଷ କରିଥିଲେ। ଚାଷ ମଧ୍ୟ ଭଲ ହୋଇଥିଲା। କିନ୍ତୁ ଧାନ ଫସଲ ଅମଳ କରିବା ସମୟରେ ଦାଉ ସାଧିଲା ଲଘୁଚାପ ଜନିତ ବର୍ଷା। ଦୁଇ ଦିନ ଧରି ଲଗାଣ ଲଘୁଚାପ ଜନିତ ବର୍ଷା ହେବାରୁ ଚାଷ ଜମିରେ ପାଣି ଜମିବାରୁ ପାଚିଲା ଧାନ ପାଣିରେ ଭିଜି ଗଜା ହୋଇ ଯାଇଛି। ପାଞ୍ଚ ଏକର ଜମିରେ କରିଥିବା ଚାଷରୁ ପ୍ରାୟ ତିନି ଚାରି ଏକର ଜମିରେ ଥିବା ପାଚିଲା ଧାନ ପାଣିରେ ଭିଜି ଗଜା ହୋଇ ନଷ୍ଟ ହୋଇ ଯାଇଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହେଲା ପରେ ସେ ଚିନ୍ତାରେ ପଡ଼ି ଯାଇଛନ୍ତି। ପାଞ୍ଚ ପ୍ରାଣୀ କୁଟୁମ୍ବକୁ ନେଇ ତାଙ୍କ ପରିବାର। ଚାଷ ଉପରେ ସେ ସମ୍ପୂର୍ଣ୍ଣ ରୂପେ ନିର୍ଭର କରୁଥିବାରୁ ପରିବାର ପ୍ରତିପୋଷଣ କରିବେ କିପରି ଏବଂ କରିଥିବା ଋଣ କରଜ ଶୁଝିବେ କିପରି ତାହା ତାଙ୍କୁ ଚିନ୍ତାରେ ପକାଇ ଦେଇଛି। ଏଣୁ ବ୍ଲକ କୃଷି ବିଭାଗ ଓ ପ୍ରଶାସନ ପକ୍ଷରୁ ଆକଳନ କରି ସରକାରୀ ସହାୟତା ଯୋଗାଇ ଦେବାକୁ ସେ ପ୍ରଶାସନକୁ ନିବେଦନ କରିଛନ୍ତି।

## ବିକଶିତ ଗାଁ ବିକଶିତ ଓଡିଶା ଉନ୍ନୟନ ପ୍ରକଳ୍ପ ଉପରେ ସ୍ୱତନ୍ତ୍ର ବୈଠକ



ଧର୍ମଗଡ଼, (ଡିକେ ନ୍ୟୁଜ୍): ରାଜ୍ୟ ବିଜେପି ସରକାର ଗ୍ରାମାଞ୍ଚଳର ଭିତ୍ତିଭୂମିର ବିକାଶ ପାଇଁ ଲୋକାଭିମୁଖୀ ବିକଶିତ ଗାଁ ବିକଶିତ ଯୋଜନା ପ୍ରସ୍ତୁତ କରି ରାଜ୍ୟର ପଞ୍ଚାୟତସ୍ତରରେ ସମସ୍ତ ପ୍ରକାର ମୌଳିକ ସୁବିଧା କେମିତି ଜନ ସାଧାରଣଙ୍କ ନିକଟରେ ପହଞ୍ଚିବ ସେ ନେଇ ବ୍ଲକସ୍ତରରେ ନିର୍ବାଚିତ ଜନପ୍ରତିନିଧିଙ୍କୁ ଏହି ଯୋଜନାରେ ସାମିଲ କରି କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର କୋକସରା ବ୍ଲକ ପଞ୍ଚାୟତ ସମିତି ସଭାଗୃହରେ କୋକସରା ବିଡିଓ ଡ଼.ହିମାଞ୍ଚଳ ମାଝୀଙ୍କ ସଭାପତିତ୍ୱରେ ବିକଶିତ ଗାଁ ବିକଶିତ ଓଡିଶାର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଶୀ, ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ପ୍ରମୋଦ କୁମାର ପ୍ରଧାନୀ, ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ କୁମାର ମାଝୀ, ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ ସମେତ ୨୨ ଗ୍ରାମ ପଞ୍ଚାୟତର ନିର୍ବାଚିତ ସମିତି ଓ ସରପଞ୍ଚ ଉପସ୍ଥିତ ରହିଥିଲେ। ଆର୍ଥିକ ବର୍ଷ ୨୦୨୪/୨୫ ପାଇଁ କୋକସରା ବ୍ଲକର ୨୨ ପଞ୍ଚାୟତକୁ ୨୮୯.୬୫ ଲକ୍ଷ ଅନୁଦାନ ମଞ୍ଜୁର ହୋଇଥିବା ସୂଚନା ପ୍ରଦାନ କରିଥିଲେ। ଏହି ଅନୁଦାନ ରାଶିରେ ୨୨ ପଞ୍ଚାୟତରେ ଥିବା ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ କରାଯିବ ଓ ରହି ଯାଇଥିବା ପ୍ରକଳ୍ପକୁ ପରବର୍ତ୍ତୀ ଅନୁଦାନ ଆସିଲେ କରାଯିବା ନେଇ ସୂଚନା ଦିଆଯାଇଛି। ବୈଠକରେ କୋକସରା ସରପଞ୍ଚ କିଶୋର ଚନ୍ଦ୍ରପ୍ରଧାନୀ, ମହିମା ସମିତି ସଭ୍ୟ ଘନଶ୍ୟାମ ନାଏକ, କାଶିବାହଲ ସମିତି ସଭ୍ୟ ଗଜାନନ ନିଆଳ, ଡାଲଗୁମା ସମିତି ସଭ୍ୟ ଚିନ୍ତାମଣି ଚଣ୍ଡି, ବରାଡୋଙ୍ଗା ସମିତି ସଭ୍ୟ ଗୁପ୍ତେଶ୍ୱର ବାଗ ପ୍ରମୁଖ ପଞ୍ଚାୟତ ଏକ୍ସନ ପ୍ଲାନରେ ଦିଆଯାଇଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ନେଇ ଅଭିଯୋଗ ଆଣିଥିଲେ। କାର୍ଯ୍ୟକ୍ରମକୁ ଜିପିଡ଼ିଓ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା ପରିଚାଳନା କରିଥିଲେ।

## ନାଟକ ପରିବେଷଣ କରି ସମ୍ମାନୀତ ହେଲେ ଦୁଇ ନିର୍ଦ୍ଦେଶକ



ବୁଗୁଡ଼ା, (ଡିକେ ନ୍ୟୁଜ୍): ଆଧୁନିକତାର ସ୍ପର୍ଶରେ ଅନେକ ଲୋକକଳା ହଜି ଯାଉଥିବାବେଳେ, ଗଞ୍ଜାମର ଅନେକ ଅନୁଷ୍ଠାନ ଏହାକୁ ବଞ୍ଚାଇ ରଖିବାର ପ୍ରୟାସ କରି ଆଜି ସଂମ୍ମାନୀତ ହୋଇଛନ୍ତି। ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବ୍ଲକ କରସିଙ୍ଗି ଠାକୁରାଣୀ ଯାତ୍ରା ଅବସରରେ ଚକୁଣ୍ଡା ଏବଂ ଗୋଲାପଡା ଉଭୟ ଦଳ ମହାଭାରତ ନାଟକ ପରିବେଷଣ କରି ଦର୍ଶକଙ୍କ ମନମୁଗ୍ଧ କରିଥିଲେ। ଚକୁଣ୍ଡା ଦଳ ତରଫରୁ ମା'ଦକ୍ଷିଣ କାଳୀ ଚିତ୍ରାଳୟ ମଞ୍ଚ, ଆଲୋକ ଓ ରୂପ ସଜା କରିଥିବା ବେଳେ ରାଜେନ୍ଦ୍ର ବିଷୋୟୀ ନିର୍ଦ୍ଦେଶନା ଦେଇଥିଲେ। ସେହିପରି ଗୋଲାପଡା ଦଳ ତରଫରୁ ମା'ସତରୂପା ଚିତ୍ରାଳୟ ମଞ୍ଚ, ଆଲୋକ ଓ ରୂପ ସଜା କରିଥିବାବେଳେ ଲିଟିଲ ମାଷ୍ଟର ଅର୍ଜୁନ ସେଠୀଙ୍କ ନିର୍ଦ୍ଦେଶନାରେ ନିଜ ନିଜ ଅଭିନୟରେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ବରିଷ୍ଠ ନିର୍ଦ୍ଦେଶନା ଏବଂ ଉଚ୍ଚ କୋଟିର ଅଭିନୟରେ ସନ୍ତୁଷ୍ଟ ହୋଇ ମା'ମଙ୍ଗଳେଶ୍ୱରୀ ବୁଢ଼ୀ ଠାକୁରାଣୀ ଯୁବ ସଂଘ ଚକୁଣ୍ଡା ଦଳକୁ ସମ୍ମାନିତ କରିଥିବା ବେଳେ ମାଠାକୁରାଣୀ ଯୁବ ସଂଘଗୋଲାପଡା ଦଳକୁ ମାନପତ୍ର ଦେଇ ସମ୍ମାନିତ କରି କଳାକାରଙ୍କ ମନବଳକୁ ଦ୍ୱିଗୁଣିତ କରିଥିଲେ। ଆଗାମୀ ଦିନରେ ଏହିଭଳି ନିପୁଣ ଅଭିନୟ କରି ପୌରାଣିକ ଲୋକକଳାକୁ ଉଜ୍ଜୀବିତ ରଖିବାର ପ୍ରୟାସ ଜାରି ରହିବ ବୋଲି ଉଭୟ ଦଳ କହିଛନ୍ତି। ଏହିଭଳି ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି।







# ପଡ଼ିଆରେ ହାତାହାତି ହେଲେ ଦୁଇ ଖେଳାଳି



ନୂଆଦିଲ୍ଲୀ, ୨୯।୫ (ହି.ସ): କ୍ରିକେଟ ହେଉଛି ଜେଣ୍ଟେଲମ୍ୟାନଙ୍କ ଖେଳ। ହେଲେ ଅନେକ ସମୟରେ କ୍ରିକେଟ ମ୍ୟାଚ୍ ବେଳେ ଖେଳାଳିମାନେ ନିଜର ହିତାହିତ ଜ୍ଞାନ ହରାଇ ବସନ୍ତି। ପ୍ରତିପକ୍ଷ ଖେଳାଳି ପରସ୍ପର ମଧ୍ୟରେ ମାରପିଟ ମଧ୍ୟ କରନ୍ତି। ଏହାର ପୁଣି ଏକ ଜ୍ୱଳନ୍ତ ଉଦାହରଣ ସାମ୍ନାକୁ ଆସିଛି। ବାଂଲାଦେଶ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଢାକାରେ ଚାଲିଥିବା ୪ ଦିନି ବିଶିଷ୍ଟ ଏମର୍ଜିଂ ମ୍ୟାଚରେ ଦୁଇ ଜଣ ଖେଳାଳି ପଡ଼ିଆ ଭିତରେ ହାତାହାତି ହୋଇଛନ୍ତି। ବାଂଲାଦେଶର ବ୍ୟାଟିଂ ଓ ଦକ୍ଷିଣ ଆଫ୍ରିକାର ବୋଲିଂ ବେଳେ ଉଭୟ ଦେଶର ଦୁଇ ଖେଳାଳି ପରସ୍ପର ସହ ଯୁକ୍ତିତର୍କ କରିବା ସହ ମାରପିଟ କରିଛନ୍ତି। ଏଥିଯୋଗୁ କ୍ରିକେଟ ପଡ଼ିଆ କିଛି ସମୟ ପାଇଁ ରଣକ୍ଷେତ୍ରରେ ମଧ୍ୟ ପରିଣତ ହୋଇଥିଲା। ପୂରା ଘଟଣା ବାଂଲାଦେଶର ୨୨ ବର୍ଷୀୟ ବ୍ୟାଟର ରିପନ ମଣ୍ଡଳ ଓ ଦକ୍ଷିଣ ଆଫ୍ରିକାର ୨୯ ବର୍ଷୀୟ ଦ୍ରୁତ ବୋଲର ଟଶେପୋ ଏନଟୁଲିଙ୍କ ମଧ୍ୟରେ ହୋଇଥିବା ଯୁକ୍ତିତର୍କରୁ ଆରମ୍ଭ ହୋଇଥିଲା। ଯୁକ୍ତିତର୍କ ହାତାହାତିର ରୂପ ନେଇଥିବେ ବେଳେ ଏଥିରେ ଦଳର ଅନ୍ୟ ଖେଳାଳିମାନେ କେବଳ ନୀରବଦ୍ରଷ୍ଟା ସାଜିଥିଲେ। ଯଦିଓ ଏଯାଏ ମାରପିଟ ଓ ଯୁକ୍ତିତର୍କରେ ସାମିଲ ଥିବା ଖେଳାଳିଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ, କିନ୍ତୁ ଦୁଇ ଅମ୍ପାୟାର ଘଟଣା ସମ୍ପର୍କରେ ରିପୋର୍ଟ ଦେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି। ଇଏସପିଏନ କ୍ରିକଇନଫୋରେ ପ୍ରକାଶିତ ରିପୋର୍ଟ ଅନୁସାରେ, ପ୍ରଥମେ ରିପନ ବୋଲର ଏନଟୁଲିଙ୍କ ଗୋଟିଏ ବଲକୁ ସିଧାରେ ଛକା ମାରିଥିଲେ। ଏହାକୁ ନେଇ ବ୍ୟାଟର ଓ ବୋଲରଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହାପରେ ରିପନ ନିଜ ବ୍ୟାଟିଂ ପାର୍ଟନରଙ୍କ ପାଖକୁ ଯାଉଥିଲେ। କିନ୍ତୁ ଏନଟୁଲି ତାଙ୍କ ଆଡ଼କୁ ଆକ୍ରମଣ କରିବା ଭଳି ମାଡ଼ି ଯାଇଥିଲେ। ପ୍ରଥମେ ଧକ୍କା ମରାମରି ହୋଇଥିଲା। ଏହାପରେ ଏହା ହାତାହାତି ଆଡ଼କୁ ଉଭୟ ଯାଇଥିଲେ। ଏନଟୁଲି ଏକାଧିକ ଥର ରିପନଙ୍କ ହେଲମେଟ ଖୋଲିବାକୁ ଚେଷ୍ଟା କରିଥିଲେ। ଅମ୍ପାୟାର କାମରୁଜାମାନ ଦୁଇ ଜଣଙ୍କ ବିବାଦରେ ହସ୍ତକ୍ଷେପ କରିଥିଲେ ହେଁ ଏନଟୁଲି ଧକ୍କା ମାରି ଚାଲିଥିଲେ। ରିପନ ମଧ୍ୟ ନିଜର ଆକ୍ରମଣାତ୍ମକ ରୂପ ଦେଖାଇ ଏନଟୁଲିଙ୍କୁ ମାରିବା ପାଇଁ ବ୍ୟାଟ ଧରି ବାହାରି ପଡ଼ିଥିଲେ। ଦକ୍ଷିଣ ଆଫ୍ରିକାର ଅନ୍ୟ କିଛି ଖେଳାଳି ନୀରବଦ୍ରଷ୍ଟା ସାଜିଥିବା ବେଳେ କିଛି ଜଣ ବିବାଦରୁ ଦୁଇ ଜଣଙ୍କୁ ଦୂରେଇ ରଖିବାକୁ ଚେଷ୍ଟା କରୁଥିବା ଭିଡିଓ ସାମ୍ନାକୁ ଆସିଛି। ଘଟଣାର ୩ଟି ବଲ ପରେ ଏନଟୁଲି ପୁଣିଥରେ ବୋଲିଂ କରି ବଲକୁ ସିଧା ରିପନଙ୍କ ଆଡ଼କୁ ଫିଙ୍ଗି ଥିଲେ। ଏହି ଥ୍ରୋରୁ ବଞ୍ଚିବାକୁ ରିପନ ମଧ୍ୟ ପଦକ୍ଷେପ ନେଇଥିଲେ। ଘଟଣାର ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

# ଟେଷ୍ଟ କ୍ରିକେଟ ଅଧିନାୟକ ହେବାକୁ ଚାହାନ୍ତି ଜାଡେଜା



ନୂଆଦିଲ୍ଲୀ, ୨୯।୫ (ହି.ସ): ଇଂଲଣ୍ଡ ଗସ୍ତ ପାଇଁ ଯୁବ ବ୍ୟାଟ୍ସମ୍ୟାନ୍ ଶୁଭମନ ଗିଲ୍‌ଙ୍କୁ ଭାରତୀୟ ଟେଷ୍ଟ ଦଳର ଅଧିନାୟକ କରାଯାଇଛି। ଏହା ସହିତ କ୍ରିକେଟର ରିଷଭ ପନ୍ତ୍ ଉପ-ଅଧିନାୟକ ହୋଇଛନ୍ତି। ଏମଧ୍ୟରେ ଅଭିଜ୍ଞ ଅଲରାଉଣ୍ଡର ରବିନ୍ଦ୍ର ଜାଡେଜା ଅଧିନାୟକ ହେବାକୁ ଇଚ୍ଛା ଜାହିର କରିଛନ୍ତି। ସେ କହିଛନ୍ତି ଯେ, ସେ ଦିନେ ଭାରତୀୟ ଟେଷ୍ଟ ଦଳର ଅଧିନାୟକ ହେବାକୁ ଚାହାଁନ୍ତି। ତାଙ୍କର ଦୀର୍ଘ କ୍ରିକେଟ କ୍ୟାରିଅରରେ ବିଭିନ୍ନ ଅଧିନାୟକଙ୍କ ସହ ଖେଳି ସେ ଏହି ଭୂମିକାକୁ ଭଲ ଭାବରେ ବୁଝିପାରିଥିବା ସହ ଭଲ ଭାବରେ ଅଧିନାୟକତ୍ୱ କରିପାରିବେ ବୋଲି କହିଛନ୍ତି। କ୍ରିକେଟର ରବିଚନ୍ଦ୍ରନ ଅଶ୍ୱିନ୍‌ଙ୍କ ୟୁଟ୍ୟୁବ ଚ୍ୟାନେଲକୁ ସାକ୍ଷାତକାର ଦେବା ସମୟରେ ତାଙ୍କୁ ପଚରାଯାଇଥିଲା ଯେ, ସେ ଟେଷ୍ଟ କ୍ରିକେଟର ଅଧିନାୟକ ହେବାକୁ ଚାହାନ୍ତି କି? ଉତ୍ତରରେ ସେ ହଁ ଭରିଥିଲେ। ସେ କହିଥିଲେ ଯେ, 'ନିଶ୍ଚିତ। ଅନେକ ବର୍ଷ ହେଲାଣି ମୁଁ ଭିନ୍ନ ଭିନ୍ନ ଅଧିନାୟକଙ୍କ ସହ ଖେଳିଛି। ମୁଁ ପ୍ରତ୍ୟେକ ଅଧିନାୟକଙ୍କ ଶୈଳୀକୁ ଜାଣେ ଏବଂ ଖେଳାଳିମାନେ କ'ଣ ଭାବନ୍ତି ଏବଂ ଚାହାଁନ୍ତି ତାହା ମଧ୍ୟ ବୁଝେ। ପ୍ରତ୍ୟେକ ଅଧିନାୟକଙ୍କର ନିଜସ୍ୱ ଶୈଳୀ ଥାଏ। ମୁଁ ପ୍ରତ୍ୟେକ ଫର୍ମାଟରେ ମହେନ୍ଦ୍ର ସିଂହ ଧୋନିଙ୍କ ଅଧିନାୟକତ୍ୱରେ ଖେଳିଛି ଏବଂ ତାଙ୍କର ଚିନ୍ତାଧାରା ବହୁତ ସରଳ। ଯଦି ସେ ଭାବନ୍ତି ଯେ ଜଣେ ବ୍ୟାଟସମ୍ୟାନ୍ ଗୋଟିଏ ସ୍ଥାନରେ ସଟ୍ ଖେଳିପାରିବେ, ତେବେ ସେ ନିଶ୍ଚିତ ଭାବରେ ସେଠାରେ ଜଣେ ଫିଲ୍ଡରଙ୍କୁ ରଖିବେ।' ଉଲ୍ଲେଖଯୋଗ୍ୟ, ୨୦୧୨ ମସିହାରେ ଭାରତ ପାଇଁ ପ୍ରଥମ ଟେଷ୍ଟ ଖେଳିଥିବା ଜାଡେଜା, ମହେନ୍ଦ୍ର ସିଂହ ଧୋନିଙ୍କ ଅଧିନାୟକତ୍ୱରେ ତିନୋଟି ଫର୍ମାଟରେ ଡେବ୍ୟୁ କରିଥିଲେ ଏବଂ ଆଇପିଏଲରେ ତାଙ୍କ ଅଧିନାୟକତ୍ୱରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସକେ) ପାଇଁ ମଧ୍ୟ ଖେଳିଥିଲେ। ଜାଡେଜା ଏପର୍ଯ୍ୟନ୍ତ ୮୦ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି।

# ପାକିସ୍ତାନରେ ହିନ୍ଦୁ କ୍ରିକେଟରଙ୍କ ୨ ଗୋଡ଼ କାଟି ଦେଲେ



ଇସଲାମାବାଦ୍, ୨୯।୫ (ହି.ସ): ପାକିସ୍ତାନର ଜଣେ ହିନ୍ଦୁ କ୍ରିକେଟର ତାଙ୍କର ଦୁଇଟି ଗୋଡ ହରାଇଛନ୍ତି। ମୋହିନ୍ଦର କୁମାର ନାମକ ଏହି କ୍ରିକେଟର ପାକିସ୍ତାନ ପାଇଁ ପ୍ରଥମ ଶ୍ରେଣୀ ଏବଂ 'ଲିଷ୍ଟ ଏ' ଖେଳିଛନ୍ତି। ପାକିସ୍ତାନ ପାଇଁ ଘରୋଇ କ୍ରିକେଟ ଖେଳିଥିବା ପୂର୍ବତନ କ୍ରିକେଟର ଏବଂ କୋଚ ମୋହିନ୍ଦର କୁମାରଙ୍କ ଦୁଇଟି ଗୋଡ କାଟି ଦିଆଯାଇଛି। ଏହା ପଛରେ କାରଣ ମଧ୍ୟ ବହୁତ ଯନ୍ତ୍ରଣାଦାୟକ। ପ୍ରକୃତରେ ପୂର୍ବତନ କ୍ରିକେଟରଙ୍କୁ ଡାଇବେଟିସ୍ ଥିଲା, ତାଙ୍କ ଗୋଡରେ ସଂକ୍ରମଣ ହୋଇଥିଲା। ଏହା ଏତେ ବୃଦ୍ଧି ପାଇଥିଲା ଯେ ତାଙ୍କ ଜୀବନ ବିପଦରେ ପଡ଼ିଥିଲା ଏବଂ ଡାକ୍ତରମାନଙ୍କ ପାଖରେ ତାଙ୍କ ଗୋଡ କାଟିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନ ଥିଲା। ତାଙ୍କ ଦୁଇଟି ଗୋଡ କାଟିବାକୁ ପଡିଥିଲା। ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ମୋହିନ୍ଦର କୁମାର ଜଣେ ପାକିସ୍ତାନୀ ହିନ୍ଦୁ କ୍ରିକେଟର ଯିଏ ପ୍ରଥମ ଶ୍ରେଣୀ କ୍ରିକେଟରେ ନିଜର ଛାପ ଛାଡିଥିଲେ। ତଥାପି, ସେ ପାକିସ୍ତାନର ଜାତୀୟ ଦଳ ପାଇଁ ଖେଳିପାରି ନ ଥିଲେ। ତାଙ୍କ କ୍ରିକେଟ କ୍ୟାରିୟରରୁ ବିଦାୟ ନେବା ପରେ, ସେ ଜଣେ କୋଚ ହୋଇ ଯୁବକମାନଙ୍କୁ ତାଲିମ ଦେବା ଆରମ୍ଭ କଲେ। ସେ ଅନେକ ଯୁବ କ୍ରିକେଟରଙ୍କୁ କ୍ରିକେଟ ଶିଖାଇଥିଲେ, କିନ୍ତୁ ଏହି ସମୟ ମଧ୍ୟରେ ତାଙ୍କୁ ଡାଇବେଟିସ୍ ହୋଇଥିଲା। ଜଣେ କ୍ରିକେଟର ଭାବରେ, ମୋହିନ୍ଦର କୁମାର ୧୯୭୬ରୁ ୧୯୯୪ ପର୍ଯ୍ୟନ୍ତ ପାକିସ୍ତାନ ପାଇଁ ଘରୋଇ କ୍ରିକେଟ ଖେଳିଥିଲେ। ସେ ୬୫ଟି ପ୍ରଥମ ଶ୍ରେଣୀ ମ୍ୟାଚ ଏବଂ ୫୩ଟି ଲିଷ୍ଟ ଏ ମ୍ୟାଚ ଖେଳିଥିଲେ। ସେ ଜଣେ ଦ୍ରୁତ ବୋଲର ଥିଲେ, ପ୍ରଥମ ଶ୍ରେଣୀ କ୍ରିକେଟରେ ସେ ୧୮୭ଟି ଉଇକେଟ ନେଇଥିଲେ। ଏଥିରେ ସେ ୧୦ ଥର ୫ କିମ୍ବା ତା'ଠାରୁ ଅଧିକ ୱିକେଟ ନେଇଥିଲେ। ସେ ୪ ଥର ୧୦ଟି ଉଇକେଟ ମଧ୍ୟ ନେଇଥିଲେ। ଯଦିଓ ତାଙ୍କ ପାଇଁ ପାକିସ୍ତାନ ଦଳରେ ସ୍ଥାନ ପାଇବା ବହୁତ କଷ୍ଟକର ଥିଲା ଏବଂ ଏହା ପଛରେ ତାଙ୍କର ଏକ କାରଣ ଥିଲା ତାଙ୍କର ହିନ୍ଦୁ ହେବା। ଲିଷ୍ଟ ଏ ମ୍ୟାଚରେ ତାଙ୍କ ନାମରେ ୬୪ଟି ଉଇକେଟ ଅଛି। ୬୫ ବର୍ଷୀୟ ମୋହିନ୍ଦର ଅନେକ ବଡ଼ ଖେଳାଳିଙ୍କୁ ତାଲିମ ଦେଇଥିଲେ। ଏଥିରେ ମହମ୍ମଦ ସାମି, ଦାନିଶ କାନେରିଆ, ତନଭିର ଅହମ୍ମଦ, ସୋହେଲ ଖାନଙ୍କ ଭଳି କ୍ରିକେଟର ସାମିଲ ଅଛନ୍ତି।

# ୨୦୩୬ ଅଲିମ୍ପିକ୍ସ: ବିଡ୍ ଦାଖଲ କଲା ବର୍ଲିନ

## କ୍ରୀଡ଼ା ଆୟୋଜନ କରିବା ନେଇ ଜର୍ମାନୀ ଯୋଜନା



ନୂଆଦିଲ୍ଲୀ, ୨୯।୫ (ହି.ସ): ଅଲିମ୍ପିକ୍ସ କ୍ରୀଡ଼ା ଆୟୋଜନ ନେଇ ଜର୍ମାନୀ ଆଗ୍ରହ ପ୍ରକାଶ କରି ୨୦୩୬, ୨୦୪୦ କିମ୍ବା ୨୦୪୪ କ୍ରୀଡ଼ା ପାଇଁ ଅଫିସିଆଲ ଭାବେ ଆଇଓସି (ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି) ନିକଟରେ ବିଡ୍ ଦାଖଲ କରିଛି। ବର୍ଲିନ ଆୟୋଜକ ସହର ରହିଛି। ଦେଶର ବିଭିନ୍ନ ରାଜ୍ୟରେ ଯେଉଁ ସବୁ କ୍ରୀଡ଼ା ଭେନ୍ୟୁ ରହିଛି ତାହାର ପୁନରୁଦ୍ଧାର କରି କ୍ରୀଡ଼ା ଆୟୋଜନ କରିବା ନେଇ ଜର୍ମାନୀ ଯୋଜନା ରଖିଛି। ସଂସ୍କରଣକୁ ସଂସ୍କରଣ ଅଲିମ୍ପିକ୍ସ କ୍ରୀଡ଼ା ଆୟୋଜନ ବେଶ ବ୍ୟୟବହୁଳ ହେଉଛି। ଏହାକୁ ଦୃଷ୍ଟିରେ ରଖି ବର୍ଲିନ ବିଡରେ ଉପରୋକ୍ତ ପ୍ରସ୍ତାବ ଦେଇଛି। ଶେଷ ଥର ୧୯୩୬ରେ ବର୍ଲିନରେ ଅଲିମ୍ପିକ୍ସ ଆୟୋଜିତ ହୋଇଥିଲା। ତେଣୁ ୧୦୦ ବର୍ଷ ପୂର୍ତ୍ତିକୁ ଲକ୍ଷ୍ୟରେ ରଖି ଜର୍ମାନୀ କ୍ରୀଡ଼ା ଆୟୋଜନ ନେଇ ଆଗ୍ରହ ପ୍ରକାଶ କରିଛି। ଯଦି ୨୦୩୬ ସଂସ୍କରଣ ଆୟୋଜନ ଅଧିକାର ନମିଳେ, ତେବେ ୨୦୪୦ କିମ୍ବା ୨୦୪୪ କ୍ରୀଡ଼ା ଆୟୋଜନ ନେଇ ଆଗ୍ରହୀ ରହିଛି। ପୂର୍ବରୁ ୨୦୨୨ ଶୀତକାଳୀନ କ୍ରୀଡ଼ା ଏବଂ ୨୦୨୪ କ୍ରୀଡ଼ା ଆୟୋଜନ ନେଇ ଜର୍ମାନୀ ବିଡ୍ ଦାଖଲ କରିଥିଲା, କିନ୍ତୁ ଆୟୋଜନ ଅଧିକାର ପାଇବାରେ ବିଫଳ ରହିଥିଲା। ବର୍ଲିନ ସମେତ ଅନ୍ୟ ରାଜ୍ୟ ଗୁଡ଼ିକର ଜନସାଧାରଣ କ୍ରୀଡ଼ା ଆୟୋଜନ ସପକ୍ଷରେ ନାହାନ୍ତି। ଯଦିଓ କିଛି ସମର୍ଥନ କରୁଛନ୍ତି। ଯେଉଁମାନେ ବିରୋଧ କରୁଛନ୍ତି ସେମାନଙ୍କ ଯୁକ୍ତି ଯେ, ଯେଉଁ ଅର୍ଥ ଅଲିମ୍ପିକ୍ସ ଆୟୋଜନ ପାଇଁ ଖର୍ଚ୍ଚ ହେବ ତାହା ଦେଶରେ କ୍ରୀଡ଼ାର ଉନ୍ନତି ପାଇଁ ବ୍ୟବହାର କରାଯାଉ।

# ୩ କୋଟିର ମୁକୁଟ ପିନ୍ଧିବେ ବିଶ୍ୱ ସୁନ୍ଦରୀ-୨୦୨୫

## ୩୧ରେ ଗ୍ରାଣ୍ଡ୍ ଫିନାଲେ, ଟପ୍ ୪୦ରେ ଅଛନ୍ତି କୋଟାର ନନ୍ଦିନୀ ଗୁପ୍ତା



ହାଇଦ୍ରାବାଦ, ୨୯।୫ (ହି.ସ): ବୁଧବାର ତେଲଙ୍ଗାନାର ହାଇଦ୍ରାବାଦରେ ୭୨ତମ ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତାର ସବୁଠୁ କଠିନ ତଥା ଅନ୍ତିମ ପର୍ଯ୍ୟାୟ 'ଇଣ୍ଟରଭ୍ୟୁ ରାଉଣ୍ଡ୍' ଆରମ୍ଭ ହୋଇଛି। ଏଥିରେ ବିଶ୍ୱରୁ ଆସିଥିବା ଶୀର୍ଷ-୪୦ ପ୍ରତିଯୋଗୀ ସେହିସବୁ ପ୍ରଶ୍ନର ଉତ୍ତର ଦେବେ, ଯାହା ଗ୍ରାଣ୍ଡ୍ ଫିନାଲେରେ ସେମାନଙ୍କ ଭାଗ୍ୟ ବଦଳାଇବ। ମିସ୍ ୱାର୍ଲଡର ସିଇଓ ଜୁଲିଆ ମୋର୍ଲେ ଗଣମାଧ୍ୟମକୁ କହିଛନ୍ତି, ନୂଆ ବିଶ୍ୱ ସୁନ୍ଦରୀ ୩ କୋଟି ଟଙ୍କାର ମୁକୁଟ ପିନ୍ଧିବେ। ଜୁଲିଆଙ୍କ ଅନୁସାରେ, ୩ କୋଟିର ଏହି ମୁକୁଟରେ ନୀଲମ ସମେତ ୧୭୫.୪୯ କ୍ୟାରେଟର ୧୭୭୦ଟି ଛୋଟ ହୀରା ଓ ୧୮ କ୍ୟାରେଟର ଧଳା ସୁନା ଲାଗିଛି। ମୁକୁଟର ନୀଳ ରଙ୍ଗ ଶାନ୍ତି, ଜ୍ଞାନ ଓ ବିଶ୍ୱସ୍ତତାର ପ୍ରତୀକ। ମୁକୁଟ ସହିତ ବିଶ୍ୱ ସୁନ୍ଦରୀ-୨୦୨୫ଙ୍କୁ ୧.୧୫ ଟଙ୍କା ପୁରସ୍କାର ମଧ୍ୟ ମିଳିବ। ଏହା ପୂର୍ବ ଥରଠୁ ଅଧିକ। କିନ୍ତୁ ଜୁଲିଆ କହିଛନ୍ତି, ବିଜେତା ଯେତେବେଳେ ବିଶ୍ୱ ଭ୍ରମଣ କରନ୍ତି ଏବଂ ମାନବୀୟ ପ୍ରୋଜେକ୍ଟଗୁଡ଼ିକର ଅଂଶ ହୁଅନ୍ତି, ତାହା ହିଁ ପ୍ରକୃତ ଉପହାର ହୁଏ। ବିଶ୍ୱ ସୁନ୍ଦରୀ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହିଁ ମାନବୀୟ ପ୍ରୋଜେକ୍ଟ। ବିଶ୍ୱ ସୁନ୍ଦରୀ-୨୦୨୫ରେ ୫ ମହାଦେଶ (ଆମେରିକା-କାରିବିନ୍, ଆଫ୍ରିକା, ଏସିଆ-ଓଶିଆନା ଓ ୟୁରୋପ)ର ୧୦୮ ଦେଶର ପ୍ରତିଯୋଗୀ ଭାଗ ନେଇଥିଲେ। ଗତ ୧୦ ତାରିଖରୁ ହାଇଦ୍ରାବାଦରେ ଏମାନଙ୍କ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏହି ଆଧାରରେ ବିଶ୍ୱ ସୁନ୍ଦରୀ ଟାଇଟଲ୍ ପାଇଁ ୪୦ ଚୂଡ଼ାନ୍ତ ପ୍ରତିଯୋଗୀଙ୍କୁ ଚୟନ କରାଯାଇଛି। ଏଥିରେ ଭାରତର ନନ୍ଦିନୀ ଗୁପ୍ତା ଅଛନ୍ତି। ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତାର ନିୟମ ଅନୁସାରେ, ଶୀର୍ଷ-୪୦ରେ ୪ ମହାଦେଶର ୧୦-୧୦ ପ୍ରତିଯୋଗୀ ଭାଗ ନିଅନ୍ତି। ଆସନ୍ତା ୩୧ ତାରିଖ ରାତି ୧୦ଟାରେ ପ୍ରତିଯୋଗିତାର ଫିନାଲେ ଆରମ୍ଭ ହେବ। ରାତି ୧ଟା ସୁଦ୍ଧା ବିଶ୍ୱ ସୁନ୍ଦରୀ-୨୦୨୫ ଘୋଷଣା ହେବ। ଏ ଅବସରରେ ସମସ୍ତ ଚୂଡ଼ାନ୍ତ ପ୍ରତିଯୋଗୀ ର୍‍ୟାମ୍ପ୍ ୱାକ୍ ପରେଡ୍ ଓ ସାଂସ୍କୃତିକ ପ୍ରଦର୍ଶନ କରିବେ। ଏହା ପରେ ଶୀର୍ଷ-୫ ପ୍ରତିଯୋଗୀଙ୍କ ନାଁ ଘୋଷଣା ହେବ। ଜୁରି ସଦସ୍ୟଙ୍କ ପ୍ରଶ୍ନର ଉତ୍ତର ଆଧାରରେ ସେମାନଙ୍କୁ ନମ୍ବର ମିଳିବ। ଯେଉଁ ପ୍ରତିଯୋଗୀଙ୍କ ଉତ୍ତର ଜୁରି ସବୁଠୁ ପସନ୍ଦ କରିବେ, ସେ ବିଶ୍ୱ ସୁନ୍ଦରୀ ମୁକୁଟ ଜିତିବେ।

# କନ୍ନଡ଼ ଭାଷାକୁ ସମାଲୋଚନା; ଅଡୁଆରେ କମଲ ହାସନ



ଚେନ୍ନଇ, ୨୯।୫ (ହି.ସ): କନ୍ନଡ ଭାଷାକୁ ନେଇ ପ୍ରତିକୂଳ ମନ୍ତବ୍ୟ ଦେଇଥିବାରୁ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ଜଗତର ସୁପରଷ୍ଟାର ତଥା ଏମଏନ୍ଏମ (ମକ୍କାଲ ନିଧି ମୈୟାମ୍) ଦଳର ମୁଖ୍ୟ କମଲ ହାସନ ବିବାଦୀୟ ହୋଇପଡିଛନ୍ତି। ଚେନ୍ନଇରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ କମଲ କହିଥିଲେ ଯେ ତାମିଲ ଭାଷାରୁ ହିଁ କନ୍ନଡ ଭାଷାର ଉତ୍ପତ୍ତି ଘଟିଛି। ଏହି କାର୍ଯ୍ୟକ୍ରମରେ କନ୍ନଡ ଅଭିନେତା ଶିବରାଜ କୁମାର ମଧ୍ୟ ଉପସ୍ଥିତ ଥିଲେ। କମଲ ହାସନଙ୍କ ଏଭଳି ମନ୍ତବ୍ୟକୁ ନେଇ କର୍ଣ୍ଣାଟକରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ କମଲ ହାସନ ଅଭିନୀତ ଚଳଚ୍ଚିତ୍ର 'ଠଗ୍ ଲାଇଫ୍'କୁ ବର୍ଜନ କରିବାକୁ କର୍ଣ୍ଣାଟକବାସୀ ଧମକ ଦେଇଛନ୍ତି। କମଲ ହାସନଙ୍କ ମନ୍ତବ୍ୟକୁ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ତୀବ୍ର ସମାଲୋଚନା କରିଛନ୍ତି। କନ୍ନଡ ଇତିହାସ ସମ୍ପର୍କରେ କମଲ ହାସନଙ୍କ ସାମାନ୍ୟତମ ଜ୍ଞାନ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କର୍ଣ୍ଣାଟକ ବିଜେପି ଶାଖା ମଧ୍ୟ ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ସମର୍ଥନ କରିଛି। ଏଭଳି ମନ୍ତବ୍ୟ ଦେଇ କମଲ ହାସନ ଔଦ୍ଧତ୍ୟର ପରିଚୟ ଦେଇଛନ୍ତି, ତେଣୁ ସେ ତୁରନ୍ତ କ୍ଷମାଭିକ୍ଷା କରନ୍ତୁ ବୋଲି କର୍ଣ୍ଣାଟକ ବିଜେପି ମୁଖ୍ୟ ବିଜୟେନ୍ଦ୍ର ଯେଦୁୟୁରପ୍ପା ଦାବି କରିଛନ୍ତି। ଅପରପକ୍ଷରେ ତାମିଲନାଡୁରେ କ୍ଷମତାସୀନ ଡିଏମକେ ସରକାରଙ୍କ ସମର୍ଥନରେ କମଲ ହାସନ ରାଜ୍ୟସଭାକୁ ନିର୍ବାଚିତ ହେବା ଏକପ୍ରକାର ନିଶ୍ଚିତ ହୋଇପଡିଛି। ତାମିଲନାଡୁର ୪ ରାଜ୍ୟସଭା ଆସନ ପାଇଁ ଜୁନ ୧୯ରେ ନିର୍ବାଚନ ଅନୁଷ୍ଠିତ ହେବ। ଏହି ଚାରିଟି ମଧ୍ୟରୁ ଗୋଟିଏ ଆସନ କମଲ ହାସନଙ୍କ ଦଳ ଏମଏନ୍ଏମକୁ ଛାଡ଼ିବାକୁ ଡିଏମକେ ମୁଖିଆ ତଥା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ ରାଜି ହୋଇଥିବା ଜଣାପଡିଛି। ଅପରପକ୍ଷରେ ଡିଏମକେ ଅନ୍ୟ ତିନି ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରିସାରିଛି।

# ପୁଣି ଫେରୁଛନ୍ତି କପିଲ ଶର୍ମା ଓ ତାଙ୍କ ଟିମ



ନୂଆଦିଲ୍ଲୀ, ୨୯।୫ (ହି.ସ): ପ୍ରସିଦ୍ଧ ହାସ୍ୟ ଅଭିନେତା କପିଲ ଶର୍ମା ତାଙ୍କ ଦଳ ସହିତ ପୁଣିଥରେ ପରଦାରେ ଲୋକଙ୍କୁ ହସାଇବା ପାଇଁ ନଜର ଆସିବେ। ଖବର ଅଛି ଯେ 'ଦି ଗ୍ରେଟ୍ ଇଣ୍ଡିଆନ୍ କପିଲ୍ ଶୋ'ର ସିଜିନ୍ ୩ ଏବେ ଖୁବ୍ ଶୀଘ୍ର ଓଟିଟିରେ ଷ୍ଟ୍ରିମ୍ ହେବାକୁ ଯାଉଛି। ଯଦି ନିର୍ମାତାଙ୍କ କଥାକୁ ବିଶ୍ୱାସ କରାଯାଏ, ତେବେ ଏଥର ଶୋ' କେବଳ ବହୁତ ମଜା ଦେବ ନାହିଁ ବରଂ ଦର୍ଶକମାନେ ଏଥିରେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ମଧ୍ୟ ପାଇବେ। ନିର୍ମାତାଙ୍କ ଅନୁଯାୟୀ, ଏଥର କପିଲ ଶର୍ମାଙ୍କ ସହିତ, ଅର୍ଚ୍ଚନା ପୁରନ ସିଂହ, ସୁନୀଲ ଗ୍ରୋଭର, କିକୁ ଶାରଦା ଏବଂ କୃଷ୍ଣ ଅଭିଷେକ ଶୋ'ରେ ମସ୍ତି କରୁଥିବାର ଦେଖାଯିବେ। ନିକଟରେ, 'ନେଟଫ୍ଲିକ୍ସ ଇଣ୍ଡିଆ' ଏକ ମଜାଦାର ଟିଜର ଭିଡିଓ ସେୟାର କରିଛି ଏବଂ ଏହି ଶୋ' ସହିତ ଜଡ଼ିତ ସମସ୍ତ ସୂଚନା ଦର୍ଶକଙ୍କ ସମ୍ମୁଖରେ ଉପସ୍ଥାପନ କରିଛି। ଦେଢ଼ ମିନିଟର ଟିଜର ଶେଷରେ, କପିଲ ଶର୍ମା କହୁଛନ୍ତି ଯେ ଶୋ'ର ଏହି ନୂତନ ସିଜିନ୍ ଅଧିକ ମଜାଦାର ହେବାକୁ ଯାଉଛି କାରଣ ଶୋ'ର ପ୍ରଶଂସକ ଏବଂ ଦର୍ଶକମାନେ ମଧ୍ୟ ସେଟକୁ ଆସି କଳାକାରମାନଙ୍କୁ ଭେଟି ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପାଇବେ। ମିଡିଆ ରିପୋର୍ଟ ଅନୁସାରେ, 'ଦି ଗ୍ରେଟ୍ ଇଣ୍ଡିଆନ୍ କପିଲ୍ ଶୋ'ର ସିଜିନ୍ ୩, ୨୧ ଜୁନ୍ ୨୦୨୫ରୁ ଆରମ୍ଭ ହେବାକୁ ଯାଉଛି। ଏହି ଶୋ'ଟି ଓଟିଟି ପ୍ଲାଟଫର୍ମ ନେଟଫ୍ଲିକ୍ସରେ ଷ୍ଟ୍ରିମ୍ ହେବ। ପ୍ରତି ଶନିବାର ରାତି ୮ଟାରେ ଶୋ'ର ଏକ ନୂତନ ଏପିସୋଡ୍ ପ୍ରସାରିତ ହେବ।

କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik
Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com
Phone-0674-2975387
Mob: 9090962011
ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik